


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୯ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 AUGUST 2022
Vol.No. 35 ■ No. 208 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ଶାହାଙ୍କ ଫୋକସ୍‌ରେ ଓଡ଼ିଶା



ଭୁବନେଶ୍ୱର,୦୮/୦୮ (ନି.ପ୍ର): ଗୋଟିଏ ମଞ୍ଚରେ ଗୃହମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପୂର୍ବରୁ ବୋଧହୁଏ ଏପରି ଦୃଶ୍ୟ କେବେ ବି ଦେଖିବାକୁ ମିଳିନଥିଲା । ହେଲେ ଆଜି ସେମିତି ଏକ ସ୍ଥାନ ଥିଲା କଟକର ଇନଡୋର ଷ୍ଟାଡିୟମ । ଆଉ ଅବସର ଥିଲା ଦୈନିକ ଖବରକାଗଜ ପ୍ରଜାତନ୍ତ୍ରର ସ୍ୱନକ୍ଷତ୍ର ଉତ୍ସବ । ଏଥିରେ ଯୋଗ ଦେଇଥିଲେ ଶାହା ଏବଂ ଜୟ ଜଗନ୍ନାଥରୁ ଆରମ୍ଭ କରିଥିଲେ ଅଭିଭାଷଣ । ତେବେ କେନ୍ଦ୍ରରେ ଏନଡିଏ ସରକାର ସମୟରେ କିପରି ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ିଛି, ତାହା ବର୍ଣ୍ଣନା କରିଥିଲେ ଶାହା । ଗରିବ ପରିବାରରୁ ଆସି ଦ୍ରୌପଦୀ ମୁର୍ମୁ କିପରି ମହାମହିମ ଦ୍ରୌପଦୀ ମୁର୍ମୁ ହୋଇପାରିଲେ, ବଖାଣିଥିଲେ କେନ୍ଦ୍ର ଗୃହମନ୍ତ୍ରୀ । ୨୦୧୯ ନିର୍ବାଚନ ପୂର୍ବରୁ ଓଡ଼ିଶା ଗସ୍ତ ସମୟରେ ଅମିତ ଶାହାଙ୍କର ଯେପରି ଆକ୍ରାମକ ଅବତାର ଦେଖିବାକୁ ମିଳିଥିଲା, ଚଳିତ ଗସ୍ତରେ ସେପରି ଦେଖିବାକୁ ମିଳିନି । କିନ୍ତୁ ତାଙ୍କ ଅଭିଭାଷଣରୁ ଜଣାପଡୁଥିଲା, ଶାହାଙ୍କ ଫୋକସରେ ରହିଛି ଓଡ଼ିଶା । ଅନ୍ୟପଟେ ପ୍ରଜାତନ୍ତ୍ର ସ୍ୱନକ୍ଷତ୍ର ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ବିନା ଭୟ ଓ ଅନୁଗ୍ରହରେ କାମ କରୁ ଗଣମାଧ୍ୟମ । ଓଡ଼ିଶାକୁ ଅଗ୍ରଣୀ ଅଞ୍ଚଳ କରିବା ପାଇଁ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତେବେ ରାଜ୍ୟରେ ବିଜେପି ହେଉଛି ଶାସକ ଦଳର ପ୍ରମୁଖ ପ୍ରତିଦ୍ୱନ୍ଦୀ । ଅମିତ ଶାହା ସ୍ୱାଭାବିକ ଭାବେ ଜଣେ ଆକ୍ରମକ ନେତା ଭାବେ ଜଣାଶୁଣା ହୋଇଥିଲେ ବି ତାଙ୍କ ଭାଷଣରେ ସେପରି କିଛି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇନଥିଲେ । ଅବଶ୍ୟ ପ୍ରଜାତନ୍ତ୍ରର ସ୍ୱନକ୍ଷତ୍ର ଉତ୍ସବ ଏକ ଭିନ୍ନ ମଞ୍ଚ ଥିଲା । ତେବେ ଦୁଇ ଦଳର ଶତାଧିକ ସମର୍ଥକ ଉତ୍ସବରେ ଉପସ୍ଥିତ ରହି ଶକ୍ତି ପ୍ରଦର୍ଶନ କରିଥିଲେ ।

## ପ୍ରକାଶ ପାଇଲା ଯୁକ୍ତ-୨ କଳା ପରୀକ୍ଷା ଫଳ



ଭୁବନେଶ୍ୱର,୦୮/୦୮ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ-୨ କଳା ସ୍ରୋତର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷା ଫଳକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ପରିଷଦର ଅଧକ୍ଷ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରକୃତୀ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଛାତ୍ରଛାତ୍ରୀମାନଙ୍କୁ ନୂତନ ଉତ୍ସାହ ଓ ଉଦ୍ଦୀପନା ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଚଳିତ ବର୍ଷ କଳା ସ୍ରୋତରେ ଯୁକ୍ତ-୨ ପରୀକ୍ଷା ଦେବା ପାଇଁ ୨୧୩୪୦୬ ଜଣ ଛାତ୍ରଛାତ୍ରୀ ପଂଜୀକରଣ କରିଥିବାବେଳେ ୨୦୮୬୩୧ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରେ ୯୦୨୦୭ ଜଣ ଛାତ୍ର ଏବଂ ୧୧୮୪୨୪ ଜଣ ଛାତ୍ରୀ ରହିଛନ୍ତି । ଚଳିତ ବର୍ଷ ୧୭୧୨୮୮ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ପାସ ହାର ୮୨.୧୦% ରହିଛି । ଛାତ୍ରମାନଙ୍କ ପାସ ହାର ୭୫.୦୮% ଏବଂ ଛାତ୍ରୀମାନଙ୍କ ପାସ ହାର ୮୭.୪୫% ରହିଛି । ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୬୨୭୩୪, ଦ୍ୱିତୀୟ ଶ୍ରେଣୀରେ ୪୧୧୯୩ ଏବଂ ତୃତୀୟ ଶ୍ରେଣୀରେ ୬୭୩୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ସର୍ବାଧିକ ୮୭.୮୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ଧନ୍ଦାମୂଳକ ଶିକ୍ଷାରେ ଯୁକ୍ତ-୨ ପରୀକ୍ଷା ଦେବା ପାଇଁ ରାଜ୍ୟର ୫୮୬୪ ଜଣ ଛାତ୍ରଛାତ୍ରୀ ପଂଜୀକରଣ କରିଥିବାବେଳେ ୫୬୭୩ ଜଣ ପରୀକ୍ଷା ଦେଇଥିଲେ । ପରୀକ୍ଷା ଦେଇଥିବା ୨୯୮୫ ଛାତ୍ରଙ୍କ ମଧ୍ୟରୁ ୧୯୨୮ ଜଣ ପାସ କରିଥିବାବେଳେ ୨୬୮୮ ଜଣ ଛାତ୍ରୀଙ୍କ ମଧ୍ୟରୁ ୨୦୦୯ ଜଣ ପାସ୍ କରିଛନ୍ତି । ଚଳିତ ବର୍ଷ ୩୯୯୧ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷର ପାସ୍ ହାର ୭୦.୩୫% ରହିଛି । ଚଳିତ ବର୍ଷ ଛାତ୍ରମାନଙ୍କ ପାସ ହାର ୬୬.୩୯% ଓ ଛାତ୍ରୀମାନଙ୍କ ପାସ ହାର ୭୪.୭୩% ରହିଛି । ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୧୫୪୮, ଦ୍ୱିତୀୟ ଶ୍ରେଣୀରେ ୧୮୮୯ ଏବଂ ତୃତୀୟ ଶ୍ରେଣୀରେ ୫୩୮ ଜଣ ପାସ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ସର୍ବାଧିକ ୯୩.୮୯% ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷାର୍ଥୀମାନେ ହେଲ୍ପ ଲାଇନ ନଂ-୦୬୭୪-୨୩୦୧୦୯୮ରୁ ମଧ୍ୟ ଆବଶ୍ୟକୀୟ ସୂଚନା ପାଇପାରିବେ । ପରୀକ୍ଷା ଫଳ ଉନ୍ମୋଚନ ସମୟରେ ପରିଷଦର ଉପାଧକ୍ଷ ଶ୍ରୀ ତୁଷାରକାନ୍ତି ତ୍ରିପାଠୀ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଶ୍ରୀ ରଘୁରାମ ଆୟାର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଚିନ୍ମୟୀ କହଁର ଓ ପରୀକ୍ଷା ନିୟନ୍ତ୍ରକ ଡ. ଅଶୋକ କୁମାର ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଭିଜିଲାନ୍ସ ହାତରେ ଲାଗିଲା ଜିଏସ୍‌ଟି ଅତିରିକ୍ତ କମିଶନରଙ୍କ ଅଚଳାଚଳ ସମ୍ପତ୍ତି

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଭିଜିଲାନ୍ସ ହାତରେ ଲାଗିଛି ଜିଏସ୍‌ଟି ଅତିରିକ୍ତ କମିଶନର ପିୟୁଷକାନ୍ତ ପାଣିଙ୍କ ଅଚାଳାଚଳ ସମ୍ପତ୍ତି । ବାଣିଜ୍ୟକର ଓ ଜିଏସଟି ବିଭାଗ, କଟକ କର୍ପୋରେଟ-୨ର ଅତିରିକ୍ତ କମିଶନର ଅଛନ୍ତି ପିୟୁଷ । ସେ ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ଆଧାରରେ ଆଜି ତାଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି । ଶ୍ରୀ ପାଣି ଓ ତାଙ୍କ ପରିବାର ନାମରେ ବିପୁଳ ସମ୍ପତ୍ତି ଠୁଳ ଥିବା ଚଢ଼ଉ ପରେ ଭିଜିଲାନ୍ସ ସୂଚନା ଦେଇଛି । ଯାହା ଭିତରେ ଭୁବନେଶ୍ୱର ପ୍ରମୁଖ ଅଞ୍ଚଳରେ ରହିଥିବା ୧୧ଟି ପ୍ଲଟ ଠାବ କରାଯାଇଛି । ଏଗୁଡ଼ିକର ମୋଟ ମୂଲ୍ୟ ପାଖାପାଖି ୩.୭୦ କୋଟି ଟଙ୍କା ହେବ ବୋଲି ରେଜିଷ୍ଟାର ସେଲ ଡିଡ୍‌ରୁ ଜଣାପଡ଼ିଛି । ଏହାଛଡ଼ା ଭୁବନେଶ୍ୱର ଚନ୍ଦ୍ରଶେଖରପୁରରରେ ଏକ ତିନି ମହଲା କୋଠା, ଭୁବନେଶ୍ୱର ଅନ୍ଧାରୁଆରେ ଏକ ଫାର୍ମ ହାଉସ୍, ଭୁବନେଶ୍ୱର ଚକେଇସିଆଣୀରେ ଏକ ମହଲା କୋଠା, ଯାଜପୁର ରୋଡ୍ ▶▶ପୃଷ୍ଠା ୭

## ବିହାରରେ ଭାଙ୍ଗିପାରେ ଏନଡିଏ ସରକାର



ନୂଆଦିଲ୍ଲୀ, ୦୮/୦୮ : ବିହାରରେ ପୁଣିଥରେ ଦେଖାଦେଇଛି ରାଜନୈତିକ ଅସ୍ଥିରତା । ବିହାରରେ ନୀତୀଶ କୁମାରଙ୍କ ଜନତା ଦଳ ୟୁନାଇଟେଡ ବା ଜେଡିୟୁ ଏବଂ ତାଙ୍କ ସହଯୋଗୀ ବିଜେପି ମଧ୍ୟରେ ବିବାଦ ଖବର ରାଜନୀତିକୁ ସରଗରମ କରିଛି । ଏହାରି ଭିତରେ ବଡ଼ କଥା ସାମ୍ନାକୁ ଆସିଛି ଯେ ଆଗାମୀ ଦୁଇ-ତିନି ଭିତରେ ବିହାରରେ ଏନଡିଏ ସରକାର ଭାଙ୍ଗିପାରେ । ଏବଂ ପୁଣିଥରେ ଲାଲୁ ପ୍ରସାଦଙ୍କ ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡି ଓ ଜେଡିୟୁ ପୁଣିଥରେ ଏକାଠି ବିହାରରେ ସରକାର ଗଠନ କରିପାରନ୍ତି । ବିଜେପି ସହ ମେଂଟ ଭାଙ୍ଗି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର, ଆରଜେଡି, ଲେଫ୍ଟ ଫ୍ରଂଟ ଓ କଂଗ୍ରେସ ସହ ବିହାରରେ ବିକଳ୍ପ ସରକାର ଗଠନ କରିବା ନେଇ ଚର୍ଚ୍ଚା ହେଉଛି । ଗତ କିଛି ଦିନ ଧରି ବିଜେପି ଠାରୁ ଜେଡିୟୁ ଯେଉଁଭଳି ଭାବେ ଦୂରତା ବଜାୟ ରଖିଛି, ସେଥିରୁ ଦୁଇ ଦଳ ଭିତରେ ଫାଟ ସୃଷ୍ଟି ହୋଇଥିବା କୁହାଯାଉଛି । ଦୁଇଦିନ ତଳେ ଅର୍ଥାତ୍ ଶନିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରସିପି ସିଂ ଜେଡିୟୁରୁ ଇସ୍ତଫା ଦେଇଥିଲେ । ଯାହା ପରେ ଜେଡିୟୁ ଅଭିଯୋଗ ଆଣିଛି ଯେ ବିଜେପି ଆରସିପି ସିଂହଙ୍କୁ ଜରିଆରେ ଜେଡିୟୁକୁ କ୍ଷତି ପହଂଚାଇବାକୁ ▶▶ପୃଷ୍ଠା ୭

## ବିଜେଡି ଫୋକସରେ ମୟୂରଭଞ୍ଜ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ବିଜେଡି ଓ ବିଜେପିର ଫୋକସରେ ମୟୂରଭଞ୍ଜ । ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ମୟୂରଭଞ୍ଜରେ ସମରସଜ୍ଜା ଆରମ୍ଭ କରିଛନ୍ତି ଉଭୟ ବିଜେଡି ଓ ବିଜେପି । ୨୦୨୪ରେ ମୟୂରଭଞ୍ଜରେ ବିଜେପି ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିବା ବେଳେ ଏହାକୁ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି । ଆସନ୍ତା ୧୨ ତାରିଖରେ ମୟୂରଭଞ୍ଜ ଗସ୍ତରେ ଯିବେ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାକୁ ନେଇ ଜିଲ୍ଲା ବିଜେଡି ଶିବିର ଚଳଚଞ୍ଚଳ ହୋଇଛି । ମୟୁରଭଞ୍ଜ ବର୍ତ୍ତମାନ ଦେଶର ଚର୍ଚ୍ଚିତ ସ୍ଥାନ, ଯାହାକୁ ନେଇ ବର୍ତ୍ତମାନ ଅନେକ ରାଜନୈତକ ଚର୍ଚ୍ଚା କରାଯାଉଛି । କେନ୍ଦ୍ରୀୟ ବିଜେପି ମୟୁରଭଞ୍ଜର ଆଦିବାସୀ ଚେହେରା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ଆସନରେ ବସାଇ ଆଦିବାସୀ ଭୋଟକୁ ଫୋକସ କରିଛି । ତେଣୁ ମୟୁରଭଞ୍ଜରୁ ବିଜେପିର ରାଜନୈତିକ ଅଭିଯାନ ଆରମ୍ଭ କରିଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା କରାଯାଉଛି । ତେଣୁ ବିଜେପିର ରଣନୀତିକୁ ଚେକ୍ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛି ବିଜେଡି । ଆସନ୍ତା ୧୨ ତାରିଖରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୟୁରଭଞ୍ଜ ମୈଦାନକୁ ଓହ୍ଲାଇ ୨୦୨୪ ନିର୍ବାଚନର ବିଗୁଲ ବଜାଇବେ । ଯଦିଓପି ଏହା ତାଙ୍କର ସରକାରୀ କାର୍ଯ୍ୟକ୍ରମ , ତଥାପି ଦଳୀୟ ନେତା ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବେଶ ଉତ୍ସାହିତ ଅଛନ୍ତି । ଏଥିପାଇଁ ଦଳ ପକ୍ଷରୁ ସମରସଜ୍ଜା ଆରମ୍ଭ ହୋଇଛି । ତେବେ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରି ବିଜେପି ନୂଆ ରାଜନୈତିର ସମୀକରଣ ଲକ୍ଷ୍ୟରେ ରହିଛି । ୨୦୨୪ ନିର୍ବାଚନରେ ଏହା ଦଳକୁ ଫାଇଦା ଦେବ ବୋଲି ଦଳ ଆକଳନ କରିଛି ।

## ତାଇୱାନ୍ ଚତୁଃପାର୍ଶ୍ୱରେ ସମରାଭ୍ୟାସ ଜାରି ରଖିଛି ଚୀନ୍

ବେଜିଙ୍ଗ୍, ୦୮/୦୮ (ନି.ପ୍ର): ଆଜି ଚୀନ୍ ତାଇୱାନ୍ ଚତୁଃପାର୍ଶ୍ୱରେ ସଦ୍ୟ ସମରାଭ୍ୟାସ ଚଳାଇଥିବା କଥା ବେଜିଙ୍ଗ୍ କହିଛି । କିନ୍ତୁ, ରବିବାର ଦିନ ଏହି ସମରାଭ୍ୟାସ ଶେଷ ହେବ ବୋଲି ଆଗରୁ ବେଜିଙ୍ଗ୍ ଘୋଷଣା କରିଥିଲା । ସୂଚନାଯୋଗ୍ୟ, ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିନିଧି ସଭାର ବାଚସ୍ପତି ନେନ୍‌ସି ପିଲୋସିଙ୍କ ଗସ୍ତକୁ ବିରୋଧ କରି ଗଣତାନ୍ତ୍ରିକ ଦ୍ୱୀପ ଚାରିପଟେ ଚୀନ୍ ବ୍ୟାପକ ସମରାଭ୍ୟାସ ଆରମ୍ଭ କରିଥିଲା । ଏହି ସମରାଭ୍ୟାସ ରବିବାର ଦିନ ପ୍ରତ୍ୟାହାର କରି ନିଆଯିବ ବୋଲି ଆଶା କରାଯାଉଥିଲା । କିନ୍ତୁ, ସମରାଭ୍ୟାସର ଅବସାନ ବିଷୟରେ ବେଜିଙ୍ଗ୍ କି ତାଇପଇେ ସୁନିଶ୍ଚିତ କରି କିଛି କହି ନ ଥିଲେ । ଅବଶ୍ୟ ତାଇୱାନ୍‌ର ପରିବହନ ମନ୍ତ୍ରୀ କହିଥିଲେ ଯେ, ଆଂଶିକ ଭାବେ ସମରାଭ୍ୟାସ ପ୍ରତ୍ୟାହାର କରାଯାଉଥିବା ସଂକ୍ରାନ୍ତରେ କିଛି ପ୍ରମାଣ ମିଳିଛି । ତାଇୱାନ୍ ଚତୁଃପାର୍ଶ୍ୱରେ ଚୀନ୍ ଲଢୁଆ ବିମାନ, ଯୁଦ୍ଧପୋତ ଏବଂ ବାଲିଷ୍ଟିକ୍ ମିସାଇଲ୍ ମୁତୟନ କରିବା ଦେଖି ଯୁଦ୍ଧ ବିଶ୍ଳେଷଣକାରୀମାନେ କହିଥିଲେ କି, ଏହି ▶▶ପୃଷ୍ଠା ୭

## ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୮/୦୮ (ନି.ପ୍ର): ଗଣତାନ୍ତ୍ରିକ ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଆମର ବିଶାଳ ସାଂସ୍କୃତିକ ଐତିହ୍ୟ, ନୈତିକ ମୂଲ୍ୟ, କୁ ବଜାୟ ରଖିବା ସହ ଦେଶର ଏକାତ୍ମତା ଓ ସାଂପ୍ରଦାୟିକ ସୌହାର୍ଦ୍ଦ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ବିନା ଭୟ ଓ ଅନୁଗ୍ରହରେ କର୍ତବ୍ୟ ସମ୍ପନ୍ନ କରୁ । କଟକରେ ପ୍ରଜାତନ୍ତ୍ରର ୭୫ତମ ପୂର୍ତ୍ତି ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା କହିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଉଦବୋଧନରେ ଆଗକୁ କହିଥିଲେ, ଲୋକଙ୍କ ବିଶ୍ୱାସ ଭରସାରେ ଗଣମାଧ୍ୟମ ଚାଲିଛି । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ବାସ୍ତବିକ ସମସ୍ୟାକୁ ଗୁରୁତ୍ୱ ଗଣମାଧ୍ୟମ ଦେଉ । ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ । ବଳିଷ୍ଠ ଗଣତାନ୍ତ୍ରିକ ମୂଲ୍ୟବୋଧର ଦେଶ ହେଉଛି ଭାରତ । ଗଣମାଧ୍ୟମ ଲୋକଙ୍କ ସ୍ୱର ହୋଇଥିବାରୁ ଗଣତନ୍ତ୍ର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉ । ଏହି ଅବସରରେ ସ୍ୱାଧୀନତାସଂଗ୍ରାମୀଙ୍କୁ ପ୍ରଣାମ ଜଣାଇଲେ ନବୀନ । ଛାପା ଗଣମାଧ୍ୟମ ହେଉ କିମ୍ବା ବୈଦୁତିକ ଗଣମାଧ୍ୟମ ଦେଶର ସାଂସ୍କୃତିକ, ଐତିହ୍ୟ ଓ ନୈତିକତା ବଜାୟ ରଖି ଜାତୀୟ ଏକତା ଓ ସଂହତିକୁ ପ୍ରୋତ୍ସାହନ ଦେବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଖବର କାଗଜ, ବୈଦ୍ୟୁତିକ ଗଣମାଧ୍ୟମ କିମ୍ବା ସୋସିଆଲ ମିଡିଆ ଧର୍ମ ନିରପେକ୍ଷତା ମାନସିକତା ରଖି କାମ କରିବା ଉଚିତ । ସ୍ୱାଧୀନତା ସଂଗ୍ରାମରେ ସତ୍ୟ ଓ ଅହିଂସା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସ୍ୱାଧୀନତାର ୭୫ ବର୍ଷ ଅବସରରେ ସମାଜରେ ସବୁ ସ୍ତରରେ ଏଭଳି ମୂଲ୍ୟବୋଧ ସୁରକ୍ଷା ପାଇଁ ସମସ୍ତଙ୍କୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ସାବଧାନ: ୧୬ରୁ ହେବ ସ୍ପେଶାଲ୍ ଡ୍ରାଇଭ୍

ଭୁବନେଶ୍ୱର,୦୮/୦୮ (ନି.ପ୍ର): ବନା ହେଲମେଟ୍‌ରେ ଗାଡ଼ି ଚଳାଉଥିଲେ ସାବଧାନ ହୋଇ ଯାଆନ୍ତି । କାରଣ ଅଗଷ୍ଟ ୧୬ରୁ ୩୦ ତାରିଖ ଯାଏଁ ସ୍ପେଶାଲ୍ ଡ୍ରାଇଭ କରିବାକୁ ଯାଉଛି ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି(ଏସ୍‌ଟିଏ) । ରାଜ୍ୟରେ ଦେଇଯାଇଥିବା ସବୁ ଜାତୀୟ ରାଜପଥ ଓ ରାଜପଥରେ ଏସ୍‌ଟିଏ ପକ୍ଷରୁ ସ୍ପେଶାଲ ଡ୍ରାଇଭ କରାଯିବ । ସ୍ପେଶାଲ ଡ୍ରାଇଭ ବେଳେ ବାଇକରେ ୩ ଜଣ ଯିବା ଧରାପଡ଼ିଲେ ଦଣ୍ଡିତ ହେବେ । ୧୮ ବର୍ଷରୁ କମ୍ ପିଲା ଗାଡ଼ି ଚଳାଉ ଥିଲେ ମଧ୍ୟ ଦଣ୍ଡିତ ହେବେ । ହେଲମେଟ୍ ପିନ୍ଧି ନ ଥିଲେ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ । ଠିକ୍ ସେହିପରି ପିଲଅନ୍ ରାଇଡର ହେଲମେଟ୍ ପିନ୍ଧି ନ ଥିଲେ ଚାଳକଙ୍କ ଲାଇସେନ୍ସ ୩ ମାସ ବାତିଲ କରାଯିବ ବୋଲି ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି । ୨୦୨୧ ମସିହାରେ ବାଇକ୍ ଦୁର୍ଘଟଣାରେ ୧୩୦୮ ଜଣଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ଭିତରୁ ୮୬୮ ଜଣ ବାଇକ୍ ଚାଳକ ହୋଇଥିବା ବେଳେ ୪୪୦ ଜଣ ପିଲଅନ୍ ଥିଲେ । ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ସମସ୍ତ ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧି ନଥିଲେ । ଠିକ୍ ସେମିତି ବାଇକ୍ ଦୁର୍ଘଟଣାରେ ୧୨୮୦ ଜଣ ଗୁରୁତର ଆହତ ହୋଇଥିବା ବେଳେ ୭୪୭ ଜଣ ସାମାନ୍ୟ ଆହତ ହୋଇଛନ୍ତି । ସୂଚନାରୁ ପ୍ରକାଶ, ଦୁର୍ଘଟଣା ରୋକିବା ପାଇଁ ବାଇକ୍ ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କ ହେଲ୍‌ମେଟ୍ ବାଧ୍ୟତାମୂଳକ କରାଯାଇଛି । ଏହା ସତ୍ତ୍ୱେ କେତେକ ବେପରୁଆ ବ୍ୟକ୍ତି ବିନା ହେଲ୍‌ମେଟ୍ ଦ୍ରୁତ ଗତିରେ ଗାଡ଼ି ଚଳାଉଛି । ଯାହାଫଳରେ ସେମାନେ ଦୁର୍ଘଟଣାରେ ପଡ଼ିବା ସହିତ ଅନ୍ୟକୁ ମୃତ୍ୟୁ ମୁହଁକୁ ଠେଲି ଦେଉଛନ୍ତି । ଠିକ୍ ସେମିତି କେତେକ ଶିକ୍ଷକ ଅଭିଭାବକ ବେପରୁଆ ଭାବେ ନିଜର ପିଲାଙ୍କୁ ଗାଡ଼ି ଚଳାଇବାକୁ ଦେଇଦେଉଛନ୍ତି । ସେମାନେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଦୁର୍ଘଟଣାରେ ଶିକାର ହେଉଛନ୍ତି । ଏହା ଉପରେ ରୋକ ଲଗାଇବା ପାଇଁ ଏସ୍‌ଟିଏ ଏପରି ସ୍ପେଶାଲ୍ ଡ୍ରାଇଭ୍ କରିବାକୁ ଯାଉଛି ।

## "ମୋଦି @ ୨୦" ପୁସ୍ତକର ଓଡ଼ିଶା ଚାପ୍ଟର ଲୋକାର୍ପଣ କଲେ କେନ୍ଦ୍ର ଗୃହମନ୍ତ୍ରୀ



ଭୁବନେଶ୍ୱର,୦୮/୦୮ (ନି.ପ୍ର): ଓଡ଼ିଶାରେ ବିଜେପିର ସରକାର ହେବାକୁ ଯାଉଛି । ଲୋକଙ୍କ ବିଶ୍ୱାସକୁ ଜିତି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବାଧିକ ଲୋକପ୍ରିୟ ହୋଇପାରିଛନ୍ତି ବୋଲି ସୋମବାର ଭୁବନେଶ୍ୱର ଠାରେ "ମୋଦି @୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ପୁସ୍ତକର ଓଡ଼ିଶା ଚାପ୍ଟର'ର ଉନ୍ମୋଚନ ତଥା ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟରେ ଲଗାତାର ୩ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଲଗାତାର ୨ ଥର ପ୍ରଧାନମନ୍ତ୍ରୀ ହୋଇସାରିଛନ୍ତି । ଲୋକଙ୍କ ବିଶ୍ୱାସକୁ ଜିତି ଆଜି ସେ ସର୍ବାଧିକ ଲୋକପ୍ରିୟ ହୋଇପାରିଛନ୍ତି । ଦୀର୍ଘ ୨୦ ବର୍ଷ ଶାସନରେ ପ୍ରଧାନମନ୍ତ୍ରୀ ମୋଦି ପରିବାରବାଦ ଏବଂ ତୁଷ୍ଟୀକରଣର ରାଜନୀତିକୁ ସମାପ୍ତ କରିଛନ୍ତି । ପରିବାରବାଦ ଜାଗାରେ ପଲିଟିକ୍ସ ଅଫ୍ ପର୍ଫମାନ୍ସ ବା ପ୍ରଦର୍ଶନ ଅନୁସାରେ ରାଜନୀତିର ନୂଆ ଧାରା ତିଆରି କରିଛନ୍ତି । ଲୋକତନ୍ତ୍ରରେ ସେହି ସଫଳ ହେବ, ଯିଏ ପରଫର୍ମ କରିବ । ସେହିପରି "ମୋଦି @୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ଭଳି ଏକ ପୁସ୍ତକରେ ମୋଦିଙ୍କ କାର୍ଯ୍ୟ ଓ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ । ପୁସ୍ତକ ତୁଳନାରେ ତାଙ୍କର କାର୍ଯ୍ୟ ଓ ବ୍ୟକ୍ତିତ୍ୱ ବହୁତ ବଡ । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସ୍ୱାଧୀନତୋର ଭାରତରେ ଜବାହାର ଲାଲ ନେହୁରଙ୍କ ଠାରୁ ମନମୋହନ ସିଂହଙ୍କ ପର୍ଯ୍ୟନ୍ତ ଅନେକ ପ୍ରଧାନମନ୍ତ୍ରୀ ନୂଆ କୀର୍ତ୍ତି ସ୍ଥାପନ କରିଛନ୍ତି । କିନ୍ତୁ ଦେଶରେ ପ୍ରଥମ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଠୋର ପରିଶ୍ରମ ଦ୍ୱାରା ଗରିବ ଲୋକଙ୍କ ପାଇଁ ଦେଖିଥିବା ସ୍ୱପ୍ନକୁ ସାକାର କରୁଛନ୍ତି । ସେଥିପାଇଁ ମୋଦି କହିଥିଲେ ମୋ ସରକାର ଗରିବ, ଯୁବକ, ମହିଳା, ଜନଜାତି ବଞ୍ଚିତ ପାଇଁ ସମର୍ପିତ ରହିବ । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ,ସବକା ପ୍ରୟାସ ଦର୍ଶନରେ ଜନଭାଗିଦାରୀର ଅନନ୍ୟ ଜନଆନ୍ଦୋଳନ ହେଉଛି ମୋଦି ସରକାରର ବଡ଼ ବିଶେଷତା । ଅଦ୍ୱିତୀୟ ନେତା ମୋଦିଙ୍କ ଗୁଜୁରାଟ ମଡେଲରୁ ଇଣ୍ଡିଆ ମଡ଼େଲ, ଜନକଲ୍ୟାଣକାରୀ ଯୋଜନା ଆଜି କୋଟି କୋଟି ଲୋକଙ୍କୁ ନୂଆ ଆଶା ଓ ଭରସା ଦେଇଛି । ମୋଦି ବିଶ୍ୱର ଗରିବ ଲୋକମାନଙ୍କର ଆଶାର ପ୍ରତୀକ ହୋଇଛନ୍ତି । ବିକଶିତ ରାଷ୍ଟ୍ର ଓ ବିଶ୍ୱର ସବୁ ଅଞ୍ଚଳରେ ମୋଦିଙ୍କ ଲୋକପ୍ରିୟତା ଶୀର୍ଷରେ ଅଛି । ମୋଦିଙ୍କ ମଡେଲକୁ ଅନେକ ବଡ ବଡ଼ ରାଷ୍ଟ୍ର ଗ୍ରହଣ କରୁଛନ୍ତି । ଦିନେ ଖାଦ୍ୟର ଅଭାବକୁ ଦୂର କରିବା ପାଇଁ ଭାରତ ଆମେରିକାରୁ ନିମ୍ନମାନର ଚାଉଳ ଗହମ ଆମଦାନୀ କରୁଥିଲା । ମାତ୍ର ଏବେ ଆମେରିକା ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ହାତ ମିଳାଇବାକୁ ତାଙ୍କ ପାଖକୁ ଆସୁଛନ୍ତି । ଏହା ପରିବର୍ତ୍ତିତ ଭାରତ ବା ନୂଆ ଭାରତ ଏବଂ ଏହାର ମୁଖ୍ୟ ବିନ୍ଧାଣୀ ହେଉଛନ୍ତି ▶▶ପୃଷ୍ଠା ୭

## ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ ଆଗାମୀ ପାଂଚ ଦିନ ମଧ୍ୟରେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆ ଯାଇଛି । ଦକ୍ଷିଣ ଓଡ଼ିଶା ନିକଟବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଉତର ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ପଶ୍ଚିମ କେନ୍ଦ୍ରୀୟ ଉପସାଗର ଉପରେ ଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ସହିତ ଜଡିତ ସାମୁଦ୍ରିକ ଘୂର୍ଣ୍ଣିବଳୟ ଏବେ ସକ୍ରିୟ ରହି ଥିବା କେନ୍ଦ୍ର ପକ୍ଷରୁ ସୂଚନା ଦିଆ ଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଏହା ଏକ ଅବପାତରେ ପରିଣତ ହୋଇ ସମଗ୍ର ଓଡିଶାର ପଶ୍ଚିମ-ଉତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । କେନ୍ଦ୍ର ପକ୍ଷରୁ ଜାରୀ ▶▶ପୃଷ୍ଠା ୭

# ହର ଘର ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା

ଜୟପୁର,୦୮/୦୮ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ତରଫରୁ ହର ଘର ତିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ମୁଖ୍ୟ ଟ୍ରାଫିକ ଛକ ଠାରୁ ଏହି ସଚେତନତା ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ମୁଖ୍ୟ ଡାକଘରେ ପହଂଚି ଥିଲା । ଏହି ଶୋଭାଯାତ୍ରାରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ ଡାକ ବିଭାଗ ସୁପରିଟେଣ୍ଡେଂଟ ମନୋଜ ପ୍ରଗଡା, ପୋଷ୍ଟାଲ କର୍ମଚାରି, ସାରଦା ବିହାରର ଛାତ୍ର, ଭିଡି କଲେଜର ଏନସିସି କ୍ୟାଡେଟ, ଜୟପୁରବାସୀ ଜାତିୟ ପତାକା ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଆସନ୍ତା ୧୩ ରୁ ୧୫ ତାରିଖ ୩ ଦିନ ସମସ୍ତେ ନିଜ ଘର ଉପରେ ପତକା ଲଗାଇବା ନେଇ ସଚେତନ କରିଥିଲେ । ଏହାର ଉଦ୍ଦେଷ୍ୟ ହେଲା ଭାରତୀୟ ମାନଙ୍କ ମନରେ ଦେଶ ପ୍ରେମ ଉଦବୁଦ୍ଧ କରିବା ଓ ଭାରତ ଗଠନ ପାଇଁ ଯେଉଁ ମାନେ ଲଗାତାର କାମ କରି ଆସୁଛନ୍ତି ସେମାନଙ୍କୁ ମନେ ପକାଇବା । ଏହି ତ୍ରିରଙ୍ଗା ଡାକ ବିଭାଗରେ ୨୫ ଟଙ୍କା ଦରରେ ବିକ୍ରୟ କରାଯାଉଛି । ଇ ପୋଷ୍ଟ ଅଫିସ ପୋର୍ଟାଲରେ ମଧ ପତକା ମିଳିବ । କୋରାପୁଟ ପୋଷ୍ଟାଲ ଡିଭିଜନର ୬ଟି ରେଭିନ୍ୟୁ ଜିଲାର ୫୬୮ଟି ପୋଷ୍ଟ ଅଫିସରେ ତ୍ରିରଙ୍ଗା ବିକ୍ରୟ ହେଉଛି ।

# କବି ଶିବ ପ୍ରସାଦ ଦାଶଙ୍କ ପୁସ୍ତକ କାବ୍ୟ ସମଗ୍ର ଉନ୍ମୋଚିତ

ବାସୁଦେବପୁର,୦୮/୦୮ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନହଲ ପରିସରରେ ଓଡ଼ିଶାର ବିଶିଷ୍ଟ କବି ଶିବ ପ୍ରସାଦ ଦାଶ ଙ୍କ ପୁସ୍ତକ କାବ୍ୟ ସମଗ୍ର ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । କବି ଇଂ ଅଭୟ ସୁତାର ଙ୍କ ସଭାପତିତ୍ୱରେ ଏହି ଉତ୍ସବ ରେ ଉଦଘାଟକ ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଓଡ଼ିଶାର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଅନ୍ୟ ମାନଙ୍କ ମଧରେ କବି ସୁଧାକର ସନ୍ଧି ବିଗ୍ରହ, କବି ପଦ୍ମଲୋଚନ ଦାଶ, କବି ଇଂ ଅରୁଣ ସାହୁ,ଭୁବନେଶ୍ୱର ପକ୍ଷୀଘର ର ପ୍ରକାଶକ ବନୋଜ ତ୍ରିପାଠୀ, ପ୍ରଫେସର ବସନ୍ତ ପଣ୍ଡା, ଡକ୍ଟର ଦେବାଶିଷ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ଅଧାପକ ନିହାର ରଞ୍ଜନ କର , ବାସୁଦେବପୁର ପୌରପାଳିକା ଅଧକ୍ଷା ନିବେଦିତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିଙ୍କ ପୁସ୍ତକ ର ଉଚ୍ଚକୋଟୀର ଲେଖା କୁ ପ୍ରଶଂସା କରିଥିଲେ । କବିଙ୍କ ପୁତ୍ର ଅଜିତ ଦାଶ ଅତିଥି ଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲା ବେଳେ ବିଧାୟକ ପ୍ରତିନିଧି ଅସିତ ଦାଶ ସ୍ୱାଗତ ଭାଷଣ ରଖିଥିଲେ । କବି ବିକାଶ ଶତପଥୀ ଧନ୍ୟବାଦ ଦେଇଥିଲେ । ଅତିଥି ମାନଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଙ୍କ ଲିଖିତ ବନ୍ଦେ ଉତ୍କଳ ଜନନୀ ସଂଗୀତ ର ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାରଳା ଭାଷା, ସାହିତ୍ୟ ଏବଂ ପୁରାତତ୍ତ୍ୱ ଗବେଷଣା ନ୍ୟାସ,ଭୁବନେଶ୍ୱର ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ହୋଇଥିବା ବନ୍ଦେ ଉତ୍କଳ ଜନନୀ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ କବିତା ପାଠ ଉତ୍ସବ ରେ ବହୁ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଏହି ଉତ୍ସବ ରେ ଶହୀଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ଶିକ୍ଷାବିତ ଦୁଃଶାସନ ରାଉତ, କବି ଅଭିମନ୍ୟୁ ବେହେରା, ସୁଧାଂଶୁ ଶେଖର ମିଶ୍ର, ଶିଳ୍ପପତି ମହେଶ ଦାସ, ଅଧାପକ ବସନ୍ତ ଦାଶ, ଆଡଭୋକେଟ ସ୍ମୃତି ରଞ୍ଜନ ପଳିତା, ପ୍ରଣୟ ମହାପାତ୍ର, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ଦୟାନିଧି ସାହୁ, କବି ସୁଦର୍ଶନ ଅଗସ୍ତି, କବି ବନମାଳୀ ବାରିକ, କବି ଶଶାଙ୍କ ସାହୁ, ନିରଞ୍ଜନ ସେଠୀ, ଭାଗିରଥି ମହନି, ସନାତନ ପୁରୀ, ଶିକ୍ଷାବିତ ପଣ୍ଡିତ ଦୟାନିଧି ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# ଝାଡ଼ବନ୍ଧ ଗରୁଡ଼େଶ୍ୱର ଉଚ୍ଚ ବିଦ୍ୟାଳୟରେ ଭୌତିକ କାଣ୍ଡ : ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ଗଞ୍ଜାମ,୦୮/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଝାଡ଼ବନ୍ଧ ଗରୁଡ଼େଶ୍ୱର ଉଚ୍ଚ ବିଦ୍ୟାଳୟରେ ଭୌତିକ କାଣ୍ଡକୁ ନେଇ ସମ୍ପୃକ୍ତ ଅଂଚଳରେ ଚର୍ଚ୍ଚା ଲାଗିରହିଛି । ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି । ଗ୍ରାମବାସୀ ମଧ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ପ୍ରକାରେ ଦୁଇ ସପ୍ତାହ ତଳେ ବିଦ୍ୟାଳୟରେ ପ୍ରାର୍ଥନା ଚାଲୁଥିବା ସମୟରେ ଜଣେ ଛାତ୍ରୀ ଅଚେତ୍ ହୋଇପଡିଥିଲେ । ଏହାପରେ ଆଉ ୭ ଜଣ ଛାତ୍ରୀ ମଧ ଅଚେତ୍ ହୋଇପଡିଥିଲେ । ଅଭିଭାବକ ମାନେ ଛାତ୍ରୀମାନଙ୍କୁ ଘରକୁ ନେଇ ଯାଇଥିଲେ । ସ୍ୱାସ୍ଥ୍ୟକର୍ମୀ ଅସୁସ୍ଥ ଛାତ୍ରୀମାନଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହା ପରଦିନ ଝାଡ଼ବନ୍ଧରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । କେତେକ ଛାତ୍ରଛାତ୍ରୀ ନିମ୍ନ ରକ୍ତଚାପ ଯୋଗୁଁ ଏଭଳି ଅସୁସ୍ଥ ହୋଇପଡିଥିବା ଜଣାପଡିଥିଲା । ସେମାନଙ୍କୁ ଔଷଧ ବିତରଣ କରାଯାଇଥିଲା । ଏହାର କିଛି ଦିନ ପରେ ପୂର୍ବରୁ ଅଚେତ୍ ହୋଇଥିବା ଛାତ୍ରୀଙ୍କ ମଧ୍ୟରୁ ଦୁଇ ଜଣ ଅଚେତ୍ ହୋଇପଡିଥିଲେ । ଶୁକ୍ରବାର ଦିନ ପୁଣି ୭ ଜଣ ଛାତ୍ରୀ ଚେତାଶୂନ୍ୟ ହୋଇପଡିଥିଲେ । ଭୌତିକ କାଣ୍ଡ କିମ୍ବା ଗୁଣିଗାରେଡ଼ି ଯୋଗୁଁ ଏପରି ଘଟୁଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି । ଏ ସମ୍ପର୍କରେ ଆଜି ପୁଣି ଥରେ ଗ୍ରାମବାସୀ ଗାଙ୍ଗପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଗ୍ରାମବାସୀଙ୍କୁ ନେଇ ଥାନା ପରିସରରେ ଏକ ସଚେତନତା ବୈଠକ କରିଛନ୍ତି । ଆସନ୍ତା ସୋମବାର ଧରାକୋଟରେ ଆୟୋଜିତ ହେବାକୁ ଥିବା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅସୁସ୍ଥ ଛାତ୍ରୀ ମାନଙ୍କ ଉଚ୍ଚସ୍ତରିୟ ଚିକିତ୍ସା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଓଡ଼ିଶା ମୋ ପରିବାର ଆନୁକୁଲ୍ୟରେ ବ୍ରହ୍ମବରଦାଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା,୦୮/୦୮ (ନି.ପ୍ର): ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କରୋନା ମହାମାରୀ ସମୟରେ ରାଜ୍ୟରେ ରକ୍ତର ଘୋର ଅଭାବ ଦେଖା ଦେଇଥିଲା । ଯେଉଁଥିପାଇଁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମକୁ ଆଗେଇ ନେଉଛି । ଏହି ଅବସରରେ ଯାଜପୁର ଜିଲ୍ଲା ବରୀ ନିର୍ବାଚନ ମଣ୍ଡଳୀର ବ୍ରହ୍ମବରଦା, ମହେଶ୍ୱରପୁର ଓ ବନ୍ଧଡିହ ପଂଚାୟତକୁ ନେଇ ବ୍ରହ୍ମବରଦା ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବରୀ ବିଧାୟିକା ସୁନନ୍ଦା ଦାସ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କଟକ ରେଡ଼କ୍ରସ ସହାୟତାରେ ଏହି ତିନିଗୋଟି ପଂଚାୟତର ସ୍ୱେଚ୍ଛାସେବୀ, ଦଳୀୟ କର୍ମକର୍ତ୍ତା ଓ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ରାକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏବଂ ସ୍ୱେଚ୍ଛାସେବୀ ଓ ରେଡ଼କ୍ରସର ସମସ୍ତ କର୍ମଚାରୀମାନଙ୍କୁ ମନ୍ତ୍ରୀ ଶ୍ରୀମତି ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ମୋଟ ୧୧୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

## କୋଇଡ଼ା ଅଂଚଳରେ ହାତୀପଲଙ୍କ ଉପଦ୍ରବ

ବଣେଇ,୦୮/୦୮ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ ଅନ୍ତର୍ଗତ କୋଇଡ଼ା ବ୍ଲକର ସର୍ଗିଗୁଡ଼ା, ସଡୁଆ ଓ ପାଟମୁଣ୍ଡାରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି । ଏହି ପଲରେ ଛୋଟବଡ ହୋଇ ୧୨ଟି ହାତୀ ରହିଛନ୍ତି । ସଂଧ୍ୟା ପରେ ଏହି ହାତୀପଲ ଗ୍ରାମାଭିମୁଖୀ ହେଉଛନ୍ତି । ବ୍ୟାପକ ଧାନ ଓ ପନିପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ସହ ହାତୀ ଘଉଡାଇବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ସାରସମାଲ - ସିଲେଟକାନି ସେତୁର ଭିତ୍ତିପ୍ରସ୍ତର ଦେଲେ ନରସିଂହ

ବଲାଙ୍ଗିର,୦୮/୦୮ (ନି.ପ୍ର): ଆଜି ଦେଓଗାଁ ବ୍ଲକ ସ୍ଥିତ ସାରସମାଲ ପଂଚାୟତର ସାରସମାଲ ଠାରେ ସାରସମାଲରୁ ସିଲେଟକାନିକୁ ସଂଯୋଗ କରୁଥିବା ରାସ୍ତାସ୍ଥିତ ଝରିଆଯୋର ଉପରେ ୩କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ର ଏକ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସ୍ଥାନୀୟ ସରପଂଚ ଗୋପାଳ କୃଷ୍ଣ ବାଗ ଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ଦିଆଯାଇଥିବା ଏହି ବିଜୁ ସେତୁ ଯୋଜନା ଅନ୍ତର୍ଗତ ଏହି ସେତୁ ପାଇଁ ଏ ଅଂଚଳର ଲୋକେ ବହୁ ଦିନରୁ ଦାବି କରିଆସୁଥିଲେ । ଉପସ୍ଥିତ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା ଓ ସହକାରୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର ଏହି ସେତୁଟିକୁ ନିର୍ଦ୍ଧାରିତ ସମୟସୀମା ମଧରେ ସଂପୂର୍ଣ୍ଣ କରିବାର ପ୍ରତିଶୃତି ଦେଇଥିଲେ । ଭିତ୍ତିପ୍ରସ୍ତର ପରବର୍ତ୍ତି ସଭାରେ ସାରସମାଲ ପଂଚାୟତର ବିଭିନ୍ନ ଗାଁର ଲୋକେ ଉପସ୍ଥିତ ହୋଇ ସେମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅବଗତ କରିଥିଲେ । ବିଶେଷ କରି ସାରସମାଲରୁ ସିଲେଟକାନିକୁ ଯାଇଥିବା ରାସ୍ତା ବହୁତ ଖରାପ ଥିବାରୁ ତାର ନିର୍ମାଣ ପାଇଁ ବିଧାୟକଙ୍କୁ ଲୋକେ ଅନୁରୋଧ କରିଥିଲେ । ତା ସହ ସାରସମାଲରେ ଏଏନ୍ଏମ୍ ସେଂଟର ନ ଥିବାରୁ ପ୍ରସୂତି ମହିଳାମାନେ ଟିକା ନେବା ପାଇଁ ଝରିଆଯୋର ଦେଇ ପାଣି ଭିତରେ ସିଲେଟକାନିକୁ ଯାଉଛନ୍ତି । ତେଣୁ ସାରସମାଲରେ ଏକ ଏଏନ୍ଏମ୍ ସେଂଟର ର ବ୍ୟବସ୍ଥା କରିବା ପାଇଁ ଲୋକେ ବିଧାୟକଙ୍କୁ ଅନୁରୋଧ କରିଥିଲେ । ତା ସହ ସାରସମାଲ ପଂଚାୟତ ଅନ୍ତର୍ଗତ ଚୋରମରା , କନକପୁର, ପୁଲସଖଣ୍ଡି, ଅଫାମରା ଇତ୍ୟାଦି ଗାଁକୁ ଉନ୍ନତ ରାସ୍ତା କରାଯାଉ ବୋଲି ମଧ ଦାବି ହୋଇଥିଲା । ଯାହାକି ବିଧାୟକ ଶ୍ରୀ ମିଶ୍ର ସେଠାରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ତଥା ଅନ୍ୟାନ୍ୟ ଯନ୍ତ୍ରୀ ଆଜି ଏକା ଏ ଅଂଚଳର ଏ ସମସ୍ତ ଗାଁକୁ ଯାଇଥିବା ରାସ୍ତାକୁ ପରିଦର୍ଶନ କରି ସେ ଉପରେ ଏକ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସାରସମାଲ ସିଲେଟକାନି ରାସ୍ତାକୁ ଯେତେ ଶିଘ୍ର ହେବ ନୁଆ ଭାବେ ନିର୍ମାଣ ହେବ ପ୍ରତିଶୃତି ଦେଇଥିଲେ । ଉପସ୍ଥିତ ଥିବା ଲୋକଙ୍କୁ ସେ ଯୋଗାଯୋଗ ରଖି ସମସ୍ୟା ସଂପର୍କରେ ଅବଗତ କରାଇଲେ ନିଶ୍ଚିତ ଭାବରେ ସାରସମାଲ ପଂଚାୟତର ସର୍ବାଙ୍ଗିନ ଉନ୍ନତି କରିବାରେ ସେ ସହଯୋଗ କରିବେ ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସରପଂଚ ଗୋପାଳ ବାଗ, ଜଗବନ୍ଧୁ ମେହେର, ଭାଗିରଥି ମେହେର, ରାମଜୀ ଚୌଧୁରୀ, ଅସୀତ କୁମାର ମିଶ୍ର, କାନ୍ତେଶ୍ୱର ପ୍ରଧାନ, ଛାୟାକାନ୍ତ ଭୋଇ, ଶିବ ମେହେର, ନିଳକଂଟ ବଗର୍ତ୍ତି, ଚହଲୁ ପୋଡ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ମେହେର, ଗଦାଧର ପଧାନ, ବାବୁଲୁ ପଧାନ,କମ୍ପ ପଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ର ମୁକୁନ୍ଦ କିଶାନ, ଧ୍ରୁବ ସେଠି ଙ୍କ ସହିତ ଅନେକ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ଅର୍ଦ୍ଧ ନିର୍ମିତ ପୋଲ ଉପରେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ଗ୍ରାମବାସୀ

ଜୟପୁର,୦୮/୦୮ (ନି.ପ୍ର): ଜୀବନକୁ ବାଜି ଲଗାଇ ଅର୍ଦ୍ଧ ନିର୍ମିତ ପୋଲ ଉପରେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ଗ୍ରାମବାସୀ । ଏହି ଚିତ୍ରଟି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଂଚାୟତର ଭଦ୍ରାଗୁଡା ଗାଁ ନିକଟରେ ଦେଖିବାକୁ ମିଳିଛି । ରାମଗିରି ଠାରୁ ଚେରକା ଦେଇ ବାଗଦିରୀକୁ ସଂଯୋଗ କରୁଥିବା ଏହି ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାରେ ପୋଲ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ଦୀର୍ଘ ଏକ ମାସ ହେବ ପଡିରହିଛି । ପରିବର୍ତ୍ତିତ ରାସ୍ତା ନଥିବା ମାଟିରାସ୍ତାରେ ଗାଡି ଯାଇପାରିବ ନାହିଁ ଯେହେତୁ ପାର୍ଶ୍ୱ ପରିବର୍ତ୍ତିତ ରାସ୍ତା କାଦୁଅରେ ଭରି ଯାଇଛି । ଅଂଚଳବାସୀଙ୍କ ଯାତାୟତ ନିମନ୍ତେ ଏହା ମୁଖ୍ୟ ରାସ୍ତା ହେତୁ ପ୍ରତିଦିନ ଶହଶହ ଗାଡି କୌଣସି ଉପାୟ ନପାଇ ବାଧ ହୋଇ ଏହିପରି ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି । ଗ୍ରାମାଂଚଳ ଲୋକଙ୍କ ନିରବତାର ସୁଯୋଗ ନେଇ ପ୍ରଶାସନ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ହେତୁ ଅଂଚଳବାସୀ ହନ୍ତସନ୍ତ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଥିବା ବେଳେ ସେପଟେ ଏ ସଂପର୍କରେ ବିଡ଼ିଓ ଅଭିମନ୍ୟୁ କବି ଶତପଥି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।

# ଟାଟା ପାୱାର ପକ୍ଷରୁ ରାଇରଙ୍ଗପୁର ହାଇସ୍କୁଲରେ ବନ ମହୋତ୍ସବ

ରାଇରଙ୍ଗପୁର,୦୮/୦୮ (ନି.ପ୍ର): ଟାଟା ପାୱାର ପକ୍ଷରୁ ସ୍ଥାନୀୟ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଅଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡି.ଏଫ.ଓ ରାଇରଙ୍ଗପୁର ନଳିନୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଏକ୍ଜିକ୍ୟୁଟିଭ୍ ଇଂଜିନିୟର୍ ଟାଟା ପାୱାର ଚିନ୍ମୟ ବେହେରା,ଏସ.ଡି.ଓ ବିଦ୍ୟୁତ ବିଭାଗ ରାଇରଙ୍ଗପୁର ସବଡ଼ିଭିଜନ ଜେ.ସୌଭାଗ୍ୟ ରଶ୍ମି ଚିକିତ୍ସା, ରେଞ୍ଜ ଅଫିସର ଅନ୍ତର୍ଯ୍ୟାମୀ ମହାକୁଡ, ଡେପୁଟି ମ୍ୟାନେଜର କମର୍ସ, ଅର୍ଣ୍ଣବ ରଞ୍ଜନ ଜେନା ଡେପୁଟି ମ୍ୟାନେଜର ଫାଇନାନ୍ସ ପ୍ରମୁଖ ମଂଚାସୀନ ଥିଲେ । ରାଇରଙ୍ଗପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତଥା ଏନସିସି ଅଧିକାରୀ ରଞ୍ଜନ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଅତିଥି ମାନଙ୍କ ସହ ବରିଷ୍ଠ ସାମ୍ବାଦିକ ସୌରଭ ପଟ୍ଟନାୟକ, ଶିକ୍ଷାବିତ୍ ଦିଲ୍ଲୀପ କୁମାର ମହାନ୍ତି ଏବଂ ଛାତ୍ର ଶିବା ମାର୍ଣ୍ଡି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ବୃକ୍ଷ ରୋପଣର ମାହାତ୍ମ୍ୟ ବିଷୟ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରମାନଙ୍କ ସହ ବିଦ୍ୟୁତ ବିଭାଗର ରାଜେନ୍ଦ୍ର କୁମାର ମହାନ୍ତି, ଶୈଳେନ୍ଦ୍ର ସାହୁ, ବିମଳ ମହାନ୍ତି, ଶୁଭେନ୍ଦୁ ପ୍ରସାଦ ରାଉତ, ରାଇରଙ୍ଗପୁର ହାଇସ୍କୁଲର ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମହାନ୍ତ, ଶିକ୍ଷକ ଯଶୋବନ୍ତ ମହାନ୍ତ, ସୁନୀଲ କୁମାର ବିଶ୍ୱାଳ, କାରୁ ହେମ୍ବ୍ରମ, ଶିକ୍ଷୟିତ୍ରୀ ଅପର୍ଣ୍ଣା ମାଇତି, ନମ୍ରତା ବଳ, ମଧୁସ୍ମିତା ଗିରି ପ୍ରମୁଖ ଉପସ୍ଥିତି ଥିଲେ । ସଭା କାର୍ଯ୍ୟପରେ ବିଦ୍ୟାଳୟ ପରିସରରେ ଅତିଥି ମାନେ ବୃକ୍ଷରୋପଣ କରିଥିଲେ । ଏଥିରେ ବିଦ୍ୟାଳୟର ଏନସିସି କ୍ୟାଡେଟ୍ ଏବଂ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ସାଇକେଲ କ୍ଲବର ମୁଖପତ୍ର ଆରୋହୀ ଉନ୍ମୋଚନ

କେନ୍ଦ୍ରାପଡ଼ା,୦୮/୦୮ (ନି.ପ୍ର): କେନ୍ଦ୍ରାପଡା ସାଇକେଲ କ୍ଲବର ମୁଖପତ୍ର 'ଆରୋହୀ' ର ଉନ୍ମୋଚନ ଉତ୍ସବ ସ୍ଥାନୀୟ ଏକ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌର ଅଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଆରୋହୀ' ଉନ୍ମୋଚନ କରିବା ସହିତ କେନ୍ଦ୍ରାପଡା ସାଇକେଲ କ୍ଲବର ଉଦ୍ୟମକୁ ପ୍ରସଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡେରାବିଶ କଲେଜର ରାଜନୀତି ବିଜ୍ଞାନର ଅଧାପକ ବୃନ୍ଦାବନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନାଗରିକ ମଂଚର ସାଧାରଣ ସଂପାଦକ ସୌମ୍ୟ ରଞ୍ଜନ ବିଶ୍ୱାଳ, ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶଲ୍ୟ ଚିକିତ୍ସକ ଡାକ୍ତର ବୀରେନ୍ଦ୍ର କୁମାର ଦାଶ ଏହି ଉତ୍ସବରେ ଅଧକ୍ଷତା କରିଥିଲେ । ଉପଖଣ୍ଡ ପୋଲିସ ଅଧିକାରୀ ରାଜୀବ ଲୋଚନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ କ୍ଲବର ଆବାହକ ସାମ୍ବାଦିକ ମାତୃଦତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୂଚନା ଦେଇ କ୍ଲବର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସାଇକେଲ ଚଳାଓ, ସୁସ୍ଥ ରୁହ ଏହି ବାର୍ତା ପ୍ରଚାର କରିବା ସହ ପରଷ୍ପର ମଧରେ ସାମାଜିକତା, ଭାଇଚାରା ତଥା ସ୍ଥାନୀୟ ଅଂଚଳର ବିଭିନ୍ନ ସ୍ଥାନ ବିଷୟରେ ଜାଣିବା ସହ ପରଷ୍ପର ମଧରେ ଭାବର ଆଦାନପ୍ରଦାନ କରି ସୁସ୍ଥ ସମାଜ ଗଠନରେ କ୍ଲବର ସାମାନ୍ୟ ଉଦ୍ୟମ ର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଚିତ୍ର ଶିଳ୍ପୀ ଶ୍ରୀବାସ ନାୟକ, ଅକ୍ଷର ଶିଳ୍ପୀ ବିଭୂତି ଭୂଷଣ ମହାନ୍ତି ଓ ଅନୁଷ୍ଠାନର ୨୩ ଜଣ ସଦସ୍ୟ/ସଦସ୍ୟାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା । ଉତ୍ସବକୁ ମଳୟ ସାହୁ, ଆଶିଷ ଦାସ, ରିନାରାଣୀ ଦାସ, ନମିତା ଜେନା, ବିଷ୍ଣୁପ୍ରିୟା ସାମଲ, ରଶ୍ମି ରଞ୍ଜନ ସ୍ୱାଇଁ, ଉମାକାନ୍ତ ଜେନା, ବୀରେନ୍ଦ୍ର ଦାସ, ଦିଲିପ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା,୦୮/୦୮ (ନି.ପ୍ର): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ଅନନ୍ତପୁର ଗ୍ରାମରେ ଆଜି ସକାଳେ ଘର ଭିତରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ମହିଳାଙ୍କ ବାପଘର ଲୋକେ ଏନେଇ ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଶ୍ରୀ ବଳଦେବଜୀଉ ପାଇଁ ପୁରୀରୁ ଆସିଲା ପାଟରାକ୍ଷୀ

କେନ୍ଦ୍ରାପଡ଼ା,୦୮/୦୮ (ନି.ପ୍ର): କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ବଳଦେବଜୀଉ ଏବଂ ଶ୍ରୀ ଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ରରୁ ଭଉଣୀ ସୁଭଦ୍ରା ପଠାଇଥିବା ପାଟରାକ୍ଷୀ ରବିବାର କେନ୍ଦ୍ରାପଡାରେ ଆସି ପହଁଚିଥିବା ଜଣାପଡିଛି । ଆଗାମୀ ରାକ୍ଷୀ ପୂର୍ଣ୍ଣିମା ତିଥିରେ ଶ୍ରୀ ବଳଦେବଜୀଉ ଏବଂ ଶ୍ରୀ ଜଗନ୍ନାଥଙ୍କୁ ଏହି ପାଟରାକ୍ଷୀ ସମର୍ପଣ କରାଯିବ । ଶ୍ରୀକ୍ଷେତ୍ର ପୁରୀର ଶ୍ରୀଜଗନ୍ନାଥ ପାଟରାକ୍ଷୀ ପରିଷଦ ପକ୍ଷରୁ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାକ୍ଷୀ ନେଇ କେନ୍ଦ୍ରାପଡାରେ ପହଁଚିବା ପରେ ତିନିମୁହାଣୀ ଶ୍ରୀରାମ ମନ୍ଦିର ପରିସରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ଅପରାହ୍ନ ୩ଟାରେ ଏକ ବିଶାଳ ଶୋଭାଯାତ୍ରାରେ ପାଟରାକ୍ଷୀକୁ ସହର ପରିକ୍ରମା କରାଯାଇ ଶ୍ରୀବଳଦେବଜୀଉଙ୍କ ମନ୍ଦିର କାର୍ଯ୍ୟାଳୟକୁ ଅଣାଯାଇ ଥିଲା । ଏହି ଶୋଭାଯାତ୍ରା ସହର ପରିକ୍ରମା କଲାବେଳେ ବିଭିନ୍ନ ଛକଯାଗା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ନାମ ସଂକୀର୍ତ୍ତନ ସହ ସ୍ୱାଗତ କରାଯାଇ ଥିଲା । ସମାଜସେବୀ ତଥା କେନ୍ଦ୍ରାପଡା କ୍ରେଡିଟ-କୋ-ଅପରେଟିଭ ସୋସାଇଟିର ପ୍ରତିଷ୍ଠାତା ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ପାଟରାକ୍ଷୀ ସ୍ୱାଗତ ଶୋଭାଯାତ୍ରା ସହର ପରିକ୍ରମା କରି ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନିକଟରେ ପହଁଚିବା ପରେ ବଡପଣ୍ଡା ମାନଙ୍କ ମାର୍ଫତରେ ଏହି ପାଟରାକ୍ଷୀକୁ ଭଣ୍ଡାର ଘରକୁ ନିଆଯାଇ ଥିଲା । ପାଟରାକ୍ଷୀ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ଶଶି ଭୂଷଣ ବେହେରା, ପୌର ପରିଷଦ ଅଧକ୍ଷା ସରିତା ସାହୁ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସେବକ ଟ୍ରଷ୍ଟି ବଳରାମ ସୁଆର, ସମାଜସେବୀ ମୁରଲୀଧର ସେଠୀଙ୍କ ସମେତ ଦିଲିପ ଦାଶ, ବଳଦେବ ସେନା ସଭାପତି ପୁପୁନି ସ୍ୱାଇଁ, ନିରଞ୍ଜନ ସୁଆର, ଅମର କୁମାର ବାରିକ, ସାରଦା ପ୍ରସନ୍ନ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଭାରତୀୟ ମଜଦୂର ସଂଘର ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ ଓ କାର୍ଯ୍ୟକର୍ତ୍ତା ନିର୍ବାଚନ

ରାଇରଙ୍ଗପୁର,୦୮/୦୮ (ନି.ପ୍ର): ଭାରତୀୟ ମଜଦୂର ସଂଘର ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ ଓ କର୍ମକର୍ତା ନିର୍ବାଚନ ଆଜି ସ୍ଥାନୀୟ ଶ୍ରୀ ରାମଚନ୍ଦ୍ର ପାଠାଗାର (ଜୁବୁଲି ଲାଇବ୍ରେରୀ) ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗିରିଶ ଚନ୍ଦ୍ର ମହାନ୍ତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦଘାଟନ କରିଥିଲେ । ଭାରତୀୟ ମଜଦୂର ସଂଘ (ବି.ଏମ.ଏସ୍)ର ଜିଲ୍ଲା ସଭାପତି ନିଗମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାକ୍ତର ମହାନ୍ତ, ବୀଣାପାଣି ବେହେରା, ସୁମିତ୍ରା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୨୬ ଟି ବ୍ଲକ୍ ର କର୍ମକର୍ତା ଯୋଗଦେଇଥଲେ । ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଉଜ୍ଜ୍ୱଳା କର୍ମୀ, ପାଚିକା, ଖଣି ଖାଦାନ, ଶିଳ୍ପ, ଅସଂଗଠିତ କ୍ଷେତ୍ରର ଶ୍ରମିକ, ପ୍ରବାସୀ ଶ୍ରମିକ, କୃଷି ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାକୁ ଗତିଶୀଳ କରିବା ନିମନ୍ତେ ଭାରତୀୟ ମଜଦୂର ସଂଘ ଏକ ମାତ୍ର ଅଣରାଜନୈତିକ ସଂଗଠନ, ଯିଏ କି ସମାଜର ଦରିଦ୍ର ସୀମାରେଖା ତଳେ ଥିବା ବ୍ୟକ୍ତି ଠାରୁ ଆରମ୍ଭ କରି ସବୁ ଶ୍ରେଣୀ, ବର୍ଗ ପାଇଁ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିଥାଏ ବୋଲି ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀ ମହାନ୍ତ କହିଥିଲେ ।

ବି.ଏମ.ଏସ୍ ସହ ଅନୁବନ୍ଧିତ ସମସ୍ତ ସଂଗଠନର ଜିଲ୍ଲା କର୍ମକର୍ତା ମାନେ ନିଜ ନିଜର ସମସ୍ୟା ତଥା ଆଗାମୀ ଦିନରେ କିପରି ପଚାଂୟତ ସ୍ତରରୁ ବି.ଏମ.ଏସ୍. କାର୍ଯ୍ୟକୁ ଅଧିକ ଶକ୍ତିଶାଳୀ କରାଯିବ ତାର ସମୀକ୍ଷା କରାଯାଇ ଆଗାମୀ ଦିନରେ କାର୍ଯ୍ୟ ବ୍ଲୁ ପ୍ରିଂଟ କରାଯିବାର ପ୍ରସ୍ତାବ ରଖାଯାଇଥିଲା । ଆଗାମୀ ମାସରେ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱର୍କର୍ସ ଏସୋସିଏସନ୍, ଓଡ଼ିଶା ଆଶାକର୍ମୀ ସଂଘ, ଉଜ୍ଜ୍ୱଳା କର୍ମୀ ସଂଘ, ମୟୂରଭଞ୍ଜ ଶାଖାରେ ଜିଲ୍ଲା ସମ୍ମିଳନୀ କରିବାର ଦିନ ସ୍ଥିର କରାଯାଇଥିଲା । ସଭାକାର୍ଯ୍ୟ ପରେ ବି.ଏମ.ଏସ୍ ର ନୂତନ କାର୍ଯ୍ୟକର୍ତା ଚୟନ କରାଯାଇ କାର୍ଯ୍ୟ ସଂଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହାନ୍ତ ସର୍ବ ସମ୍ମୁଖରେ ପ୍ରକାଶ କରିଥିଲେ । ନୂତନ କାର୍ଯ୍ୟଭାର ନେଇଥିଲେ ଉପଦେଷ୍ଟା ଭାବେ ନିଗମାନନ୍ଦ ପଟ୍ଟନାୟକ, ସଭାପତି ସରସ୍ୱତୀ ଟୁଡୁ, ଉପସଭାପତି - ବିଶ୍ୱମ୍ଭର ଦାସ, ମମତା ବେହେରା, ମେଘରାୟ ମର୍ଣ୍ଡି, ସୁନାମଣି ଚମ୍ପେୟାର, ସାଧାରଣ ସମ୍ପାଦକ - ବୋଧିରଜତ୍ ମହାନ୍ତ, ସଂଗଠନ ସମ୍ପାଦକ - କୌଶିକ କଶ୍ୟପ ମହାନ୍ତି, ଭିମଚରଣ ମହାକୁଡ, ସହ ସମ୍ପାଦକ - ମନୋରମା ବେହେରା, ଲଳିତା ବିନ୍ଧାଣି, ଦେବାଶିଷ ନାଏକ, ସୁଜିତ୍ କୁମାର ଭଞ୍ଜଦେଓ, କୋଷାଧକ୍ଷ - ହେମଲତା ମିଶ୍ର , ଅଡିଟର- ରତିରଞ୍ଜନ ବେହେରା ପ୍ରମୁଖ । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ସାରଥୀ ମହାନ୍ତ, ଲାଖ୍ୟା ଟୁଡୁ, ବୈଜ୍ୟନ୍ତୀ ମହାନ୍ତ, ସୁଜୁନି ନାଏକ, ନୀଳାଦ୍ରି ପାତ୍ର, ସୁଶାନ୍ତ ନାଏକ, ଦୟାନିଧି ପ୍ରଧାନ, ବନିତା ଦେବୀ ପାତ୍ର, ନବୀନ କୁମାର ବେହେରା, ସୁକାନ୍ତି ସାହୁ, ବୃନ୍ଦାବତୀ ପାତ୍ର, ମାନସ କୁମାର ନାଏକ, ଅନୁପମା ଦାସ, ଅରୁଣ କୁମାର ଦତ, ଅଲେଖ୍ କୁମାର ସେଠୀ ପ୍ରମୁଖ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଦ୍ମଗନ୍ଧା ଦାସ, ସ୍ମିତା ପଣ୍ଡା, ଗୁର୍ବା ହାଁସଦା, ମନଜ କୁମାର ମହାନ୍ତ, ଶୁଭଶ୍ରୀ ମହାନ୍ତ, ସୌଦାମଣୀ ଦ୍ୱେୀ, କାଂଚନ ସାହୁ, ମଦନ କୁମାର ସେଠି, ଆରତୀ ବିଶ୍ୱାଳ, ତାରାପଦ ପଣ୍ଡା, ରୀନା ବେହେରା, ଅରୁନ୍ଧତୀ ସାହୁ, ମିନାକ୍ଷୀ ସାମଲ, ସଞ୍ଜୁଲତା ବାରିକ, ସବିତା ପ୍ରହରାଜ ପ୍ରମୁଖ ମନୋନୀତ ହୋଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ଅଗଷ୍ଟ ୦୯, ୨୦୨୦

# ବୈଚିତ୍ର

## [redacted] ଭାକରୱାଡ଼ି




ମହାରାଷ୍ଟ୍ରର ଏକ ସୁସ୍ୱାଦୁ ଖାଦ୍ୟ ଭାକରୱାଡ଼ି । ସ୍ଥଳ ବିଶେଷରେ ଏହାକୁ ବାକରୱାଡ଼ି ମଧ କୁହାଯାଇଥାଏ । ଏହାକୁ ଲୋକେ ସାନ୍ଧ୍ୟାକାଳୀନ ସ୍ନାକ୍ସ ଭାବରେ ଖାଇବାକୁ ଅଧିକ ପସନ୍ଦ କରିଥାଆନ୍ତି । ମହାରାଷ୍ଟ୍ରର ଲୋକପ୍ରିୟ ଖାଦ୍ୟ ହୋଇଥିଲେ ମଧ ଏହା ପ୍ରକୃତରେ ଗୁଜରାଟରେ ପ୍ରଥମେ ତିଆରି ହେଉଥିଲା । ତେଣୁ ଭାକରୱାଡ଼ିର ଜନ୍ମସ୍ଥଳ ଗୁଜରାଟ ବୋଲି ଅନେକେ କୁହନ୍ତି । ବିଶେଷ କରି ଗୁଜରାଟ ଓ ମହାରାଷ୍ଟ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାକରୱାଡ଼ି ପ୍ରସ୍ତୁତ ହେଉଥିବାରୁ ଉଭୟ ରାଜ୍ୟର ଲୋକମାନେ ଏହାକୁ ନିଜ ନିଜର ଖାଦ୍ୟ ବୋଲି କହିଥାଆନ୍ତି । ପ୍ରସ୍ତୁତି ପ୍ରଣାଳୀ ପ୍ରାୟ ସମାନ ଥିଲା ବେଳେ କେବଳ ମସଲାର ସ୍ୱାଦରେ ଟିକେ ଭିନ୍ନତା ଆସିଥାଏ । ନହେଲେ ମହାରାଷ୍ଟ୍ର ଓ ଗୁଜରାଟର ଭାକରୱାଡ଼ି ସ୍ୱାଦ ପ୍ରାୟ ସମାନ ହୋଇଥାଏ । ବର୍ଷାଦିନେ ସନ୍ଧ୍ୟାବେଳେ ଗରମାଗରମ ଚା ସହିତ ଭାକରୱାଡ଼ିର ସ୍ୱାଦ ନେବାକୁ ଛୋଟ ଛୋଟ ଜଳଖିଆ ଦୋକାନ ଆଗରେ ଲୋକଙ୍କ ଭିଡ଼ ଜମିଥାଏ । ଅନେକେ ଏହାକୁ ଘରେ ମଧ ପ୍ରସ୍ତୁତ କରିଥାଆନ୍ତି । କୁହାଯାଏ ୧୯୭୦ ମସିହା ବେଳକୁ ଭାକରୱାଡ଼ି ଗୁଜରାଟର ସୀମା ଅତିକ୍ରମ କରି ମହାରାଷ୍ଟ୍ରରେ ପ୍ରବେଶ କରିଥିଲା । ସେବେଠାରୁ ଗୁଜରାଟ ତୁଳନାରେ ମହାରାଷ୍ଟ୍ରରେ ଏହା ଅଧିକ ଲୋକପ୍ରିୟ ହୋଇପାରିଛି । ଆଳୁ ପୁରଦିଆ ଭାକରୱାଡ଼ି ସବୁଠୁ ଅଧିକ ପସନ୍ଦ କରାଯାଇଥାଏ । ତେବେ ଆଜିକାଲି ବିଭିନ୍ନ ସ୍ୱାଦ ଏବଂ ପୂରରେ ଭାକରୱାଡ଼ି ପ୍ରସ୍ତୁତ କରାଯାଉଛି । ବଡ଼କଥା ହେଲା ଇଣ୍ଟରନେଟ୍ ଦୟାରୁ ଭାକରୱାଡ଼ିର ପରିଚୟ ମହାରାଷ୍ଟ୍ର ଓ ଗୁଜରାଟର ସୀମା ମଧ୍ୟରେ ସୀମିତ ରହି ନାହିଁ । ଲୋକମାନେ ଗୁଗୁଲ କିମ୍ବା ୟୁଟ୍ୟୁବ୍ ଦେଖି ଘରେ ଭାକରୱାଡ଼ି ପ୍ରସ୍ତୁତ କରିପାରୁଛନ୍ତି । ତା'ହେଲେ ଆସନ୍ତୁ ଜାଣିବା ଏ ସଂଖ୍ୟାର ସ୍ୱତନ୍ତ୍ର ରେସିପି 'ଭାକରୱାଡ଼ି' ।

**ପ୍ରସ୍ତୁତି:**

ଭାକରୱାଡ଼ି ପ୍ରସ୍ତୁତ କରିବା ପାଇଁ ମଇଦା ଏବଂ ରିଫାଇନ ତେଲ ହେଉଛି ପ୍ରଥମ ସାମଗ୍ରୀ । ଏହାପରେ ଆପଣ ପୁର କିମ୍ବା ମସଲା ପାଇଁ ନିଜ ଇଚ୍ଛାନୁସାରେ ଜିନିଷ ନେଇ ପାରିବେ । ଆପଣ ଆଳୁ ନେଇପାରନ୍ତି । କିମ୍ବା ନଡ଼ିଆ, ପୋସ୍ତଦାନାରେ ବି ପୁର ହୋଇପାରିବ । ତେବେ ଆଳୁ ପୁର ଦିଆ ଭାକରୱାଡ଼ି ଖାଇବାକୁ ସବୁଠୁ ଭଲ ଲାଗେ । ଆସନ୍ତୁ ଜାଣିବା ଭାକରୱାଡ଼ିର ଉପର ଆସ୍ତରଣ ପାଇଁ କଣ ଦରକାର । ଏଥିପାଇଁ ମଇଦା ଦେଢ଼ କପ, ଜୁଆଜି ୧/୪ ଛୋଟ ଚାମଚ, ଲୁଣ ୧/୪ ଛୋଟ ଚାମଚ । ପୁର ପାଇଁ ଦରକାର ହେବ ସିଝାଆଳୁ ୪ଟା (ପ୍ରାୟ ୩୦୦ଗ୍ରାମ), ଧନିଆ ପତ୍ର ସ୍ୱାଦ ଅନୁସାରେ, ଧନିଆ ପାଉଡର ୧ ଛୋଟ ଚାମଚ, ଅଦା ପେଷ୍ଟ ୧/୨ ଛୋଟ ଚାମଚ, କଞ୍ଚାଲଙ୍କା ପେଷ୍ଟ ୧/୪ ଛୋଟ ଚାମଚ, ଲାଲ ଲଙ୍କା ଗୁଣ ୧/୨ ଛୋଟ ଚାମଚ, ଲୁଣ ସ୍ୱାଦ ଅନୁସାରେ । ଛାଣିବା ପାଇଁ ରିଫାଇନ ତେଲ । ଏସବୁ ଜିନିଷକୁ ହାତ ପାଖରେ ରଖନ୍ତୁ । ଏଥର ୨ରୁ ୩ ଟେବଲ ଚାମଚ ମଇଦା ଅଲଗା ରଖି ବାକି ମଇଦାକୁ ଏକ ବନ ପାତ୍ରରେ ନେଇ ସେଥିରେ ୧/୪ ଛୋଟ ଚାମଚ ଲୁଣ, ୧/୪ ଛୋଟ ଚାମଚ ଜୁଆଣି, ୨ ଟେବଲ ଚାମଚ ତେଲ ଏକାଠି କରି ଭଲ କରି ମିଶାଇ ଦିଅନ୍ତୁ । ଏହାପରେ ଏଥିରେ ଅଳ୍ପ ଅଳ୍ପ କରି ପାଣି ମିଶାଇ ଟିକେ ଟାଣ କରି ମଇଦା ଚକଟନ୍ତୁ । ମଇଦା ଚକଟି ସାରିଲା ପରେ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ଏକ ପାତ୍ର ଉପରେ ଏକ ଢାଙ୍କୁଣରି ଘୋଡ଼ାଇ ଦିଅନ୍ତୁ । ଏହି ସମୟ ମଧ୍ୟରେର ଆପଣ ସିଝା ଆଳୁରୁ ଚୋପା ଛଡ଼ାଇ ସେଥିରେ ଧନିଆ ପାଉଡର, ଲଙ୍କା ପାଉଡର, ଆମଚୁର ପାଉଡର, ଲୁଣ, ଅଦା ପେଷ୍ଟ କଞ୍ଚାଲଙ୍କା ପେଷ୍ଟ, କଟା ହୋଇଥିବା ଧନିଆ ପେଷ୍ଟ ମିଶାଇ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଆଗରୁ ଚକଟି ସାରିଥିବା ଧନିଆ ପେଷ୍ଟ ମିଶାଇ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଆଗରୁ ଚକଟି ରଖିଥିବା ମଇଦା ଗୁଳାକୁ ଦୁଇ ଭାଗ କରିନିଅନ୍ତୁ । ଗୋଟିଏ ଭାଗକୁ ବେଲଣା ପେଡ଼ିରେ ରଖି ଧୀରେ ଧୀରେ ପତଳା କରି ବେଲି ନିଅନ୍ତୁ । ଏହାପରେ ସେହି ରୁଟି ଉପରେ ଅଧା ପୁରକୁ ରଖି ସ୍ପ୍ରେଡ୍ କରି ଦିଅନ୍ତୁ । ଏହାପରେ ରୁଟିର ଗୋଟିଏ ଧାରକୁ ରୋଲ୍ କଲା ଭଳି ଭଲ କରି ମୋଡି ଦିଅନ୍ତୁ ଯେମିତି ଏହା ଖୋଲିଯିବ ନାହିଁ । ଏହାପରେ ଦୁଇ ମୁଣ୍ଡକୁ ଚାପି ଦିଅନ୍ତୁ ଯେମିତି ମସଲା ବାହାରି ଆସିବ ନାହିଁ । ବାକିଥିବା ମଇଦାରେ ପତଳା ଘୋଳ ପ୍ରସ୍ତୁତ କରନ୍ତୁ । ଏବେ ସେହି ରୋଲ୍‌କୁ ଛୋଟ ଛୋଟ ପିସ୍‌ରେ କାଟନ୍ତୁ । ଗୋଟିଏ ଲେଖାଏଁ ପିସ୍ ହାତରେ ସାମାନ୍ୟ ଚାପି ମଇଦା ଘୋଳରେ ବୁଡ଼ାଇ ଗରମ ତେଲରେ ଛାଣନ୍ତୁ । ତେବେ ଛାଣିଲା ବେଳେ ଆଞ୍ଚ ମଧ୍ୟମ ରଖିବେ । ନହେଲେ ପୋଡ଼ିଯିବାର ଭୟ ରହିଛି । ସାମାନ୍ୟ ବାଦାମି ରଙ୍ଗର ହୋଇଆସିଲେ ତେଲରୁ ଛାଡ଼ି ବାହାର କରନ୍ତୁ । ପ୍ରସ୍ତୁତ ହୋଇଗଲା ଭାକରୱାଡ଼ି । ଏହାକୁ ଯେକୌଣସି ଚଟଣି କିମ୍ବା ସସ୍ ସହିତ ଖିଆଯାଇ ପାରିବ ।

# ୮ ଭାଷାର ଅନୁବାଦ କରିବ ସ୍ମାର୍ଟ ମାସ୍କ



ସାରା ବିଶ୍ୱରେ ଏବେ କରୋନା ଭାଇରସର ପ୍ରକୋପ ବୃଦ୍ଧି ପାଇଚାଲିଛି । ଏହାର କୌଣସି ଔଷଧ କିମ୍ବା ଟୀକା ବାହାରି ନଥିବାରୁ ସତର୍କତାମୂଳକ ପଦକ୍ଷେପ ଭାବେ ମାସ୍କର ବ୍ୟବହାରକୁ ଖୁବ୍ ଗୁରୁତ୍ୱ ଦିଆଯାଉଛି । ଇତିମଧ୍ୟରେ ଜାପାନର ଏକ ଷ୍ଟାର୍ଟଅପ୍ ଡୋନଟ୍ ରୋବୋଟିକ୍ସ ଏକ ସ୍ମାର୍ଟ ଫେସ୍‌ମାସ୍କ ବିକଶିତ କରିଛି । ଏହା ଇଣ୍ଟରନେଟ୍ କନେକ୍ସନ୍ ସହ ଆସୁଥିବାରୁ ଏହାକୁ 'କନେକ୍ଟେଡ୍' ମାସ୍କ ବୋଲି ମଧ୍ୟ କୁହାଯାଉଛି । ମାସ୍କଟି ମେସେଜ୍ ପଠାଇବା ସହିତ ଜାପାନୀ ଭାଷାରୁ ୮ଟି ଅନ୍ୟ ଭାଷାକୁ ତଥ୍ୟ ଅନୁବାଦ କରିପାରିବ । ଏପରିକି ଫୋନ୍ କଲ ବି କରିପାରିବ । ରୟଟର୍ସର ରିପୋର୍ଟ ଅନୁସାରେ ପ୍ଲାଷ୍ଟିକ୍‌ରୁ ତିଆରି ଏହି ଧଳା ରଙ୍ଗର ମାସ୍କ ନାମ 'ସି-ମାସ୍କ' ରଖାଯାଇଛି । ଏହା ଏକ ବ୍ଲୁଟୁଥ୍ ଯୁକ୍ତ ଡିଭାଇସ୍ ହୋଇଥିବାବେଳେ ଏକ ଆପ୍ ମାଧ୍ୟମରେ ଏହାକୁ ସ୍ମାର୍ଟଫୋନ୍ କିମ୍ବା ଟାବଲେଟ୍ ସହିତ ସଂଯୋଗ କରିବାକୁ ପଡ଼ିବ । ସେହି ଆପ୍ ବ୍ୟବହାରକାରୀଙ୍କ କଥାକୁ ଟେକ୍ସଟ ମେସେଜ୍‌ରେ ପରିବର୍ତ୍ତନ, ବିଭିନ୍ନ ଭାଷାରେ ଅନୁବାଦ, କଲ୍ କରିବା ଇତ୍ୟାଦି କାମ କରିବ । ସେପ୍ଟେମ୍ବର ମାସର ଆରମ୍ଭରେ କଂପାନି ୫୦୦୦ 'ସି-ମାସ୍କ'କୁ ଜାପାନୀ ଗ୍ରାହକଙ୍କୁ ଉପଲବ୍ଧ କରାଇବା ଲାଗି ଟାର୍ଗେଟ ରଖିଛି । ପରେ ଚୀନ୍, ୟୁରୋପ, ଆମେରିକାରେ ମଧ୍ୟ ଏହାକୁ ବିକ୍ରି କରିବାକୁ ଲକ୍ଷ୍ୟ ରହିଛି । ଭାରତୀୟ ମୁଦ୍ରାରେ ଏହାର ଦାମ୍ ପ୍ରାୟ ୩ ହଜାର ଟଙ୍କା । ଏହାକୁ ସାଧାରଣ ମାସ୍କ ଉପରେ ବି ପିନ୍ଧି ହେବ ବୋଲି ଷ୍ଟାର୍ଟଅପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି ।

# କୃତ୍ରିମ ଗୋଡ଼ରେ ମଡେଲ୍




ନ୍ୟୁୟର୍କର ବ୍ରୁକଲିନ୍ ନିବାସୀ କିଆରା ମାର୍ଶେଲ ୧୦ ବର୍ଷ ବୟସରେ ଗୋଟିଏ ଗୋଡ଼ ହରାଇଥିଲେ । ସେଦିନ ସେ ନିଜ ପରିବାର ସହିତ ସ୍ୱତନ୍ତ୍ରତା ଦିବସ ସମାରୋହର ଆୟୋଜନରେ ସାମିଲ ହେବାକୁ ଯାଇଥିଲେ । ଫେରୁଥିବା ସମୟରେ ମଦ ନିଶାରେ ଥିବା ଜଣେ ଗାଡ଼ି ଚାଳକ ତାଙ୍କର ଡାହାଣ ଗୋଡ଼ ଉପରେ ଗାଡ଼ି ଚଳାଇ ଦେଇଥିଲା । ଗୁରୁତର ଭାବେ ଆଘାତପ୍ରାପ୍ତ କିଆରାଙ୍କର ଗୋଡ଼କୁ ରକ୍ଷା କରିବାକ ସମ୍ଭବପର ନଥିଲା । ତେବେ ଖୁବ୍ ଶୀଘ୍ର କୃତ୍ରିମ ଗୋଡ଼ ଲାଗିବାରୁ ତାଙ୍କୁ ନୂଆ ଜୀବନ ମିଳିଗଲା ।

ନିଜର କଠିନ ପରିଶ୍ରମ ବଳରେ ସେ ଏବେ ଫ୍ୟାଶନ୍ ଦୁନିଆରେ ବେଶ୍ ପରିଚିତ । ୨୭ ବର୍ଷୀୟା ଏହି ଯୁବତୀ ଆଜି ବହୁ ପ୍ରସିଦ୍ଧ ବ୍ରାଣ୍ଡ ପାଇଁ ମଡେଲିଂ କରୁଛନ୍ତି । ଶାରିରୀକ ଭିନ୍ନକ୍ଷମତା ସତ୍ତ୍ୱେ ଜୀବନକୁ ଆନନ୍ଦର ସହ ବଞ୍ଚିବା ଲାଗି ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି । ବିଭିନ୍ନ ବ୍ରାଣ୍ଡର ଫଟୋସୁଟ୍ ସମୟରେ କିଆରା କେବେହେଲେ ନିଜର କୃତ୍ରିମ ଗୋଡ଼କୁ ଲୁଚାନ୍ତି ନାହିଁ । ବରଂ ତାକୁ ଭଲ ଭାବ ପ୍ରଦର୍ଶନ କରିଥାନ୍ତି, ଯେପରିକି ତାକୁ ଦେଖି ତାଙ୍କ ଭଳି ଅନ୍ୟ ଦିବ୍ୟାଙ୍ଗମାନଙ୍କୁ ଆତ୍ମବିଶ୍ୱାସ ଆସିବ । ଏ ସଂପର୍କରେ କିଆରା କହିଛନ୍ତି, ଗୋଡ଼ ହରାଇବା ପରେ ଖୁବ୍ ନିରାଶ ଥିଲି । ଯେତେବେଳେ କୃତ୍ରିମ ଗୋଡ଼ ସଂପର୍କରେ ଜାଣିଲି ସେତେବେଳେ ଏକ ଆଶା ସୃଷ୍ଟି ହେଲା । ତା' ପରେ ମୁଁ ଏଭଳି କାମ କରିବାକୁ ଚିନ୍ତା କଲି ଯେଉଁଥିରେ ମୋର ଗୋଡ଼କୁ ଲୁଚାଇବାକୁ ପଡୁନଥିବ । ବହୁତ ଚିନ୍ତା କରି ମଡେଲିଂକୁ ବାଛିଲି ।

ମଡେଲିଂ କ୍ଷେତ୍ରରେ ଆଗକୁ ବଢ଼ିବା ପରେ ଗୋଟିଏ ଗୋଡ଼ ନଥିବା କୌଣସି ଫରକ ପକାଉ ନାହିଁ ବୋଲି ବୁଝିଲି । ଏବେ ମୁଁ କୃତ୍ରିମ ଗୋଡ଼ ସହ ଜୀବନକୁ ଉପଭୋଗ କରୁଛି । ୧୮ ବର୍ଷ ବୟସରେ କିଆରା ମଡେଲିଂ ଆରମ୍ଭ କରିଥିଲେ । ୨୦୧୮ରେ ସେ ନ୍ୟୁୟର୍କ ଯାଇ ଦିବ୍ୟାଙ୍ଗ ଏବଂ ପ୍ଲସ ସାଇଜ୍ ମହିଳାଙ୍କ ପାଇଁ କାମ କରୁଥିବା ମଡେଲିଂ ଏଜେନ୍ସି ସହିତ କାମ କଲେ । ନିଜର କଠିନ ପରିଶ୍ରମ ଯୋଗୁ ସେ ଏବେ ମଡେଲିଂ ଦୁନିଆରେ ବେଶ୍ ନାମ କମାଇଛନ୍ତି । ଆଗକୁ ସେ ନିଜ ଭଳି ଦିବ୍ୟାଙ୍ଗ ଝିଅଙ୍କ ପାଇଁ ଅଧିକ କାମ କରିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି ।

# ମୋଟାପଣର କାରଣ



କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ । ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା । ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ ।

ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା । ହ୍ୟାଣ୍ଡ ୱାଶରେ ଟ୍ରିକଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷରୁ ପ୍ରକାଶ । ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି ।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ବା ରେସ୍ତୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ ।



ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା ସହ ଓଜନ ବଢ଼େ ।

ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ । ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ ।

# ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ



ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ । ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧ୍ୟରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ୍ୟ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।

ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧ୍ୟରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧ୍ୟରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍



ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େ଼ି ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୯ ଅଗଷ୍ଟ ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସ୍ଥିର ମୁଦ୍ରାସ୍ଫୀତି...

ବେଳକୁ ବେଳ ଭୋକିଲା ପ୍ରାଣୀ ଭଳି ମୁଦ୍ରାସ୍ଫୀତିର ବଢ଼ି ବଢ଼ି ଚାଲିଛି; ଗତ ତିନିମାସ ହେବ ଏହା ୭ ପ୍ରତିଶତରୁ ଅଧିକ ରହିଛି। ଆଉ ଏହାର ଭୋକକୁ ପ୍ରଶମିତ କରିବାପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ବାଧ୍ୟ ହେଉଛି ରିପୋ ରେଟକୁ ବଢ଼ାଇବାକୁ। ଏହି କ୍ରମରେ ଶୁକ୍ରବାର ଦିନ ତେଣୁ ଆରବିଆଇ ଯେତେବେଳେ ରିପୋ ରେଟକୁ ୫୦ ବେସିସ୍ ପଏଣ୍ଟ ବୃଦ୍ଧି କଲା, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହି ବୃଦ୍ଧିକୁ ମିଶାଇଲେ ବର୍ତ୍ତମାନ ସୁଦ୍ଧା ୨୦୧୯ ପରେ ରିପୋ ରେଟ୍ ୫.୪୦ ପ୍ରତିଶତ ରହିଛି, ଯାହା ସର୍ବାଧିକ। ତେବେ ଏହି ପଦକ୍ଷେପ ବିଶ୍ୱର ଅନ୍ୟାନ୍ୟ କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ଧାରାରେ ନିଆଯାଇଛି। ଏହି ବୃଦ୍ଧି ମଧ୍ୟ ରିପୋ ରେଟକୁ ପ୍ରାକ୍ ମହାମାରୀ ସମୟରେ ରହିଥିବା ସ୍ତରଠାରୁ ଆହୁରି ଉପରକୁ ନେଇ ଯାଇଛି। କେବଳ ମୁଦ୍ରାସ୍ଫୀତି ନୁହେଁ, ଷ୍ଟକ୍ ମାର୍କେଟ୍ ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ପଡ଼ିଛି, ଯେଉଁଥିପାଇଁ ସେନ୍‌ସେକ୍ସ ୦.୧୫ ପ୍ରତିଶତ ଅଧିକ ରହିଥିଲା। ଶୁକ୍ରବାର ଦିନ ସାରା ଏହା ୪୦୫ ପଏଣ୍ଟ ପାଖାପାଖି ଭିତରେ ରହିଥିଲା। ଲଗାତାର ତୃତୀୟ ଥର ପାଇଁ ରିପୋ ରେଟ୍ ବୃଦ୍ଧି କରାଯିବା ସୂଚାଉଛି ଯେ ଆରବିଆଇ ଆଉ କିଛି ସମୟ ପାଇଁ ମୁଦ୍ରାସ୍ଫୀତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବ। ବସ୍ତୁତ, ବଜାର ଯାହା ଆଶା କରିଥିଲା, ସାମ୍ପ୍ରତିକ ବୃଦ୍ଧି ତା'ଠାରୁ ଯଥେଷ୍ଟ ଅଧିକ ହୋଇଛି। ଏହି ପଦକ୍ଷେପ ସତ୍ତ୍ୱେ ମୁଦ୍ରାସ୍ଫୀତି ସେମିତି କିଛି ଅଧିକ ପରିମାଣରେ ହ୍ରାସ ପାଇବ ବା ଖୁବ୍ ଶୀଘ୍ର ଏହା ହେବାର ସମ୍ଭାବନା ଆରବିଆଇ ଦେଖୁନାହିଁ। ତେଣୁ ଆର୍ଥିକ ବର୍ଷ ୨୦୨୨-୨୩ର ଅବଶିଷ୍ଟ ଭାଗରେ ଏହା ୬.୭୦ ପ୍ରତିଶତ ରହିବ ବୋଲି ଆଶା କରୁଛି, ଯାହା ଏକ ନୂଆ ବୈଶ୍ୱିକ ସ୍ୱାଭାବିକତା। ଏହା ଆକଳନ କରୁଛି ଯେ ସମଗ୍ର ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତିରେ ହାର ୬.୭ ପ୍ରତିଶତ ରହିବାକୁ ଯାଉଥିବାବେଳେ ଦ୍ୱିତୀୟ ତ୍ରୈମାସିକ ଅବଧିରେ ୭.୧ ପ୍ରତିଶତ, ତୃତୀୟ ତ୍ରୈମାସିକ ଅବଧିରେ ୬.୪ ପ୍ରତିଶତ ଏବଂ ଶେଷ ତ୍ରୈମାସିକ ଅବଧିରେ ୫.୮ ପ୍ରତିଶତ ରହିବ। ସୂଚନାଯୋଗ୍ୟ ଯେ ଆରବିଆଇର ମୁଦ୍ରାସ୍ଫୀତି ସହିଷ୍ଣୁତା ସୀମା ହେଉଛି ୪ରୁ ୬ ପ୍ରତିଶତ ଏବଂ ରିପୋ ରେଟ୍‌କୁ ବୃଦ୍ଧି କରିବା ସହିତ ଏହା ଦେଶର ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ସମ୍ପର୍କରେ ଯେଉଁ ପୂର୍ବାନୁମାନ କରିଛି, ତାହା ହେଉଛି ୭.୨ ପ୍ରତିଶତ; ଏହା ଯଦିଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଆକଳନ ୭.୪ ପ୍ରତିଶତଠାରୁ କମ୍।
ଆରବିଆଇର ଉପରୋକ୍ତ ପଦକ୍ଷେପ ଏକ ବାଧ୍ୟବାଧକତା ଏବଂ ଭାରତୀୟ ଅର୍ଥନୀତିର ନିମ୍ନଗତି ପାଇଁ ବିଶ୍ୱସ୍ତରୀୟ ଅର୍ଥନୀତିକ ଅବସ୍ଥା ଦାୟୀ ବୋଲି ପ୍ରକାଶ କରିଛନ୍ତି ଆରବିଆଇର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ତେବେ 'ଭୀଷଣ ଝଡ଼ଝଞ୍ଜାପୂର୍ଣ୍ଣ ତଥା ଅନିଶ୍ଚିତ ଅବସ୍ଥାର ମହାସାଗର ଭିତର ଦେଇ ଗତି କରୁଥିବା ଭାରତୀୟ ଅର୍ଥନୀତିକୁ ସେ 'ସ୍ଥୁଳ ଅର୍ଥନୀତି ଏବଂ ଆର୍ଥିକ ସ୍ଥିରତାର ଏକ ଦ୍ୱୀପପୁଞ୍ଜ' ଭାବରେ ବର୍ଣ୍ଣନା କରି ଦେଶର ଅର୍ଥନୀତିର ଦୃଢ଼ ପ୍ରତିରୋଧକାରୀ ସାମର୍ଥ୍ୟ ଉପରେ ଆଲୋକପାତ କରିଛନ୍ତି। ତାଙ୍କର ଏଭଳି କହିବାର କାରଣ, ପ୍ରଥମତଃ ଦେଶ କୋଭିଡ୍-୧୯ ମହାମାରୀ ଭଳି ଏକ ଅପ୍ରତ୍ୟାଶିତ ବଡ଼ ଧରଣର ଆଘାତକୁ ସହ୍ୟ କରିବା ସହିତ ସ୍ଥିର ଭାବରେ ଗତି କରିଛି, ଯାହା କେବଳ ମିଲିଅନ୍ ମିଲିଅନ୍ ସଂଖ୍ୟକ ଲୋକଙ୍କ ପ୍ରାଣହାନିର କାରଣ ପାଲଟିନାହିଁ, ବରଂ ସମଗ୍ର ବିଶ୍ୱର ଅର୍ଥନୀତି ପ୍ରତି କ୍ଷତି ପହଂଚାଇଛି। ଦ୍ୱିତୀୟ ଆଘାତଟି ଏବେ ଦେଶ ସହ୍ୟ କରି ଚାଲିଛି ଏବଂ ଏହା ହେଉଛି ୟୁକ୍ରେନ୍ ସହିତ ରୁଷିଆର ଯୁଦ୍ଧ। ଏହାର ପରିଣତି ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ରଙ୍କ ପାଇଁ ଉଣଶ ଅଧିକେ ଚିନ୍ତାଜନକ ହୋଇଛି। ଏସବୁ ସତ୍ତ୍ୱେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କାଳରେ ଆରବିଆଇର ଗଭର୍ଣ୍ଣର ଦେଶର ଅର୍ଥନୀତିର ଚିତ୍ର ଆଗାମୀ ଦିନମାନଙ୍କରେ ଗୋଲାପି ହେବା ଉପରେ ଆସ୍ଥା ପ୍ରକଟ କରିଥିଲେ। ତାଙ୍କ କହିବା ଅନୁସାରେ ମୁଦ୍ରାସ୍ଫୀତି ଯଦିଓ ବର୍ତ୍ତମାନ ଯଥେଷ୍ଟ ଅଧିକ ରହିଛି, ତେବେ ଏହା ନିମ୍ନଗାମୀ ହେବ, ଚାଲୁଖାତା ନିଅଣ୍ଟ (ସିଏଡି)କୁ ପରିଚାଳନା କରାଯାଇପାରିବ; ଏବଂ ଦେଶ ନିକଟରେ ପର୍ଯ୍ୟାପ୍ତ ପରିମାଣର ବିଦେଶୀ ମୁଦ୍ରା ଗଚ୍ଛିତ ଅଛି। କେବଳ ଏତିକି ନୁହେଁ, ଅଳ୍ପ ହେଲେ ସୁଦ୍ଧା କେତେକ ଭଲ କଥା ମଧ୍ୟ ଦେଶ କ୍ଷେତ୍ରରେ ଘଟିଛି। ଉଦାହରଣ ସ୍ୱରୂପ, କରୋନା ମହାମାରୀର ପ୍ରାଦୁର୍ଭାବ ଏବଂ ଏଥିରୁ ବର୍ତ୍ତିବା ପାଇଁ ଦେଶରେ ଲକ୍‌ଡାଉନ୍ ଜାରି କରାଯିବା ସତ୍ତ୍ୱେ ୨୦୨୧-୨୨ରେ ଆର୍ଥିକ ନିଅଂଟ ୬.୭ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୬.୫ ପ୍ରତିଶତ ହେବା ଆକଳନ କରାଯାଇଛି। ସେହିପରି ତାଲିକାଭୁକ୍ତ ବ୍ୟବସାୟିକ ବ୍ୟାଙ୍କମାନଙ୍କର ମୋଟ ଅଚଳ ସମ୍ପତ୍ତିର ପରିମାଣ ବିଗତ ଛଅ ବର୍ଷ ଭିତରେ ୫.୯ ପ୍ରତିଶତକୁ ଖସି ଆସିଛି ଏବଂ ଏହା ଆହୁରି କମିବ ବୋଲି ଆଶା କରାଯାଉଛି। ଏହା ବାଦ୍ କିଛି ଲୋକ ଯାହା କହୁଛନ୍ତି ଯେ ଦେଶର ଅବସ୍ଥା ଦିନେ ଶ୍ରୀଲଙ୍କା ଭଳି ହେବ, ତାହା ଠିକ୍ ନୁହେଁ, କାରଣ ଦେଶର ଅର୍ଥନୀତି ସେତେ ଖରାପ ସ୍ଥିତିରେ ନାହିଁ। ପରନ୍ତୁ, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ସହିତ ଦେଶର ଅର୍ଥନୀତିକ ଅଭିବୃଦ୍ଧିର ହାର ବଢ଼ାଇବାକୁ ଆର୍ଥିକ ତଥା ନୀତିଗତ ସ୍ତରରେ ଆହୁରି ଅନେକ କିଛି କରାଯିବାକୁ ବାକି ରହିଛି।

## ଶୈଶବକୁ କେମିତି ହତ୍ୟା କରୁଛୁ ଆମେ?



କାଳିକିଙ୍କର

ଆଜିର ସମାଜ ଭିତରେ ଶିକ୍ଷାକୁ ନେଇ ଚାଲିଛି ଅନେକ ପରୀକ୍ଷା ନିରୀକ୍ଷା। ମଧ୍ୟବିତ୍ତ ପରିବାରଠାରୁ ଧନୀକ ଶ୍ରେଣୀର ପରିବାର ପର୍ଯ୍ୟନ୍ତ ଶିଶୁର ଜନ୍ମମାତ୍ରେତାର ଶିକ୍ଷା ପ୍ରାପ୍ତିର ଏକ ଅଦ୍ଭୁତ ଚିନ୍ତା ବାପା ମାଆଙ୍କୁ ଘାରିବାକୁ ଲାଗୁଛି। ଇଂରେଜମାନେ ଆମ ଦେଶ ଛାଡି ଚାଲିଗଲେ ସତ କିନ୍ତୁତାଙ୍କ ସଭ୍ୟତା ଓ ସଂସ୍କୃତି ଆମକୁ ଏବେ ମଧ୍ୟ ଜାବୁଡି ଧରିଛି। ଇଂରାଜୀ ଶିକ୍ଷା ଆମକୁ ଏତେ ମାତ୍ରାରେ ପ୍ରଭାବିତ କରି ଚାଲିଛି ଯେ ଆମେ ଆମର ମାତୃଭାଷା ଆମ ଶିଶୁମାନେ ପଢ଼ନ୍ତୁ ବୋଲି ମଧ୍ୟ ଆମେ ଚାହୁଁନାହୁଁ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆହ୍ୱାନ- ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା ଆଜି କେମିତି ଆପଣାର ମହତ୍ତ୍ୱ ହରେଇ ବସିଛି ବୋଲି ଲାଗୁଛି। ଇଂରାଜୀଶିକ୍ଷା ତଥା ଇଂରାଜୀ ମାଧ୍ୟମରେ ଶିକ୍ଷା ଆଜିର ସମାଜରେ ଏକ ଅନାକାଂକ୍ଷିତ ଅଭିଳାଷା ଯେମିତି ହୋଇଯାଇଛି।

ଆଜି କେବଳ ଆମ ରାଜ୍ୟରେ ନୁହେଁ ସାରା ଦେଶରେ ଇଂରାଜୀ ମାଧ୍ୟମରେ ଶିକ୍ଷାପ୍ରାପ୍ତି କରିବା ଏବଂ ଇଂରାଜୀକୁ ଶିକ୍ଷାରେ ଅଧିକ ପ୍ରାଧାନ୍ୟ ଦେବା ଯଥେଷ୍ଟ ବଢ଼ିଯାଇଛି। ଏମିତିକି ଯଦି ପିଲା ଓଡିଆ କିମ୍ବା ଆପଣାର ମାତୃଭାଷାରେ ଶିକ୍ଷା ଗ୍ରହଣ କଲା ଅଥବା ପ୍ରାଧାନ୍ୟ ଦେଲା ତେବେ ତାହାକୁ ଭଲ ଦୃଷ୍ଟିରେ ଦେଖା ଯାଉନାହିଁ। ଏହା ଏକ ବିଷମ ସମସ୍ୟା ହୋଇ ଆଜିର ସମାଜରେ ଦେଖାଯାଇଛି। ତେବେ ସେ ସମସ୍ୟା ସମ୍ପର୍କରେ ଆମେ ଆଉ କେଉଁ ନିବନ୍ଧରେ ଆଲୋଚନା କରିବା। ଆଜି ଆମେ କେମିତି ଆପଣା ହାତରେ ଶୈଶବକୁ ହତ୍ୟା କରି ଚାଲିଛୁ ସେ ବିଷୟରେ କିଛି ଆଲୋଚନା କରିବା। ତେବେ କେମିତି ଆମେ ଏମିତି ଜଘନ୍ୟ କର୍ମ କରୁଛୁ ଓ କାହିଁକି କରୁଛୁ ? ଏମିତି ହତ୍ୟା ପୁଣି ଶୈଶବର ହତ୍ୟା କରିବାର ପଛରେ ଆଜିର ମଣିଷର ପ୍ରକୃତ ଉଦ୍ଦେଶ୍ୟକଣ ? ତାହାହିଁ ଆମକୁ ଆଲୋଚନା କରିବାକୁ ପଡିବ।

ଆମେ ସେହି ନିମ୍ନ ମଧ୍ୟବିତ୍ତ ଓ ଧନୀକ ଘରେ ଜନ୍ମିତ ଶିଶୁର ଶୈଶବ ସମ୍ପର୍କରେ ଆଲୋଚନା କରିବା। ଶିଶୁଟି ଜନ୍ମହୋଇ ପରିବାରକୁ ଅନେକ ଆନନ୍ଦ ଦିଏ ଓ ପରିବାରର ସଦସ୍ୟମାନେ ପିଲାଟିର ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା ଆରମ୍ଭ କରି ଦିଅନ୍ତି। ଏମିତିକି ପିଲାଟି ଯେତେବେଳେ ଆଁ ଆଁ କରୁକରୁ ମାଆମାଆ କରିବାକୁ ଆରମ୍ଭ କରେ ସେତେବେଳେ ଶିଶୁଟିକୁ ଜନ୍ମଦେଇଥିବା ମାଆ ଏକ ଭିନ୍ନ ଆଚରଣ ପ୍ରଦର୍ଶନ କରନ୍ତି। ସେକାଳେ ଶିଶୁଟି ବଡ ହେଲେ ତାଙ୍କୁ ମମ୍ମି ନ ଡାକିମାଆ ଡାକିବାକୁ ଲାଗିବ ସେଥିପାଇଁ ଶୁଆ ପକ୍ଷୀକୁ ପିଂଜୁରୀରେ ରଖିବା ଧ୍ୟରେ ରାମରା ମଣି ଖାଇବା ପରି ଶିଶୁଟି କଣ୍ଠରେ ମମ୍ମି ନାମକ ଇଂରାଜୀ ଶବ୍ଦ ଜୋର୍ କରି ଭର୍ତ୍ତି କରାଯାଏ। ଖାଲି କ'ଣ ସେତିକି ? ମମ୍ମି ଡାଡିର ଅଧ୍ୟାୟ ସରିଲା ପରେ ପିଲାଟି କଣ୍ଠରେ ଇଂରାଜୀ ଅକ୍ଷର, ସଂଖ୍ୟା ଆଦି ଭର୍ତ୍ତି ଆରମ୍ଭ ହୁଏ। ଏମିତି ଶିଶୁଟିର ଶୈଶବକୁ ଆରମ୍ଭ ହୁଏହତ୍ୟା। ସେ କ'ଣ ଚାହୁଁଛି ସେ କଥା କେହି ଚିନ୍ତା କରନ୍ତି ନାହିଁ। ସେ ଯେ ଖେଳିବ, ବୁଲିବ ଏବଂ ଆପଣା ଛାଏଁ ପ୍ରକୃତି ଓ ପରିବେଶକୁ ବୁଝିବ, ଜାଣିବ ସେ କଥାକୁ କିଏ ଅବା ଦେବ ଗୁରୁତ୍ତ୍ୱ।

ଏହା ପରେ ମଧ୍ୟ ଶିଶୁର ଶୈଶବକୁ ବାରମ୍ବାର ହତ୍ୟା କରାଯାଏ। ସେ ହସିଲେ କାହିଁକି ଏତେ ହସୁଛୁ, ଚୁପ୍ ରହ, କାନ୍ଦିଲେ, କାହିଁକି କାନ୍ଦୁଛୁ, କାନ୍ଦିବା ବନ୍ଦ କର ନଚେତ୍ ମାଡ ଖାଇବୁ। ଏ କାମକର ନା, ସେ କାମକର ନା, ଏ କଥା କହନ୍ତି ନାହିଁସେ କଥା କହନ୍ତି, ଏମିତି ବସନ୍ତି ନାହିଁ ସେମିତି ବସନ୍ତି ଇତ୍ୟାଦି କେତେ ଉପଦେଶ ଓ ପରାମର୍ଶ। କେହି ଜଣେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ଯେ ସେ ପିଲାଟି କଣ ଚାହୁଁଛି? କ'ଣ ତା'ର ଆବଶ୍ୟକ ? ଏ ଶୈଶବରେ ସେ କେତେ ବୋଝ ନେଇପାରିବ ? କେତେ ତା'ର ଶକ୍ତି? ଏହା ନ ବୁଝି ଆମେ ତା'ର ଶୈଶବକୁ ଆପଣା ଇଚ୍ଛାରେ ନିୟନ୍ତ୍ରିତ କରିବା କୁଚାହୁଁ ଯାହା ଶୈଶବର ହତ୍ୟାଠାରୁ କମ୍ ନୁହେଁ।

ଏହାଠାରୁ ଅଧିକ ଭୟାନକ ପରିସ୍ଥିତି ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଶିଶୁଟିକୁ ବଳ ପ୍ରୟୋଗ ପୂର୍ବକ ଏକ ସମ୍ପୂର୍ଣ୍ଣଭିନ୍ନ ପରିବେଶକୁ ପଠେଇ ଦିଆଯାଏ। ଅର୍ଥାତ୍ ସେ ଦୁଇବର୍ଷ ହୋଇଛି କି ନାହିଁ ତାକୁ ବିଦ୍ୟାର୍ଜନ କରିବା ନିମନ୍ତେ ବିଦ୍ୟାଳୟକୁ ପଠାଇ ଦିଆଯାଏ। ସହର, ନଗର, ମହାନଗର ମାନଙ୍କରେ ଅନେକ ବିଦ୍ୟାଳୟ ଖୋଲିଛି ଯେଉଁଠି ଶିଶୁର ଶୈଶବର ସୁରକ୍ଷା ନାମରେ ତା'ର ହତ୍ୟା ହେଉଛି। ସେ ବଡିସକାଳେ ବିଛଣା ଛାଡିବାକୁ ପ୍ରସ୍ତୁତ ନ ଥିଲାବେଳେ ଜୋର କରିତାକୁ ବିଛଣାରୁ ଉଠାଇ ଦିଆଯାଏ।

ତାକୁ ନିତ୍ୟକର୍ମର ସମ୍ପାଦନ ପାଇଁ ମଧ୍ୟ ଚାପ ଦିଆଯାଏ। ତାର ଖାଇବାକୁ ଇଚ୍ଛା ନ ଥିଲେ ମଧ୍ୟ ଖାଇବା ପାଇଁ କୁହାଯାଏ। ବିଦ୍ୟାଳୟର ସ୍ୱତନ୍ତ୍ର ପୋଷାକ ପିନ୍ଧିବାକୁ, ଜୋତା, ମୋଜା ଆଦି ବ୍ୟବହାର କରିବାକୁ ବାଧ୍ୟ କରାଯାଏ। ସେ ଏ ସବୁପ୍ରତି ଅନାଗ୍ରହ ଦେଖାଇଲେ ମଧ୍ୟ କାହାର ସେଥିପ୍ରତି ଦୃଷ୍ଟି ନ ଥାଏ। ଏହାକୁ ଏକପ୍ରକାର ଶୈଶବର ହତ୍ୟା ବୋଲି କୁହାଯାଇ ପାରେ। ତେବେ ସବୁଠାରୁ ଭୟଙ୍କର ପରିସ୍ଥିତି ସେତେବେଳେ ସୃଷ୍ଟିହୁଏ ଯେତେବେଳେ ପିଲାଟି ଘରଛାଡି, ବାପାମାଆ ଆଦିଙ୍କୁ ଛାଡି ଯିବାକୁ ଚାହୁଁ ନଥିବ ସେତେବେଳେ ତାକୁ ବାଧ୍ୟ କରି ଟାଣିଟାଣି ବିଦ୍ୟାଳୟ ନାମକ କାରାଗାର ଭିତରକୁ ନିକ୍ଷେପ କରାଯାଏ ଯେଉଁଠି ତା'ର ଶୈଶବର ହତ୍ୟା ପାଇଁ ସମସ୍ତ ବ୍ୟବସ୍ଥା ହୋଇଥାଏ।

ସେ କାନ୍ଦେ, ଗଡିଯାଏ ତଳେ, କେତେ କାକୁତି ମିନତି କରେ କିନ୍ତୁ କଂସେଇ ଯେମିତି ହଣାକାଠକୁ ଛେଳି, ମେଣ୍ଢାଙ୍କୁ ଟାଣି ନେଇଯାଏ ସେମିତି ଘଟଣା ଘଟେ ପିଲାଟିର ଏହି ଶୈଶବରେ। ବିଦ୍ୟାଳୟରେ ସେ ରହେ ସମ୍ପୂର୍ଣ୍ଣ ଅପରିଚିତଙ୍କ ଗହଣରେ। ସେ ବିକଳ ହୋଇ କାନ୍ଦେ କିନ୍ତୁ ତା'ର କାନ୍ଦଣା କାହାକୁ ପ୍ରଭାବିତ କରେ ନାହିଁ ବରଂ ଅନେକ ସମୟରେ ଶିଶୁଟି ଶାରିରୀକ ନିର୍ଯ୍ୟାତନାର ଶୀକାର ହୁଏ। ସେ ଏକ ଭୟଯୁକ୍ତ ବାତାବରଣରେ ବଂଚିବାକୁ ବାଧ୍ୟ ହୁଏ। ଏହା କ'ଣ ଶୈଶବର ହତ୍ୟା ନୁହେଁକି ? ଆଧୁନିକ ବିଶ୍ୱ ସମାଜରେ ଆଜି ଏମିତି ହେଉଛି ଶୈଶବର ଲାଳନ ପାଳନ। ପିଲାଟି ଏମିତି ଏକ ନିର୍ଦ୍ଦୟ ପରିବେଶରେ ବଡ ହେଉଛି ଯେ ସେ ବଡ ହୋଇ ସେମିତି ନିର୍ଦ୍ଦୟ ଓ ନିଷ୍କରୁଣ ହୋଇ ଯାଉଛି। ଆମେ କିନ୍ତୁ ସେଥି ପ୍ରତି କଦାଚିତ୍ ସଚେତନ ରହୁଛୁ।

ଏହାର କାରଣ କଣ ? କାରଣ ହେଉଛି ଆମର ଜୀବନ ଶୈଳୀରେ ବିଶୃଙ୍ଖଳା। ଆମର ସମ୍ବେଦନ ହୀନତା ଓ ଶିଶୁଙ୍କ ପ୍ରତି ଦାୟିତ୍ୱହୀନତା। ଆମେ ଆଜି ସଭ୍ୟତା ନାମରେ କେବଳ ଲମ୍ଫଦୌଡ ଲଗାଇବାରେ ସଚେଷ୍ଟ ରହିଛୁ। ଅଧିକ ଧନ ଉପାର୍ଜନ ପାଇଁ ରାତି ଆଉ ଦିନ ଏକାକାର କରୁଛୁ। ଭୋଗ ବିଳାସରେ ମସ୍‌ଗୁଲ ରହୁଛୁ। ଆମର ଜୀବନ କେବଳ ଆମ ଭିତରେ ବନ୍ଦୀ ହୋଇ ଯାଇଛି। ଆମେ କେବଳ ଆମେରେ ହିଁ କେନ୍ଦ୍ରୀଭୁତ ହୋଇ ଯାଇଛୁ। ଏଣୁ ଶିଶୁଟିର ଶୈଶବକୁ ସୁରକ୍ଷିତ ରଖିବାରେ ବିଫଳ ହେଉଛୁ। ଶୈଶବର ହତ୍ୟା ଆମରି ହାତରେ ଆମେ କରି ଚାଲିଛୁ।


୭ କବିବ୍ରଜନାଥ ରଥ,
ବିଶ୍ୱଶ୍ରୀପ୍ରେସ୍, ଫକୀରମୋହନ
କଲେଜରୋଡ, ବାଲେଶ୍ୱର-୧


## ଏକ ବିରଳ ବ୍ୟକ୍ତିତ୍ୱ: ବରାହଗିରି ଭେଙ୍କଟ ଗିରି



ପ୍ରଦୀପ୍ତ ଆଚାର୍ଯ୍ୟ

ଓଡିଶାର ବରହମପୁରରେ ୧୮୯୪ ମସିହା ଅଗଷ୍ଟ ମାସ ୧୦ ତାରିଖ ଦିନ ଏକ ତେଲଗୁ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ଏକ ସ୍ୱନାମଧନ୍ୟ, ଜନପ୍ରିୟ, ବିରଳ ବ୍ୟକ୍ତି ବରାହଗିରି ଭେଙ୍କଟ ଗିରି। ଜଣେ ପ୍ରଖ୍ୟାତ ଆଇନଜୀବି ତଥା ସକ୍ରିୟ ରାଜନୈତିଜ୍ଞ ବ୍ୟକ୍ତି, ଭି.ଭି ଜୋଗୟା ପଂଟୁଲୁଙ୍କ ଔରସରୁ ଏବଂ ଜାତୀୟତା ଆନ୍ଦୋଳନରେ ସକ୍ରିୟାଂଶ ଗ୍ରହଣ କରୁଥିବା ମହିୟସୀ ମହିଳା ସୁଭଦ୍ରମାଙ୍କ ସ୍ୱର୍ଣଗର୍ଭରୁ ଜାତ ଶିଶୁ ଯେ ଦିନେ ଭାରତର ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ ହେବ ଏକଥା ଥିଲା କଳ୍ପନାତୀତ। ସର୍ବପ୍ରଥମ ନିର୍ଦ୍ଦଳୀୟ ରାଷ୍ଟ୍ରପତି ପ୍ରାର୍ଥୀରୂପେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ଜୟଲାଭ କରିବାପରେ ସେ ୧୯୬୯ ମସିହା ଅଗଷ୍ଟ ୨୪ ତାରିଖରୁ ୧୯୭୪ ମସିହା ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଦେଶର ଚତୁର୍ଥ ରାଷ୍ଟ୍ରପତି ରୂପେ ଆସନ ଅଳଙ୍କୃତ କରି ସଫଳତାର ସହିତ କାର୍ଯ୍ୟ ନିର୍ବାହ କରିଥିଲେ। ରାଜନୈତିକ ଜୀବନରେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହେବା ତାଙ୍କୁ ଯେତିକି ପ୍ରସିଦ୍ଧି ଆଣି ଦେଇଥିଲା, ତାଠାରୁ ଅଧିକ ଖ୍ୟାତି ଏବଂ ଲୋକପ୍ରିୟତା ଦେଇଥିଲା ତାଙ୍କର ଟ୍ରେଡ ୟୁନିୟନରେ ସଫଳ ନେତୃତ୍ୱ। ପିତା ତାଙ୍କର ଜଣେ ପ୍ରଖ୍ୟାତ ଆଇନଜୀବି ଥିବାରୁ, ତାଙ୍କ ପଦାନୁସରଣ ନିମନ୍ତେ, ଖଲିକୋଟ ମହାବିଦ୍ୟାଳୟରେ ଶିକ୍ଷା ସମାପ୍ତି ପରେ ଆଇନଶିକ୍ଷା ଗ୍ରହଣ ନିମନ୍ତେ ୧୯୧୩ ମସିହାରେ ସେ ଆୟାରଲ୍ୟାଣ୍ଡ ର ଏକ ଆଇନ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ଆଇନ ଶିକ୍ଷା ତାଙ୍କୁ ବିଶେଷ ଭାବରେ ଆକର୍ଷିତ କରିପାରିନଥିଲା। ରକ୍ତରେ ତାଙ୍କର ଥିଲା ନେତୃତ୍ୱର ନିଶା। ଦବଲିନରେ ଆଇନ ଶିକ୍ଷା ଗ୍ରହଣ ସମୟରେ ଇରିସ ସ୍ୱାଧୀନତା ଆନ୍ଦୋଳନ ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା। ୧୯୧୬ ମସିହାରେ ତତ୍କାଳୀନ (ସିନ ଫିଏନ) ଆନ୍ଦୋଳନରେ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ଅଭିଯୋଗରେ ସେ ଆୟାରଲ୍ୟାଣ୍ଡରୁ ବହିଷ୍କୃତ ହୋଇଥିଲେ। ଭାରତକୁ ଫେରି ସେ ସର୍ବପ୍ରଥମେ ମାଡ୍ରାସ ହାଇକୋର୍ଟରେ ଆଇନ ବ୍ୟବସାୟ ନିମନ୍ତେ ନାମ ପଞ୍ଜୀକରଣ କରାଇଥିଲେ। ତତପରେ ସେ କଂଗ୍ରେସ ଦଳର ସଦସ୍ୟତା ଗ୍ରହଣ କରି, ଆନିବେସାନ୍ତଙ୍କ ଦ୍ୱରା ପରିଚାଳିତ (ହୋମ ରୁଲ ମୁଭମେଂଟରେ ) ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ୧୯୨୦ ମସିହାରେ ସେ ମହାତ୍ମାଗାନ୍ଧୀଙ୍କ ଆହୁତ ଅସହଯୋଗ ଆନ୍ଦୋଳନରେ ସମ୍ପୂର୍ଣ୍ଣ ସାମିଲ ହୋଇ, ଦୁଇବର୍ଷ ପରେ ମଦ ବିକ୍ରି ବିରୁଦ୍ଧରେ ଆନ୍ଦୋଳନ କରି କାରାବରଣ କରିଥିଲେ। ପ୍ରକୃତରେ ସେ ଗରିବ ଖଟିଖିଆ ଶ୍ରମିକ ମାନଙ୍କ ସୁରକ୍ଷା ଏବଂ ଆର୍ଥିକ ଅବସ୍ଥାର ଉନ୍ନତୀ ନିମନ୍ତେ ( ଅଲ ଇଣ୍ଡିଆ ରେଲୱେ ମେନସ ଫେଡେରେସନ)ନାମକ ଶ୍ରମିକ ସଙ୍ଗଠନ ଗଠନ କରି ଦଶବର୍ଷରୁ ଉର୍ଦ୍ଧ୍ୱ ଏହାର ସାଧାରଣ ସମ୍ପାଦକ ଦାୟୀତ୍ୱ ତୁଲାଇ ଥିଲେ। ୧୯୨୬ ମସିହାରେ ସେ (ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ)ର ସଭାପତି ରୂପେ ନିର୍ବାଚିତ ହୋଇ ୧୯୨୭ ମସିହାରେ ଜେନେଭା ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଶ୍ରମ ସମ୍ମିଳନୀରେ ଯୋଗଦାନ କରିଥିଲେ। ୧୯୩୧ରେ ଲଣ୍ଡନଠାରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଶ୍ରମିକ ପ୍ରତିନିଧି ଭାବରେ ଯୋଗଦାନ କରିଥିଲେ।୧୯୨୮ରେ ସେ (ବେଙ୍ଗଲ ନାଗପୁର ରେଲୱେ ଆସୋସିଏସନ) ଗଠନ ପୂର୍ବକ, ବ୍ରିଟିଶ ସରକାରଙ୍କ ନିକଟରେ ଅହିଂସାପୂର୍ଣ୍ଣ ଭାବରେ ଶ୍ରମିକ ମାନଙ୍କର କେତେକ ନ୍ୟାର୍ଯ୍ୟଦାବି ଉପସ୍ଥାପିତ କରାଇ ତାହା ପୂରଣ କରାଇବାରେ ସକ୍ଷମ ହୋଇପାରିଥିଲେ। ଇତ୍ୟବସରରେ ସେ ୧୯୩୪ରେ (ଇମ୍ପେରିଆଲ ଲେଜିସ୍ଲେଟିଭ ଆସେମ୍ବ୍ଲି ର) ସଦସ୍ୟ ହୋଇ ଶ୍ରମିକ ଏବଂ ଟ୍ରେଡ ୟୁନିୟନ ଗୁଡିକର ମୂଖପାତ୍ର ଭୂମିକା ନିର୍ବାହ କରୁଥିଲେ।୧୯୩୬ ସାଧାରଣ ନିର୍ବାଚନରେ ବୋବୋଲିର ରାଜାଙ୍କୁ ପରାସ୍ତ କରି ମାଡ୍ରାସ ବିଧାନ ସଭାକୁ ନିର୍ବାଚିତ ହୋଇ, ରାଜଗୋପାଲଚାରୀଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ସରକାରରେ ୧୯୩୭ ରୁ ୧୯୪୦ ପର୍ଯ୍ୟନ୍ତ ଶ୍ରମ ଏବଂ ଶିଳ୍ପ ବିଭାଗର ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇଥିଲେ। ୧୯୩୮ରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ,ଜାତୀୟ ଯୋଜନା କମିଟିର ଅଧ୍ୟକ୍ଷ ରୁପେ ମନୋନୀତ ହୋଇଥିଲେ। ସେ ପୁନର୍ବାର ଭାରତଛାଡ ଆନ୍ଦୋଳନରେ ଅଂଶ ଗ୍ରହଣକରି ୧୯୪୨ ମସିହାରେ ଗ୍ରେପ୍ତାର ହୋଇ ଭେଲୋର ଏବଂ ଅମରାବତୀ ବନ୍ଦୀଶାଳାରେ ତିନିବର୍ଷ ରହିବାପରେ ୧୯୪୫ରେ ମୁକ୍ତିଲାଭ କରିଥିଲେ।୧୯୪୬ ମସିହା ସାଧାରଣ ନିର୍ବାଚନରେ ସେ ମାଡ୍ରାସ ବିଧାନ ସଭାକୁ ପୁନଃନିର୍ବାଚିତ ହୋଇ ଟି.ପ୍ରକାଶମ୍‌ଙ୍କ ମନ୍ତ୍ରୀମଣ୍ଡଳରେ ଶ୍ରମ ମନ୍ତ୍ରୀ ରୁପେ କାର୍ଯ୍ୟ ତୁଲାଇଥିଲେ। ୧୯୪୭ରୁ ୧୯୫୧ ମସିହା ପର୍ଯ୍ୟନ୍ତ ସେ ପ୍ରଥମ ଭାରତୀୟ ଯିଏକି, ଶ୍ରୀଲଙ୍କାର ହାଇକମିସନର ରୁପେ ନିଯୁକ୍ତି ପାଇଥିଲେ।୧୯୫୧ରେ ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନରେ ମାଡ୍ରାସ ରାଜ୍ୟର ପଥପଟ୍ଟନମ ଲୋକସଭା ନିର୍ବାଚନ ମଣ୍ଡଳୀରୁ ସାଂସଦ ରୁପେ ନିର୍ବାଚିତ ହୋଇ ୧୯୫୨ରେ ସେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଶ୍ରମମନ୍ତ୍ରୀ ଦାୟୀତ୍ୱ ନିର୍ବାହ କରିଥିଲେ।୧୯୫୪ରେ କେନ୍ଦ୍ର ସରକାର ବ୍ୟାଙ୍କ୍ କର୍ମଚାରୀଙ୍କର ବେତନ ହ୍ରାସ କରିବାର ପ୍ରତିବାଦରେ ସେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଥିଲେ। ପୁନର୍ବାର ୧୯୫୭ ସାଧାରଣ ନିର୍ବାଚନରେ ପାର୍ବତୀପୁରମ୍ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରି ପରାଜୟ ବରଣ କରିଥିଲେ ଏବଂ ତା ପରଠାରୁ ସେ ୧୯୫୭ ରୁ ୧୯୬୦ ପର୍ଯ୍ୟନ୍ତ ଉତରପ୍ରଦେଶ,୧୯୬୦ରୁ ୧୯୬୫ ପର୍ଯ୍ୟନ୍ତ କେରଳ, ଏବଂ ୧୯୬୫ରୁ ୧୯୬୭ ପର୍ଯ୍ୟନ୍ତ କେରଳ ରାଜ୍ୟର ରାଜ୍ୟପାଳ ରୁପେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୧୯୬୭ ମସିହା ମେ ମାସରେ ତୃତୀୟ ଉପରାଷ୍ଟ୍ରପତି ରୁପେ ନିର୍ବାଚିତ ହୋଇ ଦୁଇବର୍ଷ କାର୍ଯ୍ୟ ତୁଲାଇବା ସମୟରେ ୧୯୬୯ ମସିହା ମେ ୩ ତାରିଖରେ ତତକାଳିନ ରାଷ୍ଟ୍ରପତି ଜାକିର ହୁସେନ ମୃତ୍ୟୁ ବରଣ କରିଥିଲେ ଏବଂ ତାଙ୍କୁ ସେହିଦିନ ଠାରୁ କାମଚଳା ରାଷ୍ଟ୍ରପତି ରୁପେ ଦାୟୀତ୍ୱ ତୁଲାଇବାକୁ ପଡିଥିଲା। ୧୯୬୯ ଜୁଲାଇ ୨୦ ତାରିଖରେ ସେ କାମଚଳା ରାଷ୍ଟ୍ରପତି ପଦରୁ ଇସ୍ତଫା ପଦାନ କରି ପ୍ରଥମ ସ୍ୱାଧୀନ ପ୍ରାର୍ଥୀ ଭାବରେ ରାଷ୍ଟ୍ରପତି ନିର୍ବାଚନର ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ଜୟଲାଭ କରିଥିଲେ ଏବଂ ୧୯୬୯ ଅଗଷ୍ଟ ୨୪ ତାରିଖରେ ରାଷ୍ଟ୍ରପତି ରୁପେ ଶପଥ ଗ୍ରହଣ କରିଥିଲେ। ସେ ଜଣେ ସଚ୍ଚୋଟ, ଦରଦୀ, ନିସ୍ୱାର୍ଥପର, ପରୋପକାରୀ ଶ୍ରମିକ ନେତା ହିସାବରେ ବେଶ୍ ଜନପ୍ରିୟତା ହାସଲ କରିଥିବାରୁ,୧୯୯୫ ମସିହାରେ (ଦ ନ୍ୟାସନାଲ୍ ଲେବର ଇନଷ୍ଟିଚ୍ୟୁଟ)କୁ ତାଙ୍କ ନାମରେ ପୁନଃନାମିତ କରାଯାଇ (ଭି.ଭି.ଗିରି ନ୍ୟାସନାଲ୍ ଲେବର ଇନଷ୍ଟିଚ୍ୟୁଟ) ନାମରେ ନାମିତ କରାଗଲା। ଭାରତ ସରକାରଙ୍କ ଦ୍ୱାରା, ତାଙ୍କର ସାଧାରଣ ବ୍ୟାପାର ସମ୍ବନ୍ଧୀୟ ସଂପୃକ୍ତି ଏବଂ ତ୍ୟାଗ ନିମନ୍ତେ,୧୯୯୫ ମସିହାରେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ (ଭାରତ ରତ୍ନ) ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କ ଦ୍ୱାରା ଲିଖିତ ଦୁଇଗୋଟି ପୁସ୍ତକ (ଇଣ୍ଡଷ୍ଟ୍ରିଆଲ ରିଲେସନ) ଏବଂ (ଲେବର ପ୍ରୋବ୍ଲେମ ଇନ ଇଣ୍ଡିଆନ ଇଣ୍ଡଷ୍ଟ୍ରି) ଶ୍ରମିକ ଶକ୍ତିର ସଠିକ୍ ପରିଚାଳନା ଉପରେ ବାସ୍ତବ ଚିତ୍ର ପ୍ରଦାନ କରି ବେଶ୍ ଲୋକପ୍ରିୟ ହୋଇପାରିଛି। ଏହିଭଳି ଏକ ବିରଳ ପ୍ରତିଭାଧାରୀ ବ୍ୟକ୍ତିଙ୍କ ପୂଣ୍ୟ ଜନ୍ମତିଥିରେ ,ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହିତ, ତାଙ୍କ ପରି ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଏ ପୂଣ୍ୟଭୂମି ଭାରତବର୍ଷରେ ବାରମ୍ବାର ଜନ୍ମ ଗ୍ରହଣ କରାନ୍ତୁ, ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ସଭକ୍ତି ନିବେଦନ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀ ବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦





### ହେ ଈଶ୍ୱର ! କାହିଁକି ଏମିତି କର ?

ନିରଞ୍ଜନ ସାହୁ

ହେ ଈଶ୍ୱର !!!
କେଉଁ କଥା ତୁମକୁ ଅଗୋଚର ?
ତୁମେ ତ ସ୍ରଷ୍ଟା
ତୁମେ ପୁଣି ସୃଷ୍ଟିକୁ
କେମିତି ଧ୍ୱଂସ କରିପାର ?
ସନ୍ତାନ ମନରେ ଦୁଃଖ
ସନ୍ତାନ ଆଖିରେ ଲୁହ
ସନ୍ତାନ ଛାତିରେ କୋହ
ତୁମେ କେମିତି ଦେଇପାର ?
ଜୀବନକୁ କଲବଲ କର
ପ୍ରାଣକୁ ଛଟପଟ କର
ଆତ୍ମାକୁ ବେଦନାରେ ଭର
ଅଥଚ ତୁମେ କେମିତି ହସିପାର ?
ବଞ୍ଚିବାକୁ ଅସହଣୀ କରି
ଦୁଃଖ ,କଷ୍ଟ , ଯାତନା ସଞ୍ଚରି
ମରମରେ ବ୍ୟଥା ଦାନ କରି
ତୁମେ ରୁହ କେମିତି ନିର୍ବିକାର ପରି ?
ହେ ଈଶ୍ୱର !!!!!
ତୁମେ ପରା ମଙ୍ଗଳମୟ
ତୁମେ ପରା ଲୀଳାମୟ
ତୁମେ ପରା ସର୍ବଦା ସଦୟ
ତେବେ ଏ ଜୀବନ କାହିଁକି ଅଥୟ ?
ମୋ ପ୍ରଶ୍ନ ଶୁଣି ତୁମେ ନିରୁତ୍ତର
ଭାଗ୍ୟ ଯଦି ମୋର ସହଚର
କର୍ମ ଯଦି ମୋର ସାତପର
ତେବେ ମୁଁ ବି ନୁହେଁ ତ ମୋହର
କାନ ଖୋଲି ଶୁଣ ହେ ଠାକୁର
କହେ ଏହି ଦୀନଜନ ଛାର
ତୁମେ ଅଟ କେବଳ ତୁମର
ସବୁଠାରୁ ବଡ଼ ସ୍ୱାର୍ଥପର ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩


### ସୁରକ୍ଷା କବଚ

ରମେଶ ଚନ୍ଦ୍ର ନାୟକ

ମୋ ଭାଇ ହାତରେ ବାନ୍ଧି ଦେବି ରାକ୍ଷୀ
ସୁରକ୍ଷା କବଚ ମୋର
ସ୍ନେହ ଶ୍ରଦ୍ଧା ଭକ୍ତି ପବିତ୍ର ପ୍ରେମର
ମଧୁର ସମ୍ପର୍କ ଡୋର ।
ସିନ୍ଦୁର ଚନ୍ଦନ ଟୀକା ମାଥେ ଦେଇ
ହାତେ ଦେବି ଶ୍ରଦ୍ଧା ଫୁଲ
ଦୀର୍ଘାୟୁ ଜୀବନ କରିବି କାମନା
ରାକ୍ଷୀର ମାଗିବି ମୂଲ ।
ମାଗିବି ନାହିଁ ମୁଁ ସୁନା ରୂପା ହୀରା
ମୋତି ଆଭରଣ ଯେତେ
ମାଗିବି ଏତିକି ଏ ନାରୀ ଛାତିକି
ସମ୍ମାନ ଦେବାକୁ ହୃଦେ ।
ଭାଇ ଭଉଣୀର ଅତୁଟ ବନ୍ଧନ
ଅଟେ ଏହି ସୂତା ଖିଅ
ବିପଦେ ଆପଦେ ଛିଡି ସେ ନଥାଏ
ଦୂର କରେ ମାୟା ମୋହ ।
ପିରତୀ ପୁଲକ ଖୁସିର ଝଲକ
ଭାଇ ଭଉଣୀର ସ୍ନେହଁ
ପ୍ରେମର ବନ୍ଧନ ଅମୂଲ୍ୟ ରତନ
ଗୋଟେ ମନ ଦୁଇ ଦେହ ।
ଶାନ୍ତି ପ୍ରୀତି ମୈତ୍ରୀ ବାରତା ବାଣ୍ଟିବ
ଭାଇ ହାତେ ରାକ୍ଷୀ ଡୋର
ଆଶା ବିଶ୍ୱାସର ସୁରକ୍ଷା କବଚ
ରହିଛି ରହିବ ଚିର ।


+କେଶରପୁର , ବକ୍ସି ବଜାର ,
କଟକ
ମୋ :- ୭୯୭୮୧୫୧୭୧୦


### ବଡ଼ ଘର ବଡ଼ ଗୁମର କଥା

ବାପିନି ସିଂ

ଯେଉଁ ପରିବାର ସତରେ ଅଟଇ
ରୂପ ଓ ଗୁଣରେ ବଡ଼
ସେହି ପରିବାର କଥା ତ କହିଲେ
ବଦଳୁଛି ସବୁ ମୋଡ଼ ।
ବଡ଼ ପରିବାରେ ରହିଛି ସର୍ବଦା
ଛନ୍ଦ କପଟର ଖେଳ
ସେହି ଖେଳ ଖେଳି ଯିଏ ପାରି ହେଲା
ହୁଅଇ ସେ ହଳଛଳ ।
ଛନ୍ଦ କପଟର ଖେଳ ଖେଳି ଯିଏ
ହୁଅଇ ପରର ମନ୍ଦି
ସେଥିପାଇଁ ପରା କୀଟ ପୋକ ପରି
ପଡ଼େ ସେ ଜାଲରେ ଛନ୍ଦି ।
ବଡ଼ ଘର କଥା ସର୍ବଦା ଅଶାନ୍ତି
ଦିନରାତି କଳିହୁଡ଼ି
ସେଇ କଳିହୁଡ଼ି ଜଞ୍ଜାଳରେ ରହି
ଦିନେ ତ ଯିବୁ ବାହୁଡ଼ି ।
ବଡ଼ ଘରର ବଡ଼ ଗୁମର କଥା
ଭଲରେ ଯିଏ ଜାଣଇ
ଏ ଭବ ସଂସାରରେ ସେହି ଲୋକ ହିଁ
ଉତ୍ତମେ ଚଳି ପାରଇ ।
ବଡ଼ ଘର ଛନ୍ଦ କପଟୀଙ୍କ ସହ
ଯିଏ ସେ ହାତ ମିଳଇ
ତହୁଁ ଜାଣିଯିବ ସେହି ଲୋକଟି ହିଁ
ସର୍ବତ୍ର ଘର ଭାଙ୍ଗଇ ।


+ସ୍ନାତକୋତ୍ତର ଅର୍ଥଶାସ୍ତ୍ର
ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର ,ବାଲେଶ୍ୱର
ଦୂରଭାଷ : ୯୯୩୭୮୨୦୮୩୧


### ସ୍ୱଭାବ କବି ତୁମେ

ପ୍ରଭାତୀ ହୋତା

ନବଜାଗରଣର ମହାମନ୍ତ୍ର ନେଇ
ପ୍ରକୃତି କୋଳରେ ଜନମି ଥିଲ
ଉଣେଇଶଶହ ବାଷଠି ଅଗଷ୍ଟ ନଅରେ
ପିତାମାତା ମୁଖେ ହସ ଫୁଟାଇଲ ।
ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ବେଳାରେ
ବରପାଲି ଗ୍ରାମେ ତୁମ ଜନମ
ଓଡ଼ିଆ ସାହିତ୍ୟର ଅନନ୍ୟ ବିନ୍ଧାଣୀ ହେ
ଜଣାଉ ତୁମକୁ ଶତ ପ୍ରଣାମ ।
ଗାଁ ଚାଟଶାଳୀ ପାଠ ପଢ଼ା ସାରି
ଦାରିଦ୍ର୍ୟ ସୀମାକୁ ଲଙ୍ଘିଯାଇ
ବାହ୍ୟ ଜଗତର ସୌନ୍ଦର୍ଯ୍ୟକୁ ତୁମେ
ରଚିଅଛ କେତେ ରୂପଦେଇ ।
କାବ୍ୟ କବିତାର ଲେଖନୀରେ ଅଛି
ସ୍ୱଭାବସିଦ୍ଧ ତୁମ କବିତ୍ୱର
ସୃଷ୍ଟି କରିଅଛ ଆପଣା ପରିଚୟ
ବୋଲାଇ ସ୍ୱଭାବ କବି ଗଙ୍ଗାଧର ।
ଅମର ହୋଇ ରହିଅଛ ତୁମେ
ପ୍ରତି ଓଡ଼ିଆଙ୍କ ହୃଦୟରେ
ସାହିତ୍ୟକୃତି ତୁମ ଓଡ଼ିଆ ଜାତିର
ପରିଚୟ ଦିଏ ଦେଶ ବିଦେଶରେ ।
କାବ୍ୟ ରୂପରେ ରଚିଅଛ ତୁମେ
ପୁରାଣ ବର୍ଣ୍ଣିତ ବିଷୟକୁ
ପ୍ରକୃତିର ଚାରୁଚିତ୍ରକର ରୂପେ
ପ୍ରତିଷ୍ଠା କରିଣ ନିଜକୁ ।
ଉତ୍କଳ ଲକ୍ଷ୍ମୀ, କୀଚକବଧ
ଅଯୋଧ୍ୟା ଦୃଶ୍ୟ, ପଦ୍ମିନୀ
ପ୍ରଣୟବଲ୍ଲରି, ରସରତ୍ନାକର
ଇନ୍ଦୁମତୀ, ତପସ୍ୱିନୀ ।
ହୃଦୟସ୍ପର୍ଶୀ ତୁମ କାବ୍ୟ କବିତା
ସରଳ ଭାଷାରେ ଲିଖିତ
ରାଜ୍ୟ, ଧର୍ମ, ଦର୍ଶନର
ମହାନ ରୂପକାର
ପରିଚୟ ତୁମ ସ୍ୱତନ୍ତ୍ର
ପୂର୍ଣ୍ଣମୀ ତିଥିରେ ଆଲୋକିତ ହୋଇ
ସାହିତ୍ୟ କ୍ଷେତ୍ରକୁ ସୃଷ୍ଟି କଲ
ଅମାବାସ୍ୟାର ଅନ୍ଧକାର ଛାଇରେ
ବିଳୟ ହେଲା ତୁମ କବିତ୍ୱର ।


+ସାଗୁନଭାଡି, ନୂଆପଡା



### ମାଟିଲଗ୍ନା

ଦୀପକ କୁମାର ମିଶ୍ର

ଧରଣୀ ସରଣୀ ସୁଗନ୍ଧିତମୟ
ଆକାଶ ବି ମୋହାଚ୍ଛନ୍ନ
ବନାନୀ ଗହନେ ରଙ୍ଗ ଛିଟାମାରେ
ସମ୍ମୋହିତ ତା'ର ମନ ।
ମହୀ ମହମହ ବାସ ଚହଟାଏ
ପବନ ବାସ ବାହକ
ଲଙ୍ଗଳ ବହପେ ବାହୁଛି ସପନ
ମାଟି ଅଧୀରେ ସ୍ଫୁରେ ମହକ ।
ପାହାଡି ଲଳନା କରୁଛି କଳନା
ତା ରୂପକାନ୍ତି ପରିସୀମା
ନଈ ଝରଣା ଗାଆନ୍ତି ମତୁଆଲା ଗୀତ
ତୁଠେ ଧୂସରିତ ବାସ୍ନା କନ୍ୟା ।
ଝିଙ୍କାରିର ସ୍ୱର କେତେ ବେସୁରା ଲାଗଇ
କଣ୍ଢେ ମାଟି ଅତର ନମାଖିଲେ
ଠେକା ବୁଢା ଉଚ୍ଚ ଗଳାରେ ଗାଉଛି
ମେଘ ମହ୍ଲାର ବାସେ ହିଲ୍ଲୋଳେ।
ସାରା ବ୍ରହ୍ମାଣ୍ଡ ମାତିଛି ମାଟିଲଗ୍ନା ସାଜି
ଆଜି ପ୍ରୀତିଲଗ୍ନା ମାଟିଗନ୍ଧ
ମୟୂରୀ ଆତୁରେ ରତିଲଗ୍ନା ହୋଇ
ବିଜନେ ଖୋଜଇ ମିତ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଅଜୟ ଅକ୍ଷୟ ଅକ୍ଷର
### ଭରତ ଚନ୍ଦ୍ର ଦାଶ



ତୋ ପ୍ରତି
ମୋର ଆକର୍ଷଣ
ଆସକ୍ତି କେବେ କେମିତି
ହେଲା ତାହା ମୋର ସ୍ମରଣର
ସରହଦ ବାହାରେ
ତୋ ରୂପ ଲାବଣ୍ୟରେ
ବନ୍ଧା ଚିରକାଳ ମୋ
ହେତୁ ହେବା ଦିନଠୁ
ପଢ଼ିଥିଲି ଶ୍ରେଷ୍ଠ ସଖା
ଅଦିନ, ଅସମୟ ଓ ଏକଲାପଣର
ବନ୍ଧୁ ବୋଲି ତୁମେ ।
ନିଃସଙ୍ଗରେ ସଙ୍ଗ ଲାଭ
ଦୁର୍ଦ୍ଦିନରେ ପ୍ରୀତି ଲାଭ
ଅନ୍ଧାରରେ ଜ୍ୟୋତି ଲାଭ
ଅଜ୍ଞାନରେ ଜ୍ଞାନ ଲାଭ
ଦୁର୍ବଳରେ ବଳ ଲାଭ
ତୁମ ଉପସ୍ଥିତି ପଥ କରେ ସ୍ପଷ୍ଟ

ତୁମେ ପଥ ଦ୍ରଷ୍ଟା
ଗତ ଆଗତ ଦେଖିପାର ତୁମେ
କାଳକୁ ଜୟକରିବାର ଶକ୍ତି
ସାମର୍ଥ୍ୟରେ ତୁମେ ଚିର ଶକ୍ତିମାନ
ଜ୍ଞାନ ଓ ବିଜ୍ଞାନର ଗନ୍ତାଘର
ଅକ୍ଷୟ କୀର୍ତ୍ତିର ସ୍ୱାକ୍ଷର
ଶବ୍ଦ ବ୍ରହ୍ମର ଶାଶ୍ୱତ ଅକ୍ଷର ।

ତୁମେ ଅଛ ବୋଲି ତ
ତ୍ରେତୟାରୁ ଦ୍ୱାପର
ରାମାୟଣରୁ ମହାଭାରତ
କଳିର ଅକ୍ଷୟ କୀର୍ତ୍ତି
ଜଗନ୍ନାଥ ଦାସ ଶ୍ରୀଭାଗବତ
ଘରେ ଘରେ ପୂଜାପାଏ
ଭାଗବତ ଟୁଙ୍ଗୀରେ
ସଂଧ୍ୟା ଦୀପ ଜଳେ ପ୍ରତି ହୃଦୟରେ
ଭକ୍ତିର ଗଂଗା ଧାର ବହେ
ଚିର ସ୍ରୋତସ୍ୱିନୀ ଧାରା
ମଧୁକ୍ଷରା ଜ୍ଞାନର ପସରା ।
ବହି ପ୍ରତି ମୋର ଦୁର୍ବଳତା
ଛାତ୍ର ଜୀବନରୁ ଜ୍ଞାନର

ହେତୁ ହେବା ଯଥେଷ୍ଟ ପୂର୍ବରୁ ।
ବହିଟିଏ ଅଛି ବୋଲି ତ
ଜୀବନଟିଏ ଅଛି
ଶୁଷ୍କ ଜୀବନକୁ ରସମୟ
ପ୍ରୀତିମୟ ଗୀତିମୟ କରିଛି
ଜୀବନ ଜାହ୍ନବୀର ପୁଣ୍ୟତୋୟା ଧାରା
ରତ୍ନାକରରୁ ବାଲ୍ମୀକି
ମୋହନ ରୁ ମହାତ୍ମା
ନରେନରୁ ବିବେକାନନ୍ଦ
ଅରବିନ୍ଦରୁ ଶ୍ରୀଅରବିନ୍ଦ
ତୁମ ଅଦୃଷ୍ଟ ଶକ୍ତିର ଚମତ୍କାର
ଯାହା ବିଶ୍ୱରେ ବିଦିତ
ତୁମେ ବାଣୀ ଶକ୍ତି
ତୁମେ ଐଶୀ ଶକ୍ତିର
ପ୍ରଦୀପ୍ତ ପ୍ରଜ୍ୱଳନ ଜ୍ୟୋତି
ମୂକକୁ କରିପାର ବାଚସ୍ପତି ।

ହେ ପୁସ୍ତକ !
ନୁହେଁ ତୁମେ ଶବ୍ଦ ସହ ଶବ୍ଦର
ଏକ ନ୍ୟୁନ ସମାହାର
ବାନ୍ଧି ପାର ଛନ୍ଦିପାର

ଆତ୍ମା ସହ ପରମାତ୍ମା
ମାନସ ସହ ଅତିମାନସକୁ
ଚରୈବତି ଚରୈବତି
ଦିବ୍ୟ ବାଣୀ ଭବ୍ୟ ବାଣୀ
ଉତ୍ତରୀତ ମହାଶକ୍ତି
କାଳରୁ କାଳାନ୍ତର ଯାଏ
ଅଜୟ ଅକ୍ଷୟ ଅକ୍ଷର
ମୋର ମଥାନତ ନମସ୍କାର
ଘେନ ଥରେ ନୁହେଁ ବହୁବାର ।


♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର-୭୫୬ ୧୨୬
ମୋ: ୯୪୩୭୩୭୨୧୬୬


## ସ୍ମୃତି
### ତରୁଣ କୁମାର ଦାସ




ଭଙ୍ଗା ଗଢ଼ାର ଦୁନିଆ
କେତେ ଯେ କଣ ଭାଙ୍ଗୁଛି
ପ୍ରତିନୀୟତ କିଏ ବା ଖବର ରଖୁଛି
କଥା ପରେ କଥା କହି
ରାତି ପରେ ରାତି ଯାଗି
ଭଲ ପାଏ ଡିନ୍ଦୁରା ପିଟୁଥିବା
ଶୁଆ ସାରୀ ମୁହଁରେ ଆଉ ଭାଷା ନାହିଁ
ଦିନଯାଇ ରାତି ଆସେ
ଖାଲି ରହିଯାଏ କିଛି ବାକ୍ୟାଳପର
ରୋମନ୍ଥନ
ଉତୁରି ଯାଉଥିବା ସମୟ
ଜୀବନ ନାଆରେ ଭାସୁଥିବା ଚଳ ଚଞ୍ଚଳ ହୃଦୟ

ପାହାନ୍ତି ଆକାଶରେ ଅଭିରର ଗନ୍ଧ
ସ୍ୱଷ୍ଟ ବାରିହୁଏ ନିଜକୁ ନିଜେ ଭାବେ
ସତେଜାମିତି ନିର୍ବୋଧ ଚିତ୍ରକରଟିଏ ଆଙ୍କୁଛି
ଛବି ମନର କାନଭାସ୍‌ରେ
ଜୀବନ ଥମି ଯାଇଛି ସ୍ମୃତିର ମାଇଲ ଖୁଣ୍ଟରେ ।


♥ ମୁକ୍ତାନୀଳୟ, ପାଲୁସିଆ
ବାଲେଶ୍ୱର-୩୬


## ମେଘ
### ନୀଳମଣି ଚାନ୍ଦ



ମେଘର ନାଆଁ
ଆବର୍ତ୍ତକ ନା ପୁଷ୍କର
ଯିଏ 'ମଉସିନରାମ୍'ରେ ଖୁବ୍ ବର୍ଷେ
ମରୁଭୂଇଁକୁ ଖୁବ୍ ଡରେ
ଆଉ, ଚାଷୀକୁ କହେ 'କ୍ଷେତ ଆଡ଼େ ଯା'
ରାମଲଇଖଣ ଗୀତ ଗା'।'

ଆଷାଢ଼, ଶ୍ରାବଣ ଆସିଲେ
ତା'ସହିତ ଭେଟହୁଏ
ଛତା, ଛତୁ, ବେଙ୍ଗ,
ଇନ୍ଦ୍ରଚାପ, ଇନ୍ଦ୍ରଗୋପ, କଦମ୍ବର
ସ୍ନେହସିକ୍ତ ଡାକରେ
ମେଘ ନିଏ ଭିନ୍ନ ଅବତାର
ଓହ୍ଲେଇ ଆସେ ଧରିତ୍ରୀକୁ
ହୁଏ ମାଟି ମନସ୍କ ।

କାଗଜଡଙ୍ଗା ନ ଥିଲେ
କେଶୁର, ଅଷାଢୁଆ ନ ମିଳିଲେ
'ଜିରା', ହାତୀ ନଈକୁ ପାଣି ନ ଦେଲେ
ମୁଁ ଅନ୍ୟମନସ୍କ ନ ହୋଇ
ନିଜ ଦୁଃଖରେ ନ ଭିଜିଲେ
କୁହ, ସିଏ ଅବା କି ମେଘ ।


♥ ୨୭, ମନ୍ତ ମାନୋର,
ଗୋଠପାଟଣା, ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭


## ବର୍ଷା
### ତାରାପ୍ରସାଦ ଜେନା



ବର୍ଷା ଏକ ଭେକରାବ ପତିଆରା ଆବାହନ ମନ୍ତ୍ର
ବର୍ଷା ଏକ ଚାତକର ପ୍ରାଣମୂର୍ଚ୍ଛା ସମ୍ମୋହନ ତନ୍ତ୍ର !
ବର୍ଷା ଏକ କେକୀ ନୃତ୍ୟ ଚନ୍ଦ୍ରିକାର ସମ୍ଭାଷଣ ପର୍ବ
ବର୍ଷା ଏକ ଶୁଷ୍କ ପତ୍ରେ ମର୍ମରର ଅନୁଭବ ଗର୍ବ !

ବର୍ଷା ଏକ କୁଳୁ କୁଳୁ ଝରଣାରେ ଅବାରିତ ସୁଖୀ
ବର୍ଷା ଏକ ପ୍ରୀତିପ୍ରଦ ସଦ୍ୟସ୍ନାତ ପ୍ରଣୟିନୀ ସଖୀ !
ବର୍ଷା ଏକ ଧରିତ୍ରୀର ଗୁଞ୍ଜରିତ ସ୍ୱପ୍ନମୟ ଭାଷା
ବର୍ଷା ଏକ ଦେହୀ ଆତ୍ମା ପୁଲକିତ ଇଚ୍ଛାମୟ ଆଶା !

ବର୍ଷା ଏକ ନୟନରୁ ନିଗାଡ଼ିବା ସୁଖ ଦୁଃଖ ଲୁହ
ବର୍ଷା ଏକ ଅଭିମାନ ଅଜାଡ଼ିବା ଅବିଶ୍ରାନ୍ତ ମୋହ !
ବର୍ଷା ଏକ ରାଧାକୃଷ୍ଣ କେଳିକୁଞ୍ଜ ଝୁଲଣର ଶାନ୍ତି
ବର୍ଷା ଏକ ମୃଗତୃଷ୍ଣା କାହା ପାଇଁ ମାୟାଘୋର ଭ୍ରାନ୍ତି !

ବର୍ଷା ବିନା ବଞ୍ଚିବାର ଉପକ୍ରମ ଜଣାପଡ଼େ ନାହିଁ
ବର୍ଷା ଅଛି ବନ୍ୟା ଭୁଲା ସତ୍ ସଙ୍ଗ ଦୁନିଆକୁ ଚାହିଁ !


♥ ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ମୋ:୯୩୪୮୦୫୪୩୦୦


## ଉତ୍କଳ ଜନନୀ
### ବେଣୁଧର ସୂତାର



ଦେବ ଦୁର୍ଲ୍ଲଭ ଭୂମି ମୋ ଉତ୍କଳ
ମଧୁର ମହକମୟୀ
ଅପୂର୍ବ ସମ୍ଭାର କଳାକୃତି ଯାର
ଇତିହାସେ କାଳଜୟୀ ।

ସଂସ୍କୃତି ଯାହାର ବିଶ୍ୱ ସାହିତ୍ୟ
କ୍ରାନ୍ତିମୟ ପ୍ରୀତିମୟ
ବିଭବ ଶାଳିନୀ ମନ୍ଦିର ମାଳିନୀ
ସମୃଦ୍ଧିର ପରିଚୟ ।

ଚାରୁହାସିନୀ ସେ ଓଁକାର ନାଦିନୀ
ଶାନ୍ତିର ଅମୃତ ବିନ୍ଦୁ
ଗୀତା ଭାଗବତ ବେଦର ବିଧାନ
ଜ୍ଞାନର ଅତଳ ସିନ୍ଧୁ ।

ମୋଜାତି ଜନତା କଣ୍ଠେ ଘୋଷିତ
ଏକତାର ମଧୁ ତାନ
ଚିର ସୁନ୍ଦର ମୋ ମାଟିର ଐତିହ୍ୟ
ମନୋରମ ପର୍ଯ୍ୟଟନ ।

ଐକ୍ୟ ଆହ୍ଲାଦେ ତୂର୍ଯ୍ୟ ନିନାଦେ
ଜୈତ୍ର ବନ୍ଦନା ଗାନ
ଦୂର୍ବାର ତେଜେ ମିଟାଇ ପାରିଛି
ଅରାତିର ଆସ୍ଫାଳନ ।

ମହାନ ଜାତିର କୀର୍ତ୍ତି କେତନ
ବନ୍ଧୁତାର ମହାମନ୍ତ୍ର
ବିବିଧତା ମଧ୍ୟେ ଏକତାର ସୂତ୍ର
ଭ୍ରାତୃତ୍ୱର ଗଣତନ୍ତ୍ର ।

ମନ୍ଦ୍ର ଧାରାର ମଧୁର ନିକ୍ୱଣେ
ରୂପମତୀ ନିର୍ଝରିଣୀ
ଗାଏ ସ୍ୱାଗତିକା ଅମୃତ ଗୀତିକା
ତରଙ୍ଗରେ ତରଙ୍ଗିଣୀ ।

ସବୁଜ ବନାନୀ ସୁଷମା ମାଳିନୀ
ତୁଙ୍ଗ ଶିଖରି ଶୋହେ

ବର୍ଣ୍ଣବିଭାର ବିପୁଳ ବିପଣି
ଏ ମାଟି ବନ୍ଦନା ଗାଏ ।

ସୀମାହୀନ ନୀଳ ଉର୍ମିଳ ସାଗର
ଅନନ୍ତ ଲହରି ଛନ୍ଦେ
ସମର୍ପଣ ସୁରେ ପ୍ରଣବ ଝଙ୍କାରେ
ମାଆର ଚରଣ ବନ୍ଦେ ।

ତାରା ମୋତିଝରା
ଜ୍ୟୋସ୍ନା ରଜନୀର
ଚୁନା ଚୁନା ହସଫୁଲେ
ଚାରୁ କୁସୁମର ଭକ୍ତି ଅର୍ଘ୍ୟାଞ୍ଜଳି
ନିବିଡ ମମତା ମୂଳେ ।

ମୋମାଟି ସପନ ମିଠା ସମ୍ମୋହନ
ମଧୁର ମହକ ଛନ୍ଦେ
ଅନାବିଳ ପ୍ରେମ ନିବିଡ଼ ମମତା
ଭାବମୟ ଅନୁବନ୍ଧେ ।

ମରତେ କମଳ ମୋଭୂମି ଉତ୍କଳ
ଓଁକାର ଝଙ୍କାର ମୟୀ
ବିଜେ ଯହିଁ ଲୀଳାମୟ ଜଗନ୍ନାଥ
ପବିତ୍ର ପାବନ ଭୂଇଁ ।

ଏଇ ମୋ ଉତ୍କଳ ଥିଲେ ପୁଣ୍ୟବଳ
ତା କୋଳେ ମିଳଇ ସ୍ଥାନ
ଦିବ୍ୟ ଜନନୀ ଗୋ
ସୌଭାଗ୍ୟ ଦାୟିନୀ
କୋଟି ପ୍ରଣତି ମୋ ଘେନ ।


♥ କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬


## ମୋ 'ଗାଆଁ' ମୋ 'ମାଆ'
### ଅମ୍ବିକା ସ୍ୱାଇଁ



ମୋ ମାଆ' ମୋର ଜନ୍ମ ମାଟି ମୋର ଗାଁ
ମିଠା, ମିଠା ତାର ଭାଷା
ତା'ର କୋଳ ଛୁଆଁ ତା' ପାଣି ପବନ
ଦେଖାଇଛି ମୋତେ ଦିଶା ।

ସଜୀବ ବର୍ଣ୍ଣାଳୀ ସାଜି ରହି ଅଛି
ଗାଇବି ତାହାରି ଗାଥା
କେତେ ମଧୁର ମୋ ମା'ର ଭାଷା
ତା'ପାଇଁ ଟେକି ଚାଲିଛି ମଥା ।

ମୋ ମା ସ୍ନେହ ପଣତ ତଳେ, ଗାଆଁ
ମାଟିର ସେ ଧୂଳି ଦାଣ୍ଡରେ
କେତେ ଅଝଟ ଅଳି କରିଛି
ଆନନ୍ଦେ ଗଢିଛି ତା'ଛାତିରେ ।

ମୋ ବୋଉ ହାତ ମଧୁ ପରଶ
ଖୁଆଏ ଯେବେ ଗୁଣ୍ଡାଏ ଭାତ
ପେଟ ପୁରି ଯାଏ ମନ ଭରି ଯାଏ
କାନିରେ ପୋଛି ଦିଏ ମୁଁ ହାତ ।

ସପନ ପରି ସବୁ ଲାଗୁଛି, ବୋଉ
ହାତ ରନ୍ଧା କଖାରୁ ବଡ଼ି
ଶାଗ ମୁଗ ଆଉ ସଜନା ଛୁଇଁ
ଦେଶୀ ଆଳୁ ଝୋଳ ଦହି କଡି ।

କେତେ ଓଷା ବ୍ରତ ପୂନେଇଁ ପର୍ବ
ପୋଡ଼ ପିଠା ମୁଆଁ ପିଠା
ମୋ ଜନ୍ମ ମାଟି ର ପାଣି ପବନ
ମୋ ମା'ସ୍ୱର କେତେ ମିଠା ।

ଭୁଲି କି ହେବ ସେ ଅଭୁଲା କଥା
ଅନେକ ସାଇତା ସ୍ମୃତି
ଆଜି ପାଉନି ସେ କୋମଳ ପରଶ
ଗାଉଛି ବିରହ ଗୀତି ।


♥ ଭୁବନେଶ୍ୱର
ମୋ: ୯୭୭୭୫୯୯୬୯୫୦


## ଗାଁର ଦି'ଜଣ
### ପୁଷ୍ପାଞ୍ଜଳି ପଣ୍ଡା



(୧)
ଜଣେ, ବାଆଜି ଧୋବା
କୁରାଢ଼ୀ ଟଙ୍ଗା କାନ୍ଧରେ
କଛା ମରା ଲୁଙ୍ଗି,
ଗୋଟେ କଳା ମଟମଟ
ଝୁଲୁଥିବା ବଳିଷ୍ଠ ହାତ ।
ଚଳନ୍ତି ସାହସ ର ଚିତ୍ରପଟ ।
ନିହାତି ଦରକାର
କୋକେଇ ଯିବା ଆଗରୁ
ସିଏ ବୋହୁଥାଏ କାଠ
ଜୀବନର ବୋଝକୁ ବୋହି ବୋହି
ଶବ ପାଲଟିଥିବା
କେତେ ସମ୍ପର୍କିତ ସତ୍ୟକୁ
ଜୁଇ ରେ ଜଳାଉଥାଏ, ଖେଞ୍ଚୁଥାଏ
ଧୋଉଥାଏ ମୃତ୍ୟୁ ପରର
ଯାବତ ମଇଳା
ଏବେବି ସମାଜ ତାକୁ ଅଛୁଆଁ କହେ
ବ୍ରାହ୍ମଣ ସାହିଠୁ ଦୁରେଇ ରହେ ।
(୨)
ଦୁଇ ରେ ସୁରଥ ସାଆରେ

ଗୁରୁର ଅନ୍ୟନାମ ସ୍ରଷ୍ଟା ।
ହେଲେ ଏଠି
ଶିକ୍ଷକ ର ବେଶ ତଳେ
ଗୋଟେ ଅଶିକ୍ଷିତ ମନ
ଧୁଆ ତୁଳସୀ ଗୋଟାପଣ ।
ମାଷ୍ଟ୍ରେ ଆପଣେ !
ତିତିଲି କହିଲା ବୋଲି
ଜେଲ୍ ଗଲେ
କିଛି ବଦଳିଲାନି ।
ସୁରଥ ପରେ ସୁଜୟ
ସ୍ରଷ୍ଟା ପଣ ଭୁଲି
ନଷ୍ଟ କରେ କଁଅଳ ଜୀବନ। ।


♥ ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା ସରକାର


## ପୋଡା ସଳିତାର ବାସ୍ନା
### ଡ. ଜଗତବନ୍ଧୁ ଆଚାର୍ଯ୍ୟ

ଟୋପାଏ ବର୍ଷା କୁ ଚାହିଁ ଚାହିଁ,
ଗଙ୍ଗୋଇ ର ତଣ୍ଟି ଶୁଖିଯାଏ,
ଯେମିତି ଅନ୍ଧ ହୋଇଯାଏ
ଶୁଭ୍ର ନୀଳ ଜ୍ୟୋସ୍ନା ରେ ଚକୋରୀ ।
ସେ ବିଚାରୀ ରାସ୍ତା ହୁଡ଼ି
ଲମ୍ବିଯାଏ ଅନନ୍ତ ଯୋଜନ,
ଫେରିବାକୁ ଆୟତ୍ତ ନ ଥାଏ ।
ନା ବାଟ ସରେ, ନା ଦୁଃଖ ସରେ
ଚାଲିବାର କ୍ଳେଶରେ ଝୁରେ
ନିରୀହ ଜୀବନ ତାର

ଭୋକ ମରେ ଆପଣାର ଲୁହ ପିଇ
ତୃଷିତ ଓଠରେ ।
ସଳିତା ର ସ୍ୱାହା...
ବିନା ତୈଳ, ବିନା ଆରତି ରେ
କୋମଳ ରୋମାଞ୍ଚ ପ୍ରାଣ
ଡହ ଡହ ବିଷାଦ ମାଧାନ୍ନ
ସଞ୍ଜବତୀ ଜଳିଯାଏ ତୁଳସୀ -
ଚଉରା ମୂଳେ,
ଅନସୂୟାର ଅନ୍ୟ ମନସ୍କତା,
ବିଦେହୀର ନିରୁତା ତିତିକ୍ଷା,
ଅପହଞ୍ଚ ତା' ଅସହାୟ ପଣ,
କରେ ତାକୁ ଭାବାନ୍ତର
ପୋଡା ବଳିତାର କୁହୁଳା ବାସ୍ନାରେ

ଜଳିଯାଏ ଆତ୍ମା ତାର,
ଜାଳିପୋଡି ପାଉଁଶ କେବଳ,
ତା ଅସ୍ତିତ୍ୱ ତା' ପରମାର୍ଥ ଜୀବନର ସ୍ୱପ୍ନ,
ତୈଳହୀନ ଦୀପ ଶିଖା ତଳେ
କେମିତି କୁହୁଳେ ।
ଶ୍ରାବଣର ମେଘ ମୁକ୍ତ ଆକାଶ ତଳେ
ଅବିଶ୍ରାନ୍ତ ଗୁଲୁ ଗୁଳି...
ଦେହ -ମନ ଜଳେ ।
ତଥାପି ତା ମଉନ ଆତ୍ମାରେ,
ମନେ ପଡେ..... ଖୁବ ମନେପଡେ ।


♥ ଅବସରପ୍ରାପ୍ତ ଅଧ୍ୟକ୍ଷ, ବଳଭଦ୍ରପୁର
ଶାସନ, ବଡ଼ସାହି, ମୟୂରଭଞ୍ଜ
ମୋ: ୯୩୩୭୭୪୮୯୭୦


## କହି ପାରିବ କି ?
### ପ୍ରଭାତ କୁମାର ଆଚାର୍ଯ୍ୟ



କହି ପାରିବ କି କେହି
ଜନମ ନେଇଛି କିଏ ମୃତ୍ୟୁ ବିନା ବାରେ
ପାଦ କି ଦେଇଛି କିଏ ପୃଥିବୀ ବକ୍ଷରେ
ନ ଉଡ଼ି ଲକ୍ଷ୍ୟହୀନ ଗୁଡ଼ି ପରି
ନୀଳ ଗଗନରେ ?
ଦେଖିଛି କି କେହି ବିଜୁଳିର ହସ
ଧଳା ବଉଦରେ,
କେ ଅବା ଦେଖିଛି ହସ ହସ ମୁହଁ
ଲୁହଝରା କାନ୍ଦୁରା ମୁଖରେ ?
ଜାଣିଛି କି କେହି ପ୍ରିୟତମା ପ୍ରେମ
ନ ଆଦରି ଦୀର୍ଘଶ୍ୱାସ ବାରେ
ମାପିଛି କି କେହି ପ୍ରେମ ଗଭୀରତା
କେଉଁ ନାରୀ କେତେ ଛଳନା କରିଛି
ତା'ର ପ୍ରେମିକ ପାଖରେ ?
ମାପି ପାରିବା କି ସିନ୍ଧୁ ଗଭୀରତା
ଆଉ ନଭକୁ ଉଚ୍ଚତାରେ ?
କେ କହି ପାରିବ
ଯୌବନର ଉତ୍ତାଳ ତରଙ୍ଗ
ଅମାନିଆ ମନର ବେଗ ଆଉ
କେତେ ସ୍ନେହ ଥାଏ
ମାଆର ଚୁମ୍ବନ ମଧ୍ୟରେ ?
ମାପିଛ କି କେହି ମା ପଣତ କାନିର
କ୍ଷେତ୍ରଫଳ କେତେ ?
ତା ଛାତିରୁ ଝରିପଡୁଥିବା ଅମୃତର
ମୂଲ୍ୟ ଅବା କେତେ ?
ଖୋଜୁଛି ଖୋଜୁଛି ମୁଁ ଉତ୍ତର
ମୋ ମନର ନିଭୃତ କୋଣରେ
କେବଳ ଭାସିଉଠେ ଜଣକ ଛବି
ମୋ ହୃଦ କାନ୍‌ଭାସ୍‌ରେ ।


♥ ଜାନୁଗଞ୍ଜ, ବାଲେଶ୍ୱର


## ସ୍ମାର୍ଟ ସିଟି
### ଅକ୍ଷୟ କୁମାର ରାଉତ



ନୂଆ ନୂଆ ଯେତେ ସ୍ମାର୍ଟ ସିଟିର ଦୃଶ୍ୟ
ଜଳକା ମାରିବ ଆଖିରେ
ଶ୍ରାବଣର ଧାରା ନଗ୍ନ କରିଦେବ
ରହିବୁ ତୁ ଭାଇ ସାକ୍ଷୀରେ

କେତେ ପଲିଥିନ୍ ଅବକାରୀ ଚିଜ
ବହି ଯିବେ ନାଳୀ ସ୍ରୋତରେ
ଲାଗିବ ସତେ କି ମହାବନ୍ୟା
ବହୁଛି ସହରୀ ରାସ୍ତାରେ !

ବାଲକୋନୀ ରେ ଠିଆ ହୋଇ
ବଡ଼ ଘର ପିଲା
ମନୋରମ ଦୃଶ୍ୟ ଦେଖିବେ
ମଧ୍ୟବିତ୍ତ ଘର ପିଲାଏ
ନିଜ ଘର ଆଗେ
ଡଙ୍ଗା ଭସାଇ ଖେଳିବେ
ବସ୍ତିର ପିଲାଏ ପାଣିରେ ଡୁବୁକା ମାରିବେ

ବନ୍ଦ ହେଉଥିବା ସ୍କୁଟି, ବାଇକ୍‌କୁ
ପଛରୁ ପିଲାଏ ଠେଲିବେ

ନେତାଗଣ ଯେତେ ରହିବେ ଅଜ୍ଞାତବାସ ରେ
ସରକାରୀ ବାବୁ ଭୂଆଁ ବୁଲାଇ
ପଢ଼ାଇବେ ନିଯୁକ୍ତ ବାଲାଙ୍କୁ ପାଠରେ
ଗାଲୁଆଙ୍କ ବାରବାଟୀ ଚାଷରେ
ଯୋଜନା ନାମରେ ହରିଲୁଟ୍ ହେଉଛି
ସ୍ମାର୍ଟ ସିଟି ଦେଖାଇ ଦେଉଛି ବାଟରେ ।


♥ ନୂଆ ଦିଲ୍ଲୀ
ମୋ: ୯୭୧୧୦୬୯୪୨୫


## କିଏ ବଡ଼ ?
### ବିଷ୍ଣୁ ପ୍ରସାଦ ଦାସ



ନଦୀ କହେ ମୁଁ ବଡ଼, ଜଳ କହେ ମୁଁ,
ବର୍ଷା କହେ ମୁଁ ବଡ଼, ମେଘ କହେ ମୁଁ,
ପର୍ବତ କହେ ମୁଁ ବଡ଼, ସୂର୍ଯ୍ୟ କହେ ମୁଁ,
ପୃଥିବୀ ଖାଲି ଶୁଣି ଯାଉଛି ମୁଁ, ମୁଁ, ମୁଁ ।

କିଏ ବଡ଼ କିଏ ଛୋଟ କିଏ ବା ତା' ଜାଣେ ?
ସଭିଏଁ ଅଟଳ ନିଜକୁ କେହି ଛୋଟ ନ' ମଣେ ।
ପୃଥିବୀ କହେ ଶୁଣ ସଭିଏଁ, ଯିବ ଜଗତ ମଙ୍ଗଳ ପାଇଁ,
କେହି ନୁହେଁ ବଡ଼, କେହି ନୁହେଁ ଛୋଟ, କାମ କରିଯିବା
ଏକାଠି ହୋଇ ।

ଜୀବ ଜଗତ, ବୃକ୍ଷଲତା, ପଶୁପକ୍ଷୀ ଆଉ ମନୁଷ୍ୟଙ୍କ ପାଇଁ,
ଧର୍ମ ଆମର କର୍ମ ଆମର ଚାଲୁଥିବା ଆମେ ଏକ ହୋଇ ।
ସଭିଏଁ ବନ୍ଧା ସଭିଙ୍କ ସଙ୍ଗେ ବଡ଼ ଛୋଟ ଏଠି ଆସିବ କାହୁଁ ?
ଛାଡି ଅହଂକାର କରିଯିବା କାମ, ଆମେ ସ୍ୱାର୍ଥପର ନୋହୁଁ ।

ପ୍ରକୃତି ରାଣୀ ସଜାଇ ରଖିଛି କାର୍ଯ୍ୟର ଏକ ସୁନ୍ଦର ସୂଚୀ,
ଜଗତ କଲ୍ୟାଣେ ପାଳିବା ଦ୍ୱୟୀତ୍ୱ, ନୂତନ ଇତିହାସ ରଚି,
ମୁଁ, ମୁଁ, ଛାଡି ଆମେ, ଆମେ, ହେବା ହାତକୁ ହାତ ମିଶାଇ
ପୃଥିବୀ ବାସୀଙ୍କୁ ସହଯୋଗ କରି ଦେବା ଆମେ ହସାଇ ।

ଜଗତ ହସିଲେ ଆମେ ହସିବା, ଜଗତ କାନ୍ଦିଲେ ଆମେ କାନ୍ଦିବା
ଆସ ନଦୀ, ଆସ ଜଳ, ଆସ ମେଘ, ଆସ ପର୍ବତ ଆଉ ସୂର୍ଯ୍ୟ,
ବନ୍ଧୁତାର ଏକ ବନ୍ଧ ବାନ୍ଧିବା, ବଡ଼, ଛୋଟ ଆମେ ସବୁ ଭୁଲିଯିବା,
ଜୀବଜଗତର କଲ୍ୟାଣ ପାଇଁ, ଆମ ପାଖେ ଆଉ ବିକଳ୍ପ ନାହିଁ ଓ


♥ ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଅବସରରେ "ଉଡ୍ ଉଡ୍‌ରେ ତ୍ରିରଙ୍ଗା" ଗୀତ ଉନ୍ମୋଚିତ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଦେଶ ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ୍ ସଂଗ୍ରାମୀ ଏବଂ ତାଙ୍କ ଜୀବନଶୈଳୀ ଓ ବିଚାରଧାରାକୁ ଆଜିର ଯୁବ ପୀଢ଼ିଙ୍କ ମଧ୍ୟରେ ଅବଗତ କରାଇବା ନିହାତି ଆବଶ୍ୟକ । ଆସନ୍ତା ଅଗଷ୍ଟ ୧୩ ରୁ ୧୫ ପର୍ଯ୍ୟନ୍ତ ତିନି ଦିନ ଧରି 'ହର ଘର ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଉତୋଳନ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଓଡିଶାରେ ସଫଳ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ସମସ୍ତ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମର ସୁପ୍ରଚାର ଓ ପ୍ରସାର ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ କୋରାପୁଟିଆ ଦେଶୀ ଗୀତ "ଉଡ୍ ତ୍ରିରଙ୍ଗା ଉଡ୍"କୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଉନ୍ମୋଚନ କରିଛନ୍ତି । ବିଭୂତି ସ୍ୱାଇଁଙ୍କ ଦ୍ୱାରା ଲିଖିତ କୋରାପୁଟିଆ ଦେଶିଆ ଗୀତ 'ଉଡ ତ୍ରିରଙ୍ଗା ଉଡ୍'କୁ ଅକ୍ଷୟ ଶେମୋର୍ଲିଆ କଂଠଦାନ କରିଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି କାଳିଚରଣ ବାରା । ସେହିପରି ଏହି ଗୀତର ଓଡିଆ ସଂସ୍କରଣକୁ ନନ୍ଦିନୀ ଶତପଥୀ ଓ ନେହା କଂଠଦାନ କରିଛନ୍ତି ।

ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ ନେତା କେ.ଭି.ସିଂହଦେଓ, ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶିନୀ ଓ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଓ ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ ଦାସ୍ ଏବଂ କୋରାପୁଟ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସି.ଆଇ.ଟି.ୟୁର ରାଜ୍ୟ ସମ୍ମିଳନୀ ନିମନ୍ତେ ଅଭ୍ୟର୍ଥନା ସମିତି ଗଠିତ

ଭୁବନେଶ୍ୱର ,୦୮/୦୮ (ନି.ପ୍ର): ଦେଶର ଛାମୁଆ ତଥା ଶ୍ରମିକ ଆନ୍ଦୋଳନର ଲଢୁଆ ଟ୍ରେଡ୍ ୟୁନିୟନ ସି.ଆଇ.ଟି.ୟୁ.ର ପଂଚଦଶତମ ରାଜ୍ୟ ସମ୍ମିଳନୀ ଆସନ୍ତା ନଭେମ୍ବର ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜଧାନୀ ସହର ଭୁବନେଶ୍ୱର ସ୍ଥିତ କସ୍ତୁରବା ନାରୀମହଲଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀ ସର୍ବାନ୍ତକରଣେ ସଫଳ କରିବା ପାଇଁ ଗତକାଲି ଉତ୍କଳମଣି ସଭାକକ୍ଷଠାରେ ଦୈନିକ ସମ୍ବାଦପତ୍ର "ଧରିତ୍ରୀ"ର ସମ୍ପାଦକ ତଥା ବିଶିଷ୍ଟ ବୁଦ୍ଧିଜୀବୀ ତଥାଗତ ଶତପଥୀଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା ସମିତି ଗଠିତ ହୋଇଯାଇଛି । ଦେଶର ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ଉପମୁଖ୍ୟ ଶାସନ ସଚିବ କଲ୍ୟାଣ ରାୟ, ଲେଖକ ଡ. ବିଭୂତି ପଟ୍ଟନାୟକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଫେସର ଉର୍ମିମାଳା ଦାସ, ବିଶିଷ୍ଟ ଆଇନଜ୍ଞ ଅଜିତ ଦାସଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୧୪ଜଣ ବୁଦ୍ଧିଜୀବୀ ଏହି ଅଭ୍ୟର୍ଥନା ସମିତିର ପୃଷ୍ଠପୋଷକ ଭାବରେ ରହିଛନ୍ତି । ସିଟୁର ଭୁବନେଶ୍ୱର ଆ ଲିକ କମିଟିର ନେତା ସାଥୀ ସୁରେଶ ଉରାଡରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରମିକ କର୍ମଚାରୀ ସମାବେଶରେ ରାଜ୍ୟ ସଭାପତି ସାଥୀ ଜନାର୍ଦ୍ଦନ ପତି କହିଥିଲେ ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ଯେତେବେଳେ ଅତ୍ୟାବଶ୍ୟକୀୟ ଜିନିଷପତ୍ର, ଗ୍ୟାସ୍, ପେଟ୍ରୋଲ, ଡ଼ିଜେଲର ଦାମ ହୁ ହୁ ହୋଇ ବଢ଼ିଚାଲିଛି, ଦେଶର ସର୍ବକାଳୀନ ବେକାରୀ ବୃଦ୍ଧି ଘଟିଛି, ଦେଶର ୮୦ ଭାଗରୁ ଅଧିକ ଶ୍ରମଜୀବୀ, କୃଷକ, କୃଷି ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ଦୁଃଖ ଦରିଦ୍ର୍ୟରେ ଆଉଟ ପାଉଟ ହେଉଛନ୍ତି ଏବଂ ଶ୍ରମିକମାନଙ୍କର ଆଇନଗତ ଅଧିକାର ସାବ୍ୟସ୍ତ ନିମନ୍ତେ ୪୪ଗୋଟି ଶ୍ରମ ଆଇନକୁ ରଦ୍ଦ କରି ୪ଟି ମାଲିକ ସପକ୍ଷବାଦୀ ଶ୍ରମକୋର୍ଡ଼ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଦେଶବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ ବି.ଜେ.ପି. ସରକାର ଦେଶରେ ଅଗଣତାନ୍ତ୍ରିକ ଓ ଭୟାନକ ପରିସ୍ଥିତି ସୃଷ୍ଟି କରିଛନ୍ତି, ସେତିକି ବେଳେ ଆମର ଏହି ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହାର ବାର୍ତ୍ତା ଜନତାଙ୍କ ପାଖକୁ ନେଇଯିବା ସହିତ ସମ୍ମିଳନୀର ସଫଳତା ପାଇଁ ଉପସ୍ଥିତ ଶ୍ରମିକ କର୍ମଚାରୀ ୟୁନିୟନର ନେତୃବୃନ୍ଦମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ବ୍ୟାଙ୍କ, ବୀମା, ରାଜ୍ୟ ସରକାର, କେନ୍ଦ୍ର ସରକା, ଡ଼ାକ, ତାର, ପେଟ୍ରୋଲ, ଗ୍ୟାସ୍, କୋଇଲା କ୍ଷେତ୍ରର କର୍ମଚାରୀ ସଂଗଠନ ସମେତ ଓ.ୟୁ.ଏ.ଟି, ବାଣୀବିହାର, ମହାନଗର ନିଗମ, ବିମାନ ବନ୍ଦର, ଔଷଧ ଶିଳ୍ପ, ନିର୍ମାଣ ଶିଳ୍ପ, ଫରେଷ୍ଟ କର୍ମଚାରୀ ସଂଘର ନେତୃବୃନ୍ଦମାନେ ଉପସ୍ଥିତ ରହି ସମ୍ମିଳନୀକୁ ସଫଳ କରିବା ପାଇଁ ଆର୍ଥିକ, ଶାରୀରିକ ଓ ମାନସିକ ସାହାଯ୍ୟ ସହଯୋଗ କରିବା ନିମନ୍ତେ ନିଜ ନିଜର ବକ୍ତବ୍ୟ ଜରିଆରେ ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ଭ୍ରାତୃପ୍ରତୀମ ସଂଗଠନ ସର୍ବଭାରତୀୟ କୃଷକ ସଭାର ରାଜ୍ୟ ସମ୍ପାଦକ ଶ୍ରୀ ସୁରେଶ ପାଣିଗ୍ରାହୀ, ସିଟୁର ରାଜ୍ୟ ନେତା ଶ୍ରୀ ସୁମନ୍ତ ଦାସ, ଏସ୍.ଏଫ୍. ଆଇ ନେତା ଶୁଭ୍ରାଂଶୁ ଉଦଗାତା, ଡି.ୱାଇ.ଏଫ୍.ଆଇ ରାଜ୍ୟ ସଭାପତି ଶ୍ରୀ ଯତିନ ମହାନ୍ତି, ଜୀବନବୀମା କର୍ମଚାରୀ ନେତା ଶ୍ରୀ ଚନ୍ଦ୍ରମୋହନ ହାଇବ୍ରୁର, ସାଧାରଣ ବୀମା କର୍ମଚାରୀ ନେତା ରବିନାରାୟଣ ବାରିକ, ବ୍ୟାଙ୍କ କର୍ମଚାରୀ (ବେଫି) ନେତା ଶ୍ରୀ ଅଜୟ ମହାନ୍ତି ଓଡ଼ିଶା ସେଲ୍ସ୍ ରିପ୍ରେଜେଟିଭ ୟୁନିୟନ ନେତା ଏକାଦଶୀ ବେହେରା, ସି.ଏମ୍.ପି.ଡ଼ି.ଆଇ ନେତା ପର୍ଶୁରାମ ପଲେଇ, ଓ.ୟୁ.ଏ.ଟି ଶ୍ରମିକ ନେତା ସତ୍ୟନାରାୟଣ ନାୟକ, ରାଜ୍ୟ ସରକାରୀ କର୍ମଚାରୀ ସଂଗ୍ରାମ ସମିତିର ମହାସଚିବ ହୃଷିକେଶ ମହାପାତ୍ର, ସରକାରୀ କର୍ମଚାରୀ ସମନ୍ୱୟ ସମିତି ଶ୍ରୀ କ୍ଷେତ୍ରମୋହନ ଦାସ, ଟ୍ରେଜେରୀ ଅମଲା ସଂଘ ନେତା ସମର ରଞ୍ଜନ କାନୁନଗୋ ଇତ୍ୟାଦି ବକ୍ତବ୍ୟ ଦେଇଥିଲେ । କାର୍ଯ୍ୟକାରୀ ଅଧକ୍ଷ ସାଥୀ ସୁରେଶ ରାଉତରାୟ, ସମ୍ପାଦକ ସାଥୀ ପ୍ରଦୀପ୍ତ ନାୟକ, କୋଷାଧକ୍ଷ ସାଥୀ ହରିହର ଆଚାର୍ଯ୍ୟଙ୍କ ସମେତ ୩୦ଜଣିଆ ଉପାଧକ୍ଷ ମଣ୍ଡଳ ଓ ୩୦ ଜଣିଆ ସମ୍ପାଦନା ମଣ୍ଡଳୀ ପ୍ରଭୃତି ଏକ ୧୦୦ ଜଣିଆ ଅଭ୍ୟର୍ଥନା ସମିତି ସମ୍ମିଳନୀକୁ ସଫଳ କରିବା ପାଇଁ ଗଠିତ ହୋଇଛି ।

# ଶାନ୍ତିନିକେତନ ଓ ଗୀତାଞ୍ଜଳି କାବ୍ୟ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କୁ ବିଶ୍ୱବିଦିତ କରିଛି

ଭୁବନେଶ୍ୱର ,୦୮/୦୮ (ନି.ପ୍ର): ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ଗୀତାଞ୍ଜଳି କବିତା ଲେଖି ନୋବେଲ୍ ପୁରସ୍କାର ପାଇଥିବା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ୮୧ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ରବୀନ୍ଦ୍ରନାଥ ଟାଗୋରଙ୍କର ସାହିତ୍ୟ ସୃଷ୍ଟି ସହିତ ଶିକ୍ଷା ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ତାଙ୍କ ଲେଖନୀ ମୁନରେ ସୃଷ୍ଟି ପୁସ୍ତକ ଯୋଗୁଁ ଭାରତୀୟ ତଥା ବିଶ୍ୱସାହିତ୍ୟ ସମୃଦ୍ଧ ହୋଇପାରିଛି । ଏକ ଶାନ୍ତ ପରିବେଶରେ ସ୍ନାତକୋ ର ଓ ଗବେଷଣା ଶିକ୍ଷା ଭିତିଭୂମି ସୃଷ୍ଟି ପାଇଁ ସେ ଶାନ୍ତିନିକେତନ ପ୍ରତିଷ୍ଠା କରିଥିଲେ । ଯେଉଁ ଅନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଏକ ମାଇଲ୍ ଖୁଂଟି ସୃଷ୍ଟି କରିଛି । ଶାନ୍ତିନିକେତନରେ ଅଧ୍ୟୟନ କରୁଥିବା ବହୁ ବିଦ୍ୟାର୍ଥୀ ଦେଶପ୍ରେମରେ ଉଦ୍‌ବୃଦ୍ଧ ହୋଇ ପରବର୍ତୀ ଅବସ୍ଥାରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହେବା ସହ ଦେଶଭକ୍ତର ପରିଚୟ ଦେଇଛନ୍ତି । ଏହି ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଉଜ୍ଜ୍ୱଳ ପ୍ରତିଭା ସୃଷ୍ଟି କରିଛି । ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳି କାବ୍ୟ ପାଇଁ ସେ ନୋବେଲ୍ ପୁରସ୍କାର ପାଇଥିଲେ । ଏହି କବିତା ସେ ତାଙ୍କ ଜଗତ୍‌ସିଂହପୁର ଜିଲ୍ଲାର ପଣ୍ଡୁଆସ୍ଥିତ ଜମିଦାରୀଠାରେ ରହି ଲେଖିଥିଲେ ବୋଲି ଗବେଷକମାନେ ମତବ୍ୟକ୍ତ କରିଥାନ୍ତି । ଓଡ଼ିଶା ସହ ତାଙ୍କର ଭାବଗତ ସମ୍ପର୍କ ନିବିଡ ଥିଲା ତାଙ୍କୁ ସମ୍ମାନ ଦେଇ ଓଡ଼ିଶା ସରକାର ଭୁବନେଶ୍ୱରରେ ରବୀନ୍ଦ୍ର ମଣ୍ଡପ ପ୍ରତିଷ୍ଠା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡକ୍ଟର ଜୀବନ ଦୀକ୍ଷିତ୍, ସତ୍ୟବ୍ରତ ଜେନା, ସମାଜସେବୀ ଗିରିଜା ମହାପାତ୍ର, ଉଇ ଫର ଭୁବନେଶ୍ୱରର ସଭ୍ୟବୃନ୍ଦ, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ଗୁରୁଚରଣ ସାହୁ, ରଶ୍ମିତା ମଲ୍ଲିକ, ରାମଚନ୍ଦ୍ର ପ୍ରଧାନ, ଶିବ ସୁଆର, ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଅବକାରି ଚଢଉ : ବିପୁଳ ପରିମାଣରେ ମଦ ଓ ପୋଚ ଜବତ

ଜୟପୁର,୦୮/୦୮ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରି ବିଭାଗ ଚଢଉ କରିଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢଉ କରିଛି । ଚଢଉ କରି ୧୮ ଶହ ଲିଟର ପୋଚ ଓ ୧୧୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଚଢଉର ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣାସ୍ଥଳରୁ ଡ୍ରମ, ମଦ ରନ୍ଧା ସରଞ୍ଜାମ ଆଦିକୁ ଜବତ କରିଛି ।

# ରାଜ୍ୟରେ କମୁଛି ଦୈନିକ କରୋନା ସଂକ୍ରମଣ : ମାତ୍ର ୧୩୨ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ସଂକ୍ରମଣ କମୁଥିବା ପରିଲକ୍ଷିତ ହେଉଛି । ଆଜି ବି ଏହା ହଜାରେ ତଳକୁ ରହିଛି । ଗତକାଲି ୭୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୮୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୭୧ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୩୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୬୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୩୭ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୬ ଜଣ, ବରଗଡ଼ରୁ ୪୬, ଭଦ୍ରକରୁ ୧ ଜଣ, ବଲାଙ୍ଗୀରରୁ ୪୭ ଜଣ, ବୌଦ୍ଧରୁ ୩ ଜଣ, କଟକରୁ ୧୪ ଜଣ, ଦେବଗଡ଼ରୁ ୭ ଜଣ, ଢେଙ୍କାନାଳରୁ ୩, ଗଜପତିରୁ ୬ ଜଣ, ଗଞ୍ଜାମରୁ ୧, ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୯ ଜଣ, କଳାହାଣ୍ଡି ଜିଲ୍ଲାରୁ ୩୬ ଜଣ, କନ୍ଧମାଳରୁ ୧୩ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେଉଁଝରରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୭୦, କୋରାପୁଟ ଜିଲ୍ଲାରୁ ୧୧ ଜଣ, ମାଲକାନଗିରିରୁ ୨, ମୟୂରଭଞ୍ଜରୁ ୪୩ ଜଣ, ନବରଙ୍ଗପୁରରୁ ୩୪ ଜଣ, ନୟାଗଡ଼ ଜିଲ୍ଲାରୁ ୧୮ ଜଣ, ନୂଆପଡ଼ାରୁ ୧୬ ଜଣ, ପୁରୀରୁ ୭ ଜଣ, ରାୟଗଡ଼ାରୁ ୧୫ ଜଣ, ସମ୍ବଲପୁରରୁ ୫୮ ଜଣ, ସୋନପୁରରୁ ୨୧ ଜଣ, ସୁନ୍ଦରଗଡ଼ରୁ ୧୩୭ ଜଣ ଓ ଷ୍ଟେଟପୁଲରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୧୯, ୫୨୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୦୪, ୫୨୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୫୭୯୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ପଞ୍ଚମ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୨

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ପଞ୍ଚମ ଗୀତାଞ୍ଜଳୀ ପ୍ରତିଭା ସମ୍ମାନ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ଯେଉଁଭଳି ଭାବେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରୁଛି ତାହା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ସକରାତ୍ମକ ପ୍ରଭାବ ପକାଇବ । ବିଶେଷକରି ଛାତ୍ରଛାତ୍ରୀମାନେ କିପରି ଭଲ ପାଠ ପଢି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେ ନେଇ ନିଜକୁ ପ୍ରସ୍ତୁତ କରିବେ । ସେହିପରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଉନ୍ନତମାନର ଶିକ୍ଷଦାନ ପାଇଁ ପ୍ରୟାସ କରିବେ ଏବଂ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ଯୋଗାଇ ଦେଇ ଆଦର୍ଶ ବିଦ୍ୟାଳୟର ମାନ୍ୟତା ପାଇବେ ସେ ନେଇ ପ୍ରୟାସ ଜାରି ରଖିବେ । ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଯୋଗଦେଇ ଟ୍ରଷ୍ଟର ଏଭଳି ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଉଦ୍ୟମ କରି ଭଲ ପାଠ ପଢିବାକୁ ପରାମର୍ଶ ଦେଇ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଚଳିତବର୍ଷ ମେଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୩୧ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଉନ୍ନତମାନର ଶିକ୍ଷାଦାନ ପାଇଁ ୧୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଦର୍ଶ ଶିକ୍ଷକ ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ୬ଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ହସ୍ତତନ୍ତର ଆଦିଭୂମି ଭାବେ ଓଡ଼ିଶା ବିଶ୍ୱପ୍ରସିଦ୍ଧ : ରୀତା

ଭୁବନେଶ୍ୱର ,୦୮/୦୮ (ନି.ପ୍ର): ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରବିବାର ଦିନ ଜୟଦେବ ଭବନଠାରେ 'ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ' ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ରୀତା ସାହୁ କହିଲେ, ହସ୍ତତନ୍ତର ଆଦି ଭୂମି ଭାବେ ଓଡ଼ିଶା ବିଶ୍ୱପ୍ରସିଦ୍ଧ । ବୁଣାକାର ଓ କାରିଗରମାନଙ୍କୁ ଏହି ଅବସରରେ ସେ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସମୃଦ୍ଧି କାମନା କରିଥିଲେ । ଅନ୍ୟତମ ଅତିଥି ଭୁବନେଶ୍ୱର (ମଧ) ବିଧାୟକ ଅନନ୍ତ ନାରାୟଣ ଜେନା କହିଲେ, ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଆଗାମୀ ଦିନରେ ବୁଣାକାରମାନେ ସରକାରଙ୍କ ସ୍ୱତନ୍ତ୍ର ଯୋଜନାର ଲାଭ ଉଠାଇ ଆହୁରି ଆଗକୁ ବଢ଼ିପାରିବେ । ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୁଶାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ ।

କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର ଭାଇଭଉଣୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଦୀର୍ଘ ବର୍ଷ ଧରି ବୁଣାକାରଙ୍କ ସେବାରେ କାର୍ଯ୍ୟରତ ଥିବା ବ୍ରହ୍ମପୁରର ପଦ୍ମନାଭପୁର ତନ୍ତୁବାୟ ସହଯୋଗ ସମିତି, ଖୋର୍ଦ୍ଧା ସଦରଥାନା ତନ୍ତୁବାୟ ସହଯୋଗ ସମିତି ଏବଂ ଖୋର୍ଦ୍ଧା ତନ୍ତୁବାୟ ସହଯୋଗ ସମିତିକୁ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସେହିପରି ବିଗତ ତିନି ବର୍ଷର ହାରାହାରି ବ୍ୟବସାୟକୁ ଆଧାର କରି ସର୍ବାଧିକ ହସ୍ତତନ୍ତ ବସ୍ତ୍ର ବ୍ୟବସାୟ କରିଥିବା ଆଠଗଡ଼ର ଗମିଲୋ ତନ୍ତୁବାୟ ସହଯୋଗ ସମିତିକୁ ପ୍ରଥମ ପୁରସ୍କାର ବାବଦରେ ତିନି ଲକ୍ଷ ଟଙ୍କା, ବରଗଡ଼ ଜାଲପାଲି ତନ୍ତୁବାୟ ସହଯୋଗ ସମିତିକୁ ଦ୍ୱିତୀୟ ପୁରସ୍କାର ବାବଦରେ ୨ଲକ୍ଷ ଟଙ୍କା ଏବଂ ବରଗଡ଼ ଲୁରୁପାଲି ତନ୍ତୁବାୟ ସହଯୋଗ ସମିତିକୁ ତୃତୀୟ ପୁରସ୍କାର ଭାବେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ସୂଚନା ଓ ଲୋକସଂପର୍କ ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ଆଜି ସାରା ଦେଶରେ '୮ମ ଜାତୀୟ ହସ୍ତତନ୍ତ ଦିବସ' ପାଳିତ ହେଉଛି । ପ୍ରତ୍ୟେକ ଭାରତୀୟଙ୍କ ଭିତରେ ଆମର ଐତିହ୍ୟସଂପନ୍ନ ଓ ବହୁପୁରାତନ ପାରମ୍ପରିକ ହସ୍ତତନ୍ତ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏହି ସଂସ୍କୃତି ଓ କଳା ସହ ବଂଶାନୁକ୍ରମେ ଜଡ଼ିତ ବୁଣାକାରମାନଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଉଛି । ଭାରତବର୍ଷରେ ଓଡ଼ିଶାର ଋଦ୍ଧିମନ୍ତ ହସ୍ତତନ୍ତ ବସ୍ତ୍ର ବିଶେଷତଃ ବାନ୍ଧବସ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସର୍ବୋପରି ଏହି ହସ୍ତତନ୍ତ କ୍ଷେତ୍ର ଲକ୍ଷଲକ୍ଷ ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସମର୍ଥ ହୋଇପାରିଛି ।

# ଓଡ଼ିଶାର ୬ଟି ନୂଆ ଜାଗାରେ 'ପ୍ରକୃତି ଶିବିର' : ପ୍ରକୃତି କୋଳରେ ରାତ୍ରିଯାପନର ମଜା ନେଉଛନ୍ତି ପର୍ଯ୍ୟଟକ

ଭୁବନେଶ୍ୱର ,୦୮/୦୮ (ନି.ପ୍ର): ସହରୀ ସଭ୍ୟତାର ଚାକଚକ୍ୟରୁ ଟିକେ ଦୂରେଇ ଯାଇ ପ୍ରକୃତି କୋଳରେ ସମୟ ଅତିବାହିତ କରିବାକୁ ଲୋକମାନେ ଏବେ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ଲୋକଙ୍କ ଏହି ଭ୍ରମଣ ଆଗ୍ରହକୁ ମେଣ୍ଟାଇବା ପାଇଁ 'ପ୍ରକୃତି ଶିବିର'(ନେଚର କ୍ୟାମ୍ପ) ପ୍ରକୃଷ୍ଟ ମାଧ୍ୟମ ପାଲଟିଛି । ବନ ବିଭାଗ ପକ୍ଷରୁ ଓଡ଼ିଶାର ୧୮ଟି ଜିଲ୍ଲାରେ ଏବେ ୪୭ଟି ନେଚର କ୍ୟାମ୍ପ କାର୍ଯ୍ୟକ୍ଷମ ହୋଇଛି । ଆଗକୁ ଏହି ତାଲିକାରେ ଆଉ ୬ଟି ନାମ ଯୋଡ଼ି ହେବାକୁ ଯାଉଛି । ସେଗୁଡ଼ିକ ହେଲା ଫୁଲବାଣୀ ସିରିକା ଇକୋ ପାର୍କ, ବଲାଙ୍ଗୀର ଭିମଡୁଙ୍ଗୁରୀ, କଳାହାଣ୍ଡି ଫୁଲରୀଝରଣା ଜଳପ୍ରପାତ, ରବନ୍ଧର, ଢେଙ୍କାନାଳ ଚକୁରିଆ ଘାଟ ଏବଂ ବୌଦ୍ଧ ଡମ୍ବୁରଗଡ଼ । ଏଠାରେ ନେଚର କ୍ୟାମ୍ପ କାମ ଚାଲୁ ରହିଛି । ଖୁବ୍‌ଶୀଘ୍ର ତାହା ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟରେ ଗତ ପାଞ୍ଚ ବର୍ଷ ହେଲା 'ପ୍ରକୃତି ଶିବିର' ଆରମ୍ଭ କରାଯାଇଛି । ଏଠାରେ ଲୋକମାନେ ସବୁଜିମାଭରା ପ୍ରାକୃତିକ ପରିବେଶ ତଥା ଗ୍ରାମ୍ୟ ଜୀବନର ଅନୁଭୂତି ସାଉଁଟୁଛନ୍ତି । ଓଡ଼ିଶା ସମେତ ରାଜ୍ୟ ତଥା ଦେଶ ବାହାରୁ ଅନେକ ପର୍ଯ୍ୟଟକ ଏହି ସ୍ଥାନ ପରିଭ୍ରମଣ କରି ପ୍ରକୃତିର ଭରପୂର ମଜା ଉଠାଉଛନ୍ତି । ପ୍ରତିବର୍ଷ ପର୍ଯ୍ୟଟକଙ୍କ ସଂଖାରେ ବୃଦ୍ଧି ଘଟୁଛି । କରୋନା ମହାମାରୀ ସମୟରେ ସମସ୍ତ ଶିଳ୍ପ କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରକୃତି ଶିବିର ଉପରେ କୌଣସି ପ୍ରଭାବ ପଡ଼ିନଥିବା ଜଣାପଡ଼ିଛି । ଏହି ଶିବିରଗୁଡ଼ିକ ଲୋକମାନଙ୍କୁ ବୁଲିବାର ମଜା ଦେବା ସହ ସ୍ଥାନୀୟ ଲୋକମାନଙ୍କୁ ଜୀବିକା ଯୋଗାଇ ଦେଇଛି । ସ୍ଥାନୀୟ ଅଞ୍ଚଳରେ କିଛି ଲୋକଙ୍କୁ ନେଇ ଗୋଷ୍ଠୀ ଗଠନ କରାଯାଇଛି । ସେମାନେ ଏହାର ରକ୍ଷଣାବେକ୍ଷଣା ଏବଂ ପରିଚାଳନା କରୁଛନ୍ତି । ସୂଚନା ଅନୁସାରେ, ୪୭ଟି ପ୍ରକୃତି ଶିବିରରେ ୩୭୨ କୋଠରୀ ଥିବାବେଳେ ୭୮୧ ଲୋକଙ୍କ ରହଣୀ ପାଇଁ ବ୍ୟବସ୍ଥା ରହିଛି । ଏଠାରେ ଲୋକମାନେ ପ୍ରାକୃତିକ ସବୁଜିମା ସହିତ ବୋଟିଂ, ଜଙ୍ଗଲ ସଫାରୀ, ଟ୍ରେକିଂ, ସାଇକେଲିଂ, ସ୍ୱୋ ?ଷ୍ଟର୍ସ, ବାର୍ଡିଂ, ଜଙ୍ଗଲୀ ଜୀବଜନ୍ତୁ, ଷ୍ଟାର ଗେଜିଂ, ଲୋକନୃତ୍ୟ, ସାଂସ୍କୃତିକ ଭ୍ରମଣ, ଆଦିବାସୀ ଭ୍ରମଣ, ଝରଣା, ଫାର୍ମ ହାଉସର ମଜା ନେଇପାରିବେ । ସେହିଭଳି ପର୍ଯ୍ୟଟକମାନଙ୍କ ପାଇଁ ୧୨ଟି ସ୍ଥାନରେ ନୌକାବିହାର ସୁବିଧା ରହିଛି । ଚନ୍ଦକା ଡେରାସ, ହୀରାକୁଦ, ସାତକୋଶିଆ ଆଦି ବିଭିନ୍ନ ସ୍ଥାନରେ ଏହି ସୁବିଧା ରହିଛି । ପର୍ଯ୍ୟଟକମାନଙ୍କ ପାଇଁ ରାତ୍ରିରହଣୀ, ଖାଦ୍ୟପେୟ, ଆମୋଦପ୍ରମୋଦର ବ୍ୟବସ୍ଥା ରହିଛି । ଶାଳୁଆପଲ୍ଲୀ ପ୍ରକୃତି ଶିବିରରେ ଗୋଟିଏ ଦିନ ପାଇଁ ସର୍ବନିମ୍ନ ୨୪୭୬ଟଙ୍କା ଥିବାବେଳେ ଶିମିଳିପାଳରେ ସର୍ବାଧିକ ୭୪୨୮ଟଙ୍କା ରହିଛି । ସେହିଭଳି ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ପୃଥକ ପୃଥକ ବ୍ୟବସ୍ଥା ରହିଛି । ଏହି ସବୁ ଶିବିରକୁ ପରିଚାଳନା କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ନେଇ 'ଇକୋ ଟୁରିଜିମ୍ ଡେଭଲପମେଣ୍ଟ୍ କମିଟି' ଗଠନ କରାଯାଇଛି । ୪୭ ଶିବିରରେ ୬୩୨ ଜଣ ଗୋଷ୍ଠୀ ସଦସ୍ୟ କାମ କରୁଛନ୍ତି । ପ୍ରତିବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଛି । ୨୦୧୬ରୁ ୨୦୨୨ ଭିତରେ ୧ଲକ୍ଷ ୬୦ହଜାର ୬୫୩ ପର୍ଯ୍ୟଟକ ଆସିଥିବା ବେଳେ ୨୫କୋଟି ୭୫ଲକ୍ଷ ୨୭ହଜାର ଟଙ୍କା ଆୟ ହୋଇଥିବା ଜଣାପଡ଼ିଛି ।

# ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ସମଗ୍ର ଦେଶରେ ପାଳିତ ହେଉଛି 'ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ' । ପ୍ରତ୍ୟେକ ଭାରତୀୟ ଭିତରେ ଆମର ଐତିହ୍ୟସଂପନ୍ନ ଓ ବହୁପୁରାତନ ପାରମ୍ପରିକ ହସ୍ତତନ୍ତ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏହି ସଂସ୍କୃତି ଓ କଳା ସହିତ ବଂଶାନୁକ୍ରମେ ଜଡ଼ିତ ବୁଣାକାରମାନଙ୍କ ସମ୍ମାନାର୍ଥେ ଏହି ଦିବସକୁ ପାଳନ କରାଯାଉଛି । ଭାରତବର୍ଷରେ ଓଡ଼ିଶାର ଋଦ୍ଧିମନ୍ତ ହସ୍ତତନ୍ତ ବସ୍ତ୍ର ବିଶେଷତଃ ବାନ୍ଧବସ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସର୍ବୋପରି ଏହି ହସ୍ତତନ୍ତ କ୍ଷେତ୍ର ଲକ୍ଷ ଲକ୍ଷ ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସମର୍ଥ ହୋଇପାରିଛି । ଅଗଷ୍ଟ ୭ ତାରିଖକୁ ହସ୍ତତନ୍ତ ଦିବସ ରୂପେ ପାଳନ କରିବାର ତାତ୍ପର୍ଯ୍ୟ ରହିଛି । ୧୯୦୫ ମସିହାରେ ଏହି ତାରିଖରେ କଲିକତାର ଟାଉନ୍ ହଲ୍‌ରେ ଆୟୋଜିତ ସ୍ୱଦେଶୀ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ କରି ସ୍ୱଦେଶୀ ବସ୍ତ୍ର ପରିଧାନ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଏଣୁ ଭାରତର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ହସ୍ତତନ୍ତ କଳାକୁ ସର୍ବଜନବିଦିତ କରିବା ତଥା ସଂରକ୍ଷିତ କରି ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନଟିକୁ ସର୍ବଭାରତ ସ୍ତରରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଉଛି । ଏହାର ମୂଳଲକ୍ଷ ହେଉଛି ଏହି କ୍ଷେତ୍ର ସହ ଜଡ଼ିତ ଅଗଣିତ ବୁଣାକାରଙ୍କ ମନରେ ସ୍ୱାଭିମାନ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୃତ୍ତିକୁ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ବସ୍ତ୍ରକୁ ସୁଦୂରପ୍ରସାରୀ କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା । ଆଜି ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଓଡ଼ିଶା ହସ୍ତତନ୍ତର ଆଦିଭୂମି ଭାବେ ବିଶ୍ୱପ୍ରସିଦ୍ଧ ବୋଲି ସେ ପ୍ରକାଶ କରିଥିଲେ । ବୁଣାକାର ଓ କାରିଗରମାନଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସମୃଦ୍ଧି କାମନା କରିଥିଲେ । ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଭୁବନେଶ୍ୱର(କେନ୍ଦ୍ର) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ସଂପର୍କରେ ବକ୍ତବ୍ୟ ରଖିଥିଲେ । ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶ୍ୟାମଭକ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଓଡ଼ିଶାର ଗର୍ବ ଓ ଗୌରବ ଅନେକ ସନ୍ଥକବିର, ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାରଙ୍କ ସହ ଅନେକ ବୁଣାକାର ଭାଇଭଉଣୀ ଯୋଗଦେଇଛନ୍ତି । ଏହି ଜାତୀୟ ହସ୍ତତନ୍ତ ଦିବସରେ ନିରବଚ୍ଛିନ୍ନ ଭାବେ ୭୫ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ ବୁଣାକାରଙ୍କ ସେବାରେ କାର୍ଯ୍ୟରତ ଥିବା ପଦ୍ମନାଭପୁର ତନ୍ତୁବାୟ ସହଯୋଗ ସମିତି, ବ୍ରହ୍ମପୁର, ଗଞ୍ଜାମ, ସଦରଥାନା ତନ୍ତୁବାୟ ସହଯୋଗ ସମିତି, ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ତନ୍ତୁବାୟ ସହଯୋଗ ସମିତି, ଖୋର୍ଦ୍ଧାଙ୍କୁ ପ୍ରତ୍ୟେକ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସେହିପରି ବିଗତ ତିନି ବର୍ଷର ହାରାହାରି ବ୍ୟବସାୟକୁ ଆଧାର କରି ସର୍ବାଧିକ ହସ୍ତତନ୍ତ ବସ୍ତ୍ର ବ୍ୟବସାୟ କରିଥିବା ଗମିଲୋ ତନ୍ତୁବାୟ ସହଯୋଗ ସମିତି, ଆଠଗଡ଼, କଟକଙ୍କୁ ପ୍ରଥମ ପୁରସ୍କାର ବାବଦରେ ତିନି ଲକ୍ଷ ଟଙ୍କା, ଜାଲପାଲି ତନ୍ତୁବାୟ ସହଯୋଗ ସମିତି, ବରଗଡ଼ଙ୍କୁ ଦ୍ୱିତୀୟ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଏବଂ ଲୁରୁପାଲି ତନ୍ତୁବାୟ ସହଯୋଗ ସମିତି, ବରଗଡ଼ଙ୍କୁ ତୃତୀୟ ପୁରସ୍କାର ଭାବେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଓଡ଼ିଶା ସରକାରଙ୍କ ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବକୁ ସଂଚାଳନ କରିଥିବା ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା ।

## ନିଜ ଭଉଣୀ ଶବ ରଖି କାନ୍ଦୁଛି ଭାଇ

ଭଦ୍ରକ, ୦୮/୦୮ (ନି.ପ୍ର): ଯୌତୁକ ଯୁଇରେ ବଳିପଡିଲେ ନବବଧୂ ।ଭଉଣୀର ଶବ ଉପରେ ମୁଣ୍ଡ ବାଡେଇ କାନ୍ଦୁଛି ଭାଇ ।କହୁଛି ମୋ ଭଉଣୀକୁ ରାଣୀ ଭଳି ବାହାଦେଇଥିଲି ଆଉ ସେମାନେ ମୋ ଭଉଣୀକୁ ମାରିଦେଲେ । ଏହା କହି ଏସପି ଅଫିସ ସମ୍ମୁଖରେ କାନ୍ଦି କାନ୍ଦି କହୁଛି ଭାଇ... ଏ ହେଉଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ କୋରୁଆ ଗ୍ରାମର ଅଧର ନାୟକଙ୍କ କନ୍ୟା ବର୍ଷାରାଣୀ ନାୟକ । ଗତ ୨୦୨୧ ମସିହା ଡିସେମ୍ବର ମାସରେ ତିହିଡି ଥାନା ଅଧୀନ ହରିପୁର ଗ୍ରାମର ପ୍ରଭାତ ରାଉଳଙ୍କ ପୁତ୍ର ପ୍ରକାଶ ରାଉଳଙ୍କୁ ବିବାହ ବୈଦିକ ରୀତି ନୀତିରେ ବିବାହ କରିଥିଲେ ।ବିବାହ ସମୟରେ ପୁଅ ଘର ତରଫରୁ ଯୌତୁକ ବାବଦକୁ ମାଗିଥିବା ଟଙ୍କାରୁ କିଛି ବାକି ରହିଥିଲା ଯାହାକୁ ନେଇ ପ୍ରକାଶଙ୍କ ପରିବାର ତରଫରୁ ବାରମ୍ବାର ବର୍ଷାଙ୍କୁ ଶାରୀରିକ ମାନସିକ ନିର୍ଯାତନା ଦିଆଯାଉଥିଲା ଆଉ ସେ ନିର୍ଯାତନା ଦେଉଥିଲେ ବର୍ଷାଙ୍କ ସ୍ୱାମୀ ପ୍ରକାଶ, ଶାଶୁ ସନ୍ଧ୍ୟାରାଣୀ, ଶଶୁର ପ୍ରଭାତ, ଦିଅର ପ୍ରଦୀପ, ନଣନ୍ଦ ସସ୍ମିତା, ନଣନ୍ଦେଇ । ଆଉ ନିର୍ଯାତନା ବିଷୟରେ ବର୍ଷା ବାପ ଘରକୁ ଖବର ମଧ୍ୟ ପଠାଇଥିଲା । ଗତ ୪ ତାରିଖରେ ବର୍ଷା ନିଜ ଭାଇ ରୋହନକୁ ଫୋନ ଯୋଗେ ଶଶୁର ଘର ଯୌତୁକ ପାଇଁ ନିର୍ଯାତନା ଦେଉଥିବା କଥା ମଧ୍ୟ କହିଥିଲା । ଆଉ ହଠାତ ଗତକାଲି ସଖାଳୁ ସଖାଳୁ ବର୍ଷାଙ୍କ ଦିଅର ପ୍ରଦିପ ଫୋନ କରି ବର୍ଷାଙ୍କ ଭାଇ ରୋହନକୁ ଜଣାଇଥିଲେ କି ତମ ଭଉଣୀ ଆତ୍ମହତ୍ୟା କରିଛନ୍ତି । ବର୍ଷାଙ୍କ ଭାଇ ରୋହନ ସଂଗେ ସଂଗେ ପହଂଚି ଦେଖନ୍ତି ତ ବର୍ଷା ଫ୍ୟାନରେ ଝୁଲୁଛି ତତକ୍ଷଣାତ ବର୍ଷାଙ୍କ ଭାଇ ରୋହନ ନିଜ ଭଉଣୀ ବର୍ଷାଙ୍କୁ ଶଶୁର ଘର ଲୋକେ ମିଶି ମାରିଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ତ ପୋଲିସର ଅନୁସନ୍ଧାନ ପରେ ଜଣାପଡ଼ିବ କିନ୍ତୁ ଅଭିଯୋଗ ଅନୁଯାଇ ଯଦି ଯୌତୁକ ନିର୍ଯାତନାରେ ବଧୂ ହତ୍ୟା ହୋଇଛି ତେବେ ଏଠି ପ୍ରଶ୍ନ ଉଠୁଛି କେବେ ବନ୍ଦ ହେବ ଯୌତୁକ ଜନିତ ବଧୂ ହତ୍ୟା । ଆଉ କିଭଳି ନ୍ୟାୟ ପ୍ରଦାନ କରିବ ପୋଲିସ ତାହା ଦେଖିବାକୁ ବାକି ରହିଲା ।

## ଆରୋଗ୍ୟ ଭାରତୀର ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୦୮/୦୮ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଓ ଡା. ଚି. ହୀରାମଣି ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ରୋଗର କାରଣ ଆହାର ବିହାର, କେଉଁ ରୋଗ ପାଇଁ କିପରି ଆହାର ବିହାର କରିବେ ଲୋକଙ୍କୁ ବୁଝାଇଥିଲେ । ଶିବିରର ପ୍ରାୟୋଜକ ଥିଲେ ଜୟନ୍ତୀ ଲାଲ ନରସି ଚୌହାନ । ଶିବିର ପରିଚାଳନାରେ ସହଯୋଗ କରିଥିଲେ ଗଣେଶ ପ୍ରସାଦ ପରିଛା ଓ ମନ୍ଦିର କମିଟିର ସଭ୍ୟ ସଭ୍ୟା । ପ୍ରତି ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥାଏ । ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

# ରାଜ୍ୟ କଂଗ୍ରେସର ଅଗଷ୍ଟ ୯-୧୪ ପ୍ରତ୍ୟେକ ଜିଲ୍ଲାର ୭୫ କି.ମି. ପଦଯାତ୍ରା

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଅଖିଳ ଭାରତ ଜାତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶାନୁକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ଆସନ୍ତା ଅଗଷ୍ଟ- ୯ କ୍ରାନ୍ତି ଦିବସରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ଏବଂ ୧୪୭ ବିଧାନସଭା କ୍ଷେତ୍ରରେ ୭୫ କି.ମି. ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ଶ୍ରୀ ପଟ୍ଟନାୟକ ଭାରତଛାଡ଼ ଆନ୍ଦୋଳନ ଅବ୍ୟବହିତ ପୂର୍ବରୁ କହିଥିଲେଯେ ସ୍ୱାଧୀନତା ପ୍ରାପ୍ତି ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ବମ୍ବେ ଅଧିବେସନରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦିଆଗଲା। କର ବା ମର ନିଷ୍ପତିକୁ ଗ୍ରହଣ କରି ପଣ୍ଡିତ ଜବାହରଲାଲ ନେହେରୁ, ଶ୍ରଦ୍ଧାର ବଲ୍ଲଭ ଭାଇ ପଟେଲ, ସୁବାଷ ଚନ୍ଦ୍ର ବୋଷ, ମୌଲାନା ଅବୁଲ କାଲାମ ଆଜାଦ, ମହମ୍ମଦ ଅଲ୍ଲୀ ଜିନା, ଅଶୋକ ମେହେଟ୍ଟା, ଚକ୍ରବର୍ତି ରାଜଗୋପାଳ ଆଚାରି, ଡ. ରାଜେନ୍ଦ୍ର ପ୍ରସାଦ, ଅରୁଣ ଆସଫ ଅଲ୍ଲି, ଇତ୍ୟାଦି ବହୁ ଦୃଙ୍ଗ ନେତା ତଥା ଭାରତବର୍ଷର ଆବାଳ ବୃଦ୍ଧ ବନିତା ଭାରତ ଛାଡ଼ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ଦୀର୍ଘ ବର୍ଷର ଅତ୍ୟାଚାରୀ ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ଭାରତ ବର୍ଷର ଛାତ୍ରଛାତ୍ରୀ, କୃଷକ ଶ୍ରମିକ, ମହିଳାଙ୍କ ବୁଦ୍ଧିଜୀବି ମାନେ ଲଢ଼େଇ କରି ଏବଂ ବହୁ ଜୀବନ ବଳିଦାନ ପରେ ଏ ଦେଶକୁ ସ୍ୱାଧୀନତା ମିଳିଥିଲା। ସ୍ୱାଧୀନତା ପରେ ପରେ ଏ ଦେଶରେ ଗୋଟିଏ ଛୁଂଚି କାରଖାନାଟିଏ ମଧ୍ୟ ନଥିଲା। କିନ୍ତୁ ଦୂରଦର୍ଶୀ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୋଗୁଁ ଭାରତବର୍ଷର ବହୁମୁଖି ନଦୀବନ୍ଧ ଯୋଜନା କରାଯାଇଥିଲା। ୧୯୫୦ ମସିହାରେ ଆଇଆଇଟି କରାଯାଇଥିଲା, ୧୯୫୬ ମସିହାରେ ଏମସ କରାଯାଇଥିଲା ୧୯୬୧ ମସିହାରେ ଆଇଆଇଏମ ପ୍ରତିଷ୍ଠା କରାଯାଇଥିଲା, ୧୯୬୪ ମସିହାରେ ଭେଲ କରାଯାଇଥିଲା, ୧୯୭୪ ମସିହାରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ୧୯୬୯ ମସିହାରେ ଇସ୍ରୋ କରାଯାଇଥିଲା, ୧୯୫୮ ମସିହାରେ ଡିଆରଡିଓ, ୧୯୬୩ ମସିହାରେ ଥୁମ୍ବା ରକେର୍ଟ ଲଂଚି ପ୍ରତିଷ୍ଠା କରାଯାଇଥିଲା। ଖାଦ୍ୟ ଶସ୍ୟ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାପାଇଁ ସବୁଜ ବିପ୍ଳବର ଡାକରା ଦିଆଯାଇଥିଲା। ଦୁଗ୍ଧ କ୍ଷେତ୍ରରେ ସ୍ୱାବିଲମ୍ବି ହେବାପାଇଁ ଶ୍ୱେତ ବିପ୍ଳବର ଡାକରା ଦିଆଯାଇଥିଲା । ଆଜି ୮ ବର୍ଷ ଭିତରେ ଜାତୀୟ ସଂପତି ବିକିବା ଛଡ଼ା ଗୋଟିଏ ବି ଜାତୀୟ ସଂପଦ ସୃଷ୍ଟି କରିବାରେ ନଜିର ନାହିଁ। ଠିକ ସେହିଭଳି ଭାବରେ ଦୀର୍ଘ ୨୨ ବର୍ଷର ଶାସନ ଭିତରେ ଆଜି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏ ସବୁ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ। ଡାକ୍ତରଖାନା ଅଛି ଡାକ୍ତର ନାହାନ୍ତି, ସ୍କୁଲ ଅଛି ଶିକ୍ଷକ ନାହାନ୍ତି ତେଣୁ ୭୫ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଏ ସରକାର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଆଜି ଦେଶକୁ ଜାତି ଧର୍ମ ନାମରେ ଭାଗ ଭାଗ କରାଯାଉଛି। ହିଂସା, ଦ୍ୱେଷ, ଘୃଣାର ମଞ୍ଜି ପୋତାଯାଉଛି। ଏଭଳି ଭାରତ ବର୍ଷର ସ୍ୱପ୍ନ ଆମର ମହା ମୁନିଷମାନେ ଦେଖିନଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଆଜି ଅସମ୍ମାନିତ କରାଯାଉଛି। ତାଙ୍କ ଫଟୋ ଚିତ୍ର ରଖି ତା ଉପରକୁ ଗୁଳିବର୍ଷଣ କରୁଛନ୍ତି। ତିରଙ୍ଗା ଆମ ହୃଦୟ ଭିତରେ ରହିଛି ଏବଂ ତ୍ରିରଙ୍ଗା ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି। ତ୍ରିରଙ୍ଗା ଆମ ଜାତୀୟ ପତାକା ଆମେ ସବୁଦିନ ଏହାକୁ ଉଡାଉଛୁ କିନ୍ତୁ ୧୯୪୭ ମସିହା ପାଖରୁ ଦୀର୍ଘ ୫୨ ବର୍ଷ ଧରି ଆରଏସଏସ ଜାତୀୟ ପତାକାକୁ କେବେହେଲେ ନିଜ କାର୍ଯ୍ୟାଳୟ ମାନଙ୍କରେ ଉଡାଇ ନାହିଁ। ଜାତୀୟ ସଂଗୀତକୁ ମଧ୍ୟ କେବେ ଗାନ କରନ୍ତି ନାହିଁ। ଏମାନଙ୍କୁ ପାଖରୁ ଜାତୀୟତା ବାଦ କିଛି ଶିଖିବାର ଆବଶ୍ୟକତା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ ଜାତୀୟ କଂଗ୍ରେସର ସଂପାଦକ ତଥା ଓଡ଼ିଶା ସହ ପ୍ରଭାରୀ ଶ୍ରୀ ଜି. ରୁଦ୍ର ରାଜୁ, ଓଡ଼ିଶା ପ୍ରଦେଶ କଂଗ୍ରେସ ମିଡିଆ ସେଲର ଆବାହକ ଶ୍ରୀ ସତ୍ୟପ୍ରକାଶ ନାୟକ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଭଦ୍ରକ,୦୮/୦୮ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୯ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପୁଲିସ ଅଧିକ୍ଷକ ଚରଣସିଂ ମୀନା, ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦ୍ରମଣି ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ କୁମାର ପାତ୍ର, ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ, ପ ।ୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ତହସିଲଦାର ସରୋଜକାନ୍ତ ନାୟକ, ବିଡିଓ ଦେବଦ ଦାଶ ପ୍ରମୁଖ ଅଭିଯୋଗୁଡିକର ଶୁଣାଣୀ କରିଥିଲେ। ନେରଡା ପ ।ୟତ ଅନ୍ତର୍ଗତ ପୁରିପଡା ହରିଜନସାହି ରାସ୍ତା କାଦୁଅ ହୋଇ ଯାତାୟତ ଅନୁପଯୋଗୀ ହେବା ଓ ଏହାର ନିର୍ମାଣ କରାଯିବା ସମ୍ପର୍କୀୟ ଅଭିଯୋଗ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ହୋଇଥିଲା। ଏହାର ଆଶୁ ସମାଧାନ ପାଇଁ ବ୍ଲକ ପ୍ରଶାସନକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱାମୀ ପରିବାର କବଳକୁ ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ପୁଲିସର ଉଦାସୀନତା ବିରୋଧରେ ଭାଗ୍ୟଶ୍ରୀ ସେଠୀ ଅଭିଯୋଗ କରିଥିଲେ। ନେଉଳିଆ ଠାରେ ରାଜପଥ ଟୋଲଗେଟରେ ସ୍ଥାନୀୟ ଯାନବାହନ ପାଇଁ ସ୍ୱତନ୍ତ୍ର ପାସ ବ୍ୟବସ୍ଥା ଅଭିଯୋଗ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗଗୁଡିକ ମଧ୍ୟରେ ପଡିକାର୍ଡ, ଆବାସଗୃହ, ଭ ।, କାଳିଆ ଯୋଜନାକୁ ବାଦପଡିବା ଆଦି ପ୍ରସଙ୍ଗରେ ୬୦ଟି ବ୍ୟକ୍ତିଗତ ଅଭିଯୋଗ ଅର୍ନ୍ତଭୁକ୍ତ।

## ଫେନରେ ଶାଢି ଦେଇ ମହିଳାଙ୍କ ଆତ୍ମହତ୍ୟା

ବସ୍ତା, ୦୮/୦୮ (ନି.ପ୍ର): ବସ୍ତା ଥାନା ବ୍ରାହ୍ମଣଦା ପଞ୍ଚାୟତ ସେହି ଗ୍ରାମ ର ସୋରଜ ବେହେରାଙ୍କ ପତ୍ନୀ ମୋନାଲିସା ବେହେରା ବୟସ ୨୬ ଆଜି ସକାଳେ ୭ଟା.୩୦ ମିନିଟ ସମୟ ରେ ଘରେ କେହି ନଥିବା ସମୟରେ ଘର ଫ୍ୟାନରେ ଶାଢି ବାନ୍ଧି ଆତ୍ମହତ୍ୟା କରିଛି । ତେବେ ମୋନାଲିସା ଗତ ସପ୍ତାହରେ ବିଡି ପରୀକ୍ଷା ଦେବାପାଇଁ ହାଇଦ୍ରାବାଦ ଯାଇଥିଲା । ତାଙ୍କର ଏକ ନୂଆଘରକୁ ଗରମ ପାଣି ନେଇଗାଧେଇବା ପାଇଁ ଯାଇ ନ ଫେରିବାରୁ ସ୍ୱାମୀ ସରୋଜ ଘରକୁ ଯାଇ ଡାକ ପକାଇଥିଲେ । ହେଲେ ଘର ଭିତରୁ କବାଟ ବନ୍ଦ ଥିଲା କବାଟଭାଙ୍ଗି ଦେଖିଲେ ସିଲିଙ୍ଗ ଫ୍ୟାନରେ ଶାଢି ରେ ଝୁଲୁଛି । ତାଙ୍କୁ ଉଦ୍ଧାରକରି ସଙ୍ଗେ ସଙ୍ଗେ ବସ୍ତା ଡାକ୍ତର ଖାନା ଆଣିଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ମୃତ ମୋନାଲିସାଙ୍କ ଦୁଇବର୍ଷର ଶିଶୁପୁତ୍ର ଅଛି ତାଙ୍କର ଆଜିଭୋପାଳ ଯିବାର କାଯ୍ୟକ୍ରମ ଥିଲା ଉଭୟ ସ୍ୱାମୀ ସ୍ତ୍ରୀ ଏଠାରେ ରହୁଥିଲେ । ବସ୍ତା ଥାନାରେ ଏକ ଅପମୃତ ମାମଲା ରୁଜ ହୋଇଛି । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ବ୍ୟବଛେଦ ପାଇଁ ପଠାଇତଦନ୍ତ ଜାରି ରଖିଛନ୍ତି ।

## ମା'ଛେଉଣ୍ଡ ଦୁଇ ନାବାଳକ ଓ ରୋଗଗ୍ରସ୍ତ ବାପାର ଚିକିତ୍ସାଲାଗି ଅର୍ଥଦାନ

ଜଳେଶ୍ୱର, ୦୮/୮(ନି.ପ୍ର): ଜଳେଶ୍ୱର ଅଂଚଳରେ ହେଲ୍ପ ଫର ୟୁ ଫାଉଣ୍ଡେସନ କେତେକ ଉଲ୍ଲେଖନୀୟ ସମାଜସେବା କାର୍ଯ୍ୟକରି ଜନାଦୃତ ହୋଇ ପାରିଛନ୍ତି । ଗତ କିଛିଦିନ ତଳେ ଖୋର୍ଦ୍ଧା ଜିଲାର ବେଗୁନିଆ ଥାନା ଅନ୍ତର୍ଗତ ଭୂଇଁପୁର ଆଦିବାସୀ ସାହିରେ ଶର୍ଯ୍ୟସାୟୀ ସୁଦର୍ଶନ ସ୍ୱାଇଁ ତଥା ନାବାଳକ ୧୨ବର୍ଷର ପୁଅ ସଂଜୟ ଓ ତାର ସାନଭାଇ କାହ୍ନୁର ଶିକ୍ଷାଲାଭ ପାଇଁ ଏହି ଅନୁଷ୍ଠାନ ୧୦ହଜାର ଟଙ୍କା ଓ ଏକ ମାସର ରେସନ ଓ ୩ଜଣଙ୍କ ଲାଗି ନୂଆ ବସ୍ତ୍ର, ପାଠ୍ୟ ସାମଗ୍ରୀ, ସ୍କୁଲ ବ୍ୟାଗ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। ଯେଉଁ ବୟସରେ ଦୁଇପିଲା ବାପା, ମାଙ୍କ ସ୍ନେହଶ୍ରଦ୍ଧାରେ ବଢିବାକଥା ସେ ସମୟରେ ରୋଗଗ୍ରସ୍ତ ବାପା ଓ ପର ପାରିକୁ ଚାଲି ଯାଇଥିବା ମାର ସ୍ନେହ ତାଙ୍କ ପାଖରେ ଦିବାସ୍ୱପ୍ନ ହୋଇଛି । କଅଁଳିଆ ହାତରେ ଯେତେବେଳେ କଲମ ଧରିବା କଥା ସେତେବେଳେ ସେମାନେ କୋଦାଳ ଓ କୋଡି ଧରି ବିଲର କାର୍ଯ୍ୟ କରୁଥିବା ଦେଖି ସଂଗଠନ ପକ୍ଷରୁ ଏପରି ସହାୟତା ଯୋଗାଇବା ଚିନ୍ତାଧାରା ନିଆଯାଇଥିବା ସଂପର୍କରେ ହେଲ୍ପଫରୟୁ ଫାଉଣ୍ଡେସନର ମୁଖ୍ୟ ମାନସ ରଂଜନ ଧଳ କହିଛନ୍ତି ।

## ଭଣ୍ଡାରିପୋଖରୀରେ ଯୁଗ୍ମ ଜନ ଶୁଣାଣି ଶିବିର

ଭଦ୍ରକ, ୦୮/୦୮ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଆୟୋଜନ ନେଇ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭଣ୍ଡାରିପୋଖରୀ ଠାରେ ଏହା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ଏଥିରେ ଯୋଗ ଦେଇ ସମୁଦାୟ ୬୯ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରେ ୬୦ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲାବେଳେ ୯ଟି ସାମୂହିକ ସମସ୍ୟା ଭିତ୍ତିକ ଥିଲା । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ସଭାପତି, ଜିଲ୍ଲାପରିଷଦ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇନ୍ଦ୍ରମଣି ନାୟକ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ଦାସ, ଉପଜିଲ୍ଲାପାଳ ମନୋଜ ପାତ୍ର, ବିଧାୟକଙ୍କ ପ୍ରତିନିଧି ପ୍ରୟାସକାନ୍ତି ସାମଲ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ବି.ଡ଼ି.ଓ. ଦେବଦତ୍ତ ଦାସ, ଜି.ପି.ଓ. ମୀନକେତନ ବାରିକ୍, ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ରେସନ୍ କାର୍ଡ଼, ବିଦ୍ୟୁତ, ଭତ୍ତା, ଗମନାଗମନ ଛତାବର ଠାରେ ନିର୍ମାଣଧୀନ ଟୋଲଗେଟ୍ ବାବଦରେ ଅଭିଯୋଗମାନ ଆଗତ ହୋଇଥିଲା ।

## ପାଠପଢି ଭଲ ମଣିଷ ହେବା ପ୍ରତ୍ୟେକ ଛାତ୍ରଛାତ୍ରୀର ଲକ୍ଷ୍ୟ ହେଉ




ବାରିପଦା, ୦୮/୦୮ (ନି.ପ୍ର): ଆଜିର ଅବକ୍ଷୟ ମୁଖି ସମାରେ ଭଲ ପାଠପଢିବା ସହ ପାଠପଢି ଭଲ ମଣିଷ ହେବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମୂଳ ଲକ୍ଷ୍ୟ ହେଲେ ଏକ ସୁସ୍ଥ ସମାଜର ଗଠନ ସମ୍ଭବ ହୋଇ ପାରିବ ବୋଲି ଆଜି ବାରିପଦା ଭଂଜପୁର ଠାରେ ଥିବା ଆଦଭିକା ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଡଃ ଦମୟନ୍ତି ବେଶ୍ରା ଯୋଗଦେଇ ନିଜର ମତ ରଖିଛନ୍ତି । ବିଗତ ଦିନରେ ସମାଜର ମୁଖ୍ୟ ସ୍ରୋତରୁ ବିଛିନ୍ନ ହୋଇ ଶିଶୁ ଶ୍ରମୀକ ଭାବେ କାର୍ଯ୍ୟରତ ପିଲାଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ଉଦ୍ଧାର କରାଯାଇ ସେମାନଙ୍କୁ ସରକାରୀ ପ୍ରସାହନ ରେ ପାଠ ପଢାଇବାର ବନ୍ଦୋବସ୍ତ କରାଯାଇଥିଲା ସେମାନଙ୍କ ମଧ୍ୟରୁ ବିଗତ ମେଟ୍ରିକ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଛାତ୍ର ମନୋରଂଜନ ନାଏକ, ମାନସ ରଂଜନ ନାଏକ ଏବଂ ସଂଜୟ ଦାସ ଙ୍କ ସହିତ ବାରିପଦା ସରସ୍ୱତୀ ଶିଶୁ ମନ୍ଦିରର ରଶ୍ମିତା ଦାସ, ଉଦଳା ହାଇସ୍କୁଲର ରିତିକସ୍ତୁରି ସାମଲ, ଟିକରପଡା ହାଇସ୍କୁଲ ର ରାଜେସ ବେହେରା ଓ ଶୁଭମ ଗିରି, ବିଦ୍ୟାବିହାର ହାଇସ୍କୁଲର ମନରଂଜନ ପଣ୍ଡା ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ୩୫ଜଣ କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ମାନପତ୍ର ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବାରିପଦା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ବିରେନ୍ଦ୍ର କୁମାର ସେନାପତି, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ଦୀପକ କୁମାର ନାୟକ, ପ୍ରମେୟର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ସଂଜୟ କୁମାର ଚୌଧୁରୀ, ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଦେଶର ଭବିଷ୍ୟତ, ଏଣୁ ଆଗାମୀ ଦିନରେ ଭଲପାଠପଢି ସମାଜରେ ପ୍ରତିଷ୍ଠିତ ହେବା ସହ ନିଜନିଜ ସ୍ତରରେ ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବାକୁ ପ୍ରେରଣା ଦେଇଥିଲେ । କୃତି ଶିକ୍ଷକ ସୋମନାଥ ସିଂହ ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଫାଉଣ୍ଡେସନର ଅଧ୍ୟକ୍ଷ ଡାଃ ସୁମିତ୍ରା ସୋରେନ, ସମ୍ପାଦକ ଅଭିଷେକ ଜାଦବ, ଇଂ ବାଜିନାଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସମାଜସେବା ତଥା ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୋମନାଥ ସିଂହ, ଅଜିତ କବାଟ, ଅମୂଲ୍ୟ ଦାସ, ଶୁଧାଂଶୁ ପୃଷ୍ଟି, ବିମ୍ବାଧର ସାହୁ, ଆଲୋକ ବାରିକ, ଦୀପକ କୁମାର ଆଚାର୍ଯ୍ୟ, ସୁଦୀପ୍ତ ବେହେରା, ଭାରତୀ ବେହେରା ଏବଂ ଉତମ କୁମାର ମହାକୁଡ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟରେ ପ୍ରବଳରୁ ଅତିପ୍ରବଳ....

ବୁଲେଟିନରେ କୁହାଯାଇଛି ଯେ ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଓଡିଶାର ଜିଲ୍ଲାଗୁଡ଼ିକର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଅର୍ଥାତ୍ ୯ ତାରିଖ ମଙ୍ଗଳବାର ସୁଦ୍ଧା ଓଡିଶାର ଗଜପତି, ଗଂଜାମ ଓ କନ୍ଧମାଳ ପ୍ରଭୃତି ୩ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ତିନି ଜିଲ୍ଲାକୁ 'ରେଡ୍' ୱାର୍ଣ୍ଣିଂ ଜାରି କରାଯାଇଛି । ଅନୁରୂପ ଭାବେ ୮ଟି ଜିଲ୍ଲା ପାଇଁ ଅରେଂଜ ୱାର୍ନିଂ ଜାରୀ କରା ଯାଇଛି । ଏହି ଜିଲ୍ଲା ଗୁଡିକ ହେଲା ଖୋର୍ଦ୍ଧା, ପୁରୀ, ନୟାଗଡ଼, ମାଲକାନାଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ କଳାହାଣ୍ଡି । ଏହି ଜିଲ୍ଲା ମାନଙ୍କରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୨ଟି ଜିଲ୍ଲା ପାଇଁ ୟେଲୋ ୱାର୍ନିଂ ଜାରୀ କରାଯାଇଛି । ଏଗୁଡିକ ହେଲା ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ।

### ବିହାରରେ ଭାଙ୍ଗିପାରେ ....

ଚାହୁଁଛି । ଜେଡିୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜୀବ ରଞ୍ଜନ ନାଁ ନେଇ ବିଜେପି ଉପରେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ସେ ପରୋକ୍ଷରେ ବିଜେପି ଷଡଯନ୍ତ୍ର ରଚିଥିବା ଅଭିଯୋଗ ଆଣିବା ସହ ଉଚିତ୍ ସମୟରେ ଏହା ଉପରୁ ପରଦା ହଟିବ ବୋଲି ମଧ୍ୟ ଧମକ ଦେଇଛନ୍ତି । ଏହାରି ଭିତରେ ଝାଂଝରପୁରର ଜେଡିୟୁ ସାଂସଦ ରାମପ୍ରୀତ ମଣ୍ଡଳ ଆଭାସ ଦେଇସାରିଛନ୍ତି ଯେ ନୀତୀଶ ଏନଡିଏ ସରକାରକୁ ନେଇ ଶୀଘ୍ର ବଡ଼ ଘୋଷଣା କରିପାରନ୍ତି । ସେ କହିଛନ୍ତି ଯେ ବିହାର ରାଜନୀତିରେ କିଛି ବି ସମ୍ଭବ । ଲୋକଙ୍କ ପାଖରେ ପହଂଚିବା ପୂର୍ବରୁ ରାଜ୍ୟରେ କିଛି ବି ଘଟିପାରେ । ନୀତୀଶ କୁମାର ଆମର ନେତା । ସେ ଯାହା ନିଷ୍ପତି ନେବେ, ତାହା ସର୍ବମାନ୍ୟ ।

### ଭିଜିଲାନ୍ସ ହାତରେ ଲାଗିଲା ଜିଏସ୍‌ଟି ....

ବ୍ୟାସନଗର ସହରର ଚୋରଦା ଛକଠାରେ ୩ଟି ତିନି ମହଲା କୋଠା ଓ ଗୋଟିଏ ଏକ ମହଲା କୋଠା ମଧ୍ୟ ଠାବ କରାଯାଇଛି। ଏହି ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସ ପକ୍ଷରୁ ଆକଳନ ଜାରି ରହିଛି। ଏହାଛଡ଼ା ୫୩.୬୩ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଇନ୍‌ସୁରାନ୍ସ ଡିପୋଜିଟ୍ ସମେତ ୬ଟି ଦାମୀ କାର ଓ ୩୮୭ ଗ୍ରାମର ସୁନା ଧରପଗଡ଼ରେ ମିଳିଛି। କାରଗୁଡ଼ିକର ମୋଟ ଦାମ୍ ୬୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ଏହି ସମ୍ପତ୍ତି ଠୁଳ କରିବା ନେଇ ଶ୍ରୀ ପାଣିଙ୍କୁ ଭିଜିଲାନ୍ସ ପକ୍ଷରୁ ପଚରାଉଚରା ଜାରି ରହିଛି। ସୂଚନାଯୋଗ୍ୟ, ଆଜି ସକାଳୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢାଉ ଜାରି ରହିଛି। ବ୍ୟାସନଗର, କଟକ, ଭୁବନେଶ୍ୱରର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରହିଛି। କଟକ ଭିଜିଲାନ୍ସ ଡିଏସପି ସୋମନାଥ ବାରିକଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ବିଭିନ୍ନ କାଗଜପତ୍ର, ଜମି ଓ ସମ୍ପତ୍ତିବାଡିର ତଥ୍ୟ ଆଦିର ଯାଞ୍ଚ କରୁଛି। ତଦନ୍ତ ଜାରି ରହିଥିବାରୁ ପ୍ରତିକ୍ରିୟା ଦେବାକୁ ବିଭାଗୀୟ ଅଧିକାରୀ ମନା କରିଛନ୍ତି। ତେବେ ଜିଏସ୍‌ଟି ବିଭାଗର ଜଣେ ଉଚ୍ଚ ଅଧିକାରୀଙ୍କ ଘରେ ଭିଜିଲାନ୍ସର ଚଢ଼ଉ ସବୁଠାରୁ ବେଶୀ ଅଲୋଚନାର ବିଷୟ ହୋଇଛି।

### "ମୋଦି @ ୨୦" ପୁସ୍ତକର ଓଡ଼ିଶା ଚାପ୍ଟର....

ନରେନ୍ଦ୍ର ମୋଦି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ମଇ ୧୧ ତାରିଖରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ କରକମଳରେ "ମୋଦି @୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ପୁସ୍ତକ ଉନ୍ମୋଚନ ହୋଇଥିଲା । ଏହି ପୁସ୍ତକରେ ୨୨ଟି କ୍ଷେତ୍ରର ସୁନାମଧନ୍ୟ ଲେଖକଙ୍କ ଦ୍ୱାରା ୨୧ ପ୍ରବନ୍ଧର ସଂକଳନ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ୨୦୦୧ରୁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ ୨୦ ବର୍ଷ ଧରି ରାଜ୍ୟ ତଥା ଜାତୀୟ ସ୍ତରରେ ସରକାରର ମୁଖ୍ୟ ଭାବରେ ରହିଥିବା ସମୟରେ ତାଙ୍କ ଚିନ୍ତାଧାରା ଏବଂ କାର୍ଯ୍ୟଦକ୍ଷତାର ବିଭିନ୍ନ ଦିଗକୁ ପୁସ୍ତକରେ ଉଲ୍ଲେଖ କରାଯାଇଛି । ତେବେ ମୋଦିଙ୍କ ୨୦ ବର୍ଷ ନେତୃତ୍ୱାଧୀନ ଏହି ବହିକୁ ଆଲୋଚନା କରିବା ମୁଖ୍ୟ ବିଷୟବସ୍ତୁ ନୁହେଁ, ମୋଦି ହେଉଛନ୍ତି ପୂର୍ଣ୍ଣାଙ୍ଗ । ସେ କହିଛନ୍ତି ଯେ ଦେଶ ସ୍ୱତନ୍ତତାର ୭୫ ବର୍ଷ ଅବସରରେ ଓଡ଼ିଶାକୁ ଶ୍ରୀ ଶାହଙ୍କ ଆଗମନ ଦ୍ୱାରା ଆମ ଓଡ଼ିଆ ସମାଜର ସ୍ୱାଧୀନତାର ଲଢେଇ ଓ ଐତିହ୍ୟର ସ୍ମୃତି ଉଜ୍ଜିବୀତ ହୋଇଛି । "ମୋଦି @୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ପୁସ୍ତକର ଲେଖକ ଭାବେ ଶ୍ରୀ ଶାହ ଆଜି ଉପସ୍ଥିତ ହେବା ଗର୍ବର ବିଷୟ । ମୋଦିଙ୍କର ବିଚାର, ରଣନୀତି, ବ୍ୟାପକତା ତଥା ତାଙ୍କ ଭଳି ଜଣେ ହିମାଳୟ ସଦୃଶ ନେତୃତ୍ୱକୁ ଖୁବ କମ ଲୋକ ଜାଣିଛନ୍ତି । ସେହି କମ ଲୋକଙ୍କ ମଧ୍ୟରୁ ଶ୍ରୀ ଶାହ ଅନ୍ୟତମ । ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଓ ବିଚାର ଉପରେ ଓଡ଼ିଶାବାସୀଙ୍କୁ ମାର୍ଗଦର୍ଶନ ଦେଇଥିବାରୁ ମାନ୍ୟବର ଗୃହ ମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

### ତାଇୱାନ୍ ଚତୁଃପାର୍ଶ୍ୱରେ....

ସ୍ୱଂୟଶାସିତ ଦ୍ୱୀପକୁ ଅବରୋଧ କରି ଆକ୍ରମଣ କରିବା ପାଇଁ ଅଭ୍ୟାସ କରୁଛି। କିନ୍ତୁ, ଆଜି ଚୀନ୍ କହିଛି ଯେ, ସମରାଭ୍ୟାସ ଚାଲିଛି। ଚୀନ୍‌ର 'ପିପୁଲ୍ସ ଲିବରେସନ୍ ଆର୍ମି' ତାଇୱାନ୍ ଚତୁଃପାର୍ଶ୍ୱ ଜଳ ଓ ଆକାଶରେ ପ୍ରାୟୋଗିକ ମିଳିତ ସମରାଭ୍ୟାସ ଏବଂ ତାଲିମ ଚଳାଇଛି। ଏହି ସମରାଭ୍ୟାସ ବୁଡ଼ାଜାହାଜ ନିରୋଧୀ ଏବଂ ସାମୁଦ୍ରିକ ଆକ୍ରମଣ ଉପରେ ଗୁରୁତ୍ୱାରୋପ କରୁଛି। ଏହାଛଡ଼ା, ଦକ୍ଷିଣ ଚୀନ୍ ସାଗର ଏବଂ ପୀତ ସାଗରର କେତେକ ପ୍ରାନ୍ତରେ ଆଜି ବେଜିଙ୍ଗ୍ 'ଲାଇଭ୍ ଫାୟାର୍ ଡ୍ରିଲ୍' କରିବା ପାଇଁ ପ୍ରସ୍ତୁତି କରିଛି।

## ମଧୁବାବୁଙ୍କୁ ଭାରତରତ୍ନ ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତର ଭାରତରତ୍ନ ପ୍ରଦାନ ସହିତ ମଧୁବାବୁଙ୍କ ପ୍ରତିମୂର୍ତି ସଂସଦ ଭବନ ପରିସରରେ ସ୍ଥାପନା ଓ ଉତ୍କଳ ଗୌରବ ମଧୁସୂଦନ ନାମରେ ରେଳ ଗାଡ଼ି ପୁରୀ ଠାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଚଳାଇବା ପାଇଁ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପାଂଚପୃଷ୍ଠା ସମ୍ବଳିତ ଦାବିପତ୍ରରେ ମଧୁବାବୁଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ, ଦେଶର ପ୍ରଥମ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ, ଜନସଙ୍ଘ ତଥା ଏବେର ଭାରତୀୟ ଜନତା ଦଳର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଆଦି ବହୁବ୍ୟକ୍ତି କିପରି ଜାଣିଥିଲେ ଓ ସମ୍ମାନ ଦେଉଥିଲେ ଉଲ୍ଲେଖ ଅଛି।

## ତାଲୁକ ଆଇନ୍‌ସେବା ପକ୍ଷରୁ ୭୫ ଆଜାଦିକା ଅମୃତ ମହୋତ୍ସବ ପାଳିତ

ଜଳେଶ୍ୱର, ୦୮/୦୮ (ନି.ପ୍ର): ଚଳିତବର୍ଷ ୭୫ ଆଜାଦୀ ଅମୃତ ମହୋତ୍ସବ ପାଳନ ଅବସରରେ ଜଳେଶ୍ୱର କୋର୍ଟ ପରିସରରେ ଥିବା ବାର୍ ହଲ ମଧ୍ୟରେ ତାଲୁକ ଆଇନ୍‌ସେବା ପକ୍ଷରୁ ଏହି ଉତ୍ସବ ଆଜି ପାଳିତ ହୋଇଛି । ଏଥିରେ ସବ୍‌ଜର୍ଜ ସୁନିଲ କୁମାର ସାହୁ ପୌରହିତ୍ୟ କରି ସ୍ୱାଧିନତା ଓ ଜାତୀୟ ପତାକାର ସମ୍ମାନ ଅଖୁର୍ଣ୍ଣ ରଖିବା ପ୍ରତ୍ୟେକ ଭାରତୀୟଙ୍କ ଦାୟିତ୍ୱ । ତେଣୁ ଏହାର ସଂସ୍କୃତି, ଅର୍ଥନିତୀ ଇତ୍ୟାଦିର ସୁରକ୍ଷା ପ୍ରତ୍ୟେକ ନାଗରିକ ଆତ୍ମବିଶ୍ୱାସର ସହିତ କରିବା ଉଚିତ୍ ବୋଲି କହିଥିଲେ । ମୁନ୍‌ସଫ ପାର୍ଥସାରଥି ଅତିଥିଭାବେ ଯୋଗ ଦେଇ ଜାତୀୟ ପତାକା ପ୍ରତ୍ୟେକଙ୍କ ଭାବାବେଗ ଓ ଅସ୍ମିତାର ନିଦର୍ଶନ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବାର୍ ସଭାପତି ଅନୀଲ ପରିଡା, ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ ଦାସ ବକ୍ତବ୍ୟ ରଖି ଭାରତର ପୂର୍ବସୁରୀ ମାନଙ୍କ କଷ୍ଟାର୍ଜିତ ସ୍ୱାଧିନତାର ସ୍ମୃତି ସ୍ମରଣ କରି ଏହାର ସମ୍ମାନ ରକ୍ଷା କରିବା ଭାରତୀୟଙ୍କର ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ । ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ନିତ୍ୟଗୋପାଳ ଦାସ, ସୁନିଲ ଜେନା, ବାର୍ ସମ୍ପାଦକ ବିଜନ୍ ଦାସଙ୍କ ସହିତ ବହୁ ଆଇନ୍‌ଜିବୀ ଏଥିରେ ଯୋଗ ଦେଇଥିଲେ ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ : ନୀଳଗିରି

ନୀଳଗିରି, ୦୮/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ଘଟିକା ସମୟରେ ଆୟୋଜିତ ହୋଇଯାଇଛି । ଏହି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତାତ୍ରେୟ ଭାଉ ସାହେବ ସିନ୍ଧେ, ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ସୁଧାଂଶୁଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀଯୁକ୍ତ ଦୁଲାଲସେନ ଜଗଦେବ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ମଲିକ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଦୀପ୍ତିରଂଜନ ସେଠୀ, ତହସିଲଦାର ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଅଶେଷ କୁମାର ନାୟକ, ପଂଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବାଲେଶ୍ୱର ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ କରୁଣାକର ପଣ୍ଡା, ବିଧାୟକ ପ୍ରତିନିଧି ଉପେନ୍ଦ୍ର କୁମାର ଦାସ, ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ, ନୀଳଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଂଚାୟତରୁ ଆସିଥିବା ନିର୍ବାଚିତ ପ୍ରତିନିଧି, ଅଭିଯୋଗକାରୀ ସମେତ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ ଶିବିରରେ ବାର୍ଦ୍ଧକ୍ୟ ଭତା,ଜଙ୍ଗଲ ଜମି ପଟ୍ଟା, ରାସ୍ତା ଘାଟ ସମସ୍ୟା, ବିଦ୍ୟୁତ୍ ବିଲ୍, ଆଇନଶୃଙ୍ଖଳା, ଖାଉଟି ଯୋଗାଣ ବିଭାଗୀୟ ରେସନକାର୍ଡ, ଆଦି ସଂପର୍କିତ ମୋଟ ୪୫ଟି ଆପତି ଅଭିଯୋଗ ପଂଜିକୃତ ହୋଇ ସେଗୁଡ଼ିକ ଆଶୁ ସମାଧାନ କରିବା ସକାସ ବିଭାଗୀୟ ପଦାଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଥିଲେ ।

# ନୂତନ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରି ମୋହନ ସୁନ୍ଦର ଦାରିଦ୍ର୍ୟକୁ ବରଣ କରିଥିଲେ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଓଡ଼ିଶାରେ ରାସ, ସୁଆଙ୍ଗ, ସଂଗୀତ, ନାଟକ, ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଂଗୀତ ଓ ରଙ୍ଗମଂଚକୁ ବିକଶିତ କରିବା ସହ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ମାତା, ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୧୩୦ତମ ଜୟନ୍ତୀ ଆଜି ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେଲିନ୍ ମହାନ୍ତି, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସତ୍ୟବ୍ରତ ଜେନା, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଉମାନାଥ ମିଶ୍ର, ରମାନାଥ ସାମନ୍ତରାୟ, ରଶ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସଂଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଶ୍ରୀକ୍ଷେତ୍ର ପୁରୀରେ ଲୋକକଳାର ବିକାଶ ପାଇଁ ଉଦ୍ୟମ କରି ରାସ, ସୁଆଙ୍ଗ, ରଙ୍ଗମଂଚ, ନୃତ୍ୟ, ସଂଗୀତ, ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ପାଇଁ ମୋହନ ସୁନ୍ଦର ଦେବଗୋସ୍ୱାମୀ ତାଙ୍କ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ନିର୍ମାଣ କରି ଏଥିରେ ଅଭିନୟ କରିବା ସହ ନିର୍ଦ୍ଦେଶନା, ପ୍ରଯୋଜନା ଓ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଏହି ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ତାଙ୍କ ସମ୍ପତି ବିକି ଓ କରିଥିବା କରଜ ସୁଝିବାକୁ ସେ ଦାରିଦ୍ର୍ୟର ତାଡନାରେ ଜର୍ଜରିତ ହୋଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଜଳେଶ୍ୱର ମହିଳା କଲେଜର +୨ କଳାରେ ସଫଳତା

ଜଳେଶ୍ୱର, ୦୮/୦୮ (ନି.ପ୍ର): ଜଳେଶ୍ୱର ନୂଆବଜାରସ୍ଥିତ ମହିଳା କଲେଜର +୨ ପରୀକ୍ଷାରେ ସଫଳତା ମିଳିଥିବା ବେଳେ ୯୪.୬୯ ଛାତ୍ରୀମାନେ କୃତିତ୍ୱର ସହ ପାସ୍ କରିଛନ୍ତି । ୨୦୭ଜଣ ଛାତ୍ରୀ +୨ କଳାରେ ପରୀକ୍ଷା ଦେଖିବା ବେଳେ ୧୦୩ଜଣ ପ୍ରଥମ ଶ୍ରେଣୀ, ୪୬ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୭ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ମହାବିଦ୍ୟାଳୟର ଅନୁରାଧା ଭଂଜ ଓ ନିରୁପମା ପ୍ରଧାନ ପ୍ରତ୍ୟେକେ ୫୩୬ ସର୍ବାଧିକ ନଂ ରଖି ମହାବିଦ୍ୟାଳୟର ଗୌରବ ଆଣିଛନ୍ତି । ଏହି ମହାବିଦ୍ୟାଳୟର ଭୋକେସନାଲ ବିଷୟରେ ଶତପ୍ରତିଶତ ଛାତ୍ରୀ ପାସ୍ କରିଥିବା ବେଳେ ଅଭିଶିକ୍ତା ପରିଡା ୪୭୦ ନଂ ରଖି କଲେଜରେ ଟପର ହୋଇଛନ୍ତି ।

## ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସୋମବାର ଦିନ ଶ୍ରୀଲିଙ୍ଗରାଜ ମନ୍ଦିରରେ ପହଂଚି ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି । ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଲୋକସଭା ସଦସ୍ୟ ଅପରାଜିତା ଷଡ଼ଙ୍ଗୀ, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ରାଷ୍ଟ୍ରୀୟ ପ୍ରବକ୍ତା ଡାକ୍ତର ସମ୍ବିତ ପାତ୍ର ଓ ଜିଲ୍ଲା ବିଜେପି ସଭାପତି ବାବୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ମନ୍ଦିର ଭିତରେ ସେ ସର୍ବପ୍ରଥମେ ଶ୍ରୀଗଣେଶଙ୍କୁ ଦର୍ଶନ କରିଥିଲେ । ତାପରେ ଶ୍ରୀଲିଙ୍ଗରାଜଙ୍କର ପୂଜାର୍ଚ୍ଚନା କରିଥିଲେ । ସେଠାରେ ସେ ଜଳାଭିଷେକ ମଧ୍ୟ କରିଥିବା ଜଣା ପଡିଛି । ଶ୍ରୀ ଶାହ ବେଢ଼ା ପରିକ୍ରମା କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି ।ସେ ଦର୍ଶନାର୍ଥୀ ଖାତାରେ ସ୍ୱାକ୍ଷର କରି ମନ୍ଦିରରୁ ବାହାରିଥିଲେ । ଏ ସମ୍ପର୍କରେ ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ଶ୍ରାବଣ ମାସରେ ଭୁବନେଶ୍ୱରର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିରରେ ମହାଦେବଙ୍କ ଦର୍ଶନ ଲାଭ କରି ଅତ୍ୟନ୍ତ ଆନନ୍ଦିତ । ଏହି ମନ୍ଦିର ହେଉଛି ଭାରତୀୟ ସଂସ୍କୃତିର ଏକ ଐତିହାସିକ ସ୍ଥଳୀ, ଯେଉଁଥିରେ ପ୍ରତ୍ୟେକଟି ଶିଳା ଉପରେ ନିର୍ମିତ କଳାକାରୀ ପ୍ରାଚୀନ ଭାରତୀୟ କାରିଗରୀର ଅଦ୍ଭୁତ ଚମତ୍କାରକୁ ବହନ କରୁଛି । ଏହା ପରେ ଶ୍ରୀଲିଙ୍ଗରାଜ ମନ୍ଦିରରୁ ବାହାରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ବାସଭବନକୁ ଯାଇ ଏବଂ ସେଠାରେ ଚା ଓ ଜଳପାନ କରିଛନ୍ତି ।

# ଆକାଶଛୁଆଁ ଦରବୃଦ୍ଧି ଓ ଖାଦ୍ୟ ଦ୍ରବ୍ୟ ଉପରେ ଜିଏସଟିକୁ ବିରୋଧ




ବାଲେଶ୍ୱର,୦୮/୦୮ (ନି.ପ୍ର): ବିଭିନ୍ନ ଦାବି ନେଇ ବାଲେଶ୍ୱରର ବାମପନ୍ଥୀ ଶ୍ରମିକ ସଂଗଠନ ସିଆଇଟିୟୁ, ଏଆଇକେଏସ ଓ ଏଡବ୍ଲ୍ୟୁୟୁ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ କୃଷକ ସଭା ଜିଲା ସଭାପତି ସୀତାଂଶୁ ସେନାପତି ସଭାପତିତ୍ୱ କରିଥିଲେ । ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିପିଏମ ଜିଲା ସମ୍ପାଦକ ଶିଶିର ହୁଇ, ସିପିଏମ ରାଜ୍ୟ କମିଟି ସଦସ୍ୟ ନିର୍ମଳ ନାୟକ, ଜିଲା ସଭାପତି ପ୍ରେମ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଥିଲେ । ଖାଦ୍ୟଦ୍ରବ୍ୟ ଉପରୁ ଜିଏସଟି ପ୍ରତ୍ୟାହାର, ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ନିୟନ୍ତ୍ରଣ, ସରକାରୀ ଓ ରାଷ୍ଟ୍ରାୟତ ଉଦ୍ୟୋଗର ଖାଲି ପଡ଼ିଥିବା ପଦବୀ ପୂରଣ, ସମସ୍ତଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଗ୍ୟାରେଣ୍ଟି, ବାସହୀନଙ୍କୁ ଘରଡିହ ପଟ୍ଟା ଓ ଆବାସ ପ୍ରଦାନ, ଉତ୍ପାଦିତ ସମସ୍ତ ଫସଲର ଏମଏସପି ଧାର୍ଯ୍ୟ, ଶ୍ରମିକ ବିରୋଧୀ ୪ ଗୋଟି ଶ୍ରମ କୋଡ ବାତିଲ, ସମସ୍ତ ସ୍କିମ ୱାର୍କର୍ସଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, କୃଷକଙ୍କୁ ରିଆତି ମୂଲ୍ୟରେ ସାର ଓ କିଟନାଶକ ଔଷଧ ପ୍ରଦାନ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା, ନରେଗା ଯୋଜନାରେ ପ୍ରତ୍ୟେକଙ୍କୁ ୨୦୦ ଦିନର କାମ ଏବଂ ଦୈନିକ ମଜୁରୀ ୭୦୦ ଟଙ୍କାକୁ ବୃଦ୍ଧି, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ ପାଇଁ ସେମାନେ ଦାବି କରିଥିଲେ । ଅନ୍ୟପକ୍ଷରେ ବିଧାୟକ ଓ ସାଂସଦଙ୍କ ଦରମା ତଥା ଭତ୍ତା ବୃଦ୍ଧି କେଉଁ ନ୍ୟାୟରେ ବୋଲି ବକ୍ତାମାନେ ପ୍ରଶ୍ନ କରିଥିଲେ । ସାମ୍ପ୍ରତିକ ଦେଶର ସ୍ଥିତିକୁ ଗୁରୁତ୍ୱ ଦେଇ ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତେ ଏକ ହେବା ପାଇଁ ବାମପନ୍ଥୀ ନେତାମାନେ ସାଧାରଣ ଜନତାଙ୍କୁ ଆହ୍ୱାଦ ଦେଇଥିଲେ । କ୍ଷେତ ମଜଦୁର ୟୁନିୟନର କର୍ମକର୍ତ୍ତା ଦୀପ୍ତୀମାନ ଆଚାର୍ଯ୍ୟ, ସିଆଇଟିୟୁର ଜିଲା ସମ୍ପାଦକ ବିଜୟ ପାତ୍ର, ଦିଲ୍ଲୀପ ଗିରି, ସୁଦର୍ଶନ ଆଚାର୍ଯ୍ୟ, ସୁଶାନ୍ତ ଜେନା, ରାଜକିଶୋର ଲେଙ୍କା, ବୈକୁଣ୍ଠ ସାହୁ, ମଣ୍ଟୁ ନାୟକ, ଶେଖ ଆଜମତ, ରତନ ଦାସ, ଭଗବାନ ମହାନ୍ତି, ରବୀନ୍ଦ୍ର ବାରିକ ପ୍ରମୁଖ ଏହି ବିକ୍ଷୋଭ ସମାବେଶ ପରିଚାଳନା ସହ କେନ୍ଦ୍ର ଓ ରାଜ୍ୟ ସରକାର ଦାବି ପୂରଣ ଦିଗରେ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ । ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱର ବାର ଆସୋସିଏସନର କୋର୍ଟ ବର୍ଜନ



ବାଲେଶ୍ୱର,୦୮/୦୮ (ନି.ପ୍ର): ପୂର୍ବ ଘୋଷଣା ଅନୁସାରେ ବିଭିନ୍ନ ଦାବି ନେଇ ଜିଲା ବାର ଆସୋସିଏସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରର ଆଇନଜୀବୀମାନେ ସୋମବାର କାର୍ଯ୍ୟବନ୍ଦ ସହ କୋର୍ଟ ବର୍ଜନ କରିଥିଲେ । ଆସୋସିଏସନର ସଭାପତି ଆଇନଜୀବୀ ମନୋଜ ନାୟକ ଓ ସମ୍ପାଦକ ସମ୍ବିତ କୁମାର ନନ୍ଦୀଙ୍କ ନେତୃତ୍ୱରେ ଓକିଲମାନେ ଜିଲା ଓ ଦୌରାଜଜଙ୍କ କୋର୍ଟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ପିକେଟିଂ କରି ଜଜମାନଙ୍କୁ ପ୍ରବେଶ କରାଇ ଦେଇ ନଥିଲେ । ବାଲେଶ୍ୱର ଜିଲା ଓ ଦୌରାଜଜ ଭଗବାନ ପ୍ରଧାନଙ୍କ ସମେତ ବିଚାର ବିଭାଗର ଅନ୍ୟାନ୍ୟ ଜଜ ଓ ସଚିବ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବାର ଆସୋସିଏସନ କର୍ମକର୍ତାଙ୍କ ସହ ଆଲୋଚନା କରିଥିଲେ । ଆସୋସିଏସନ ପକ୍ଷରୁ କରାଯାଇଥିବା ଦାବିର ଯଥାର୍ଥତା ରହିଥିବା ବେଳେ ପର୍ଯ୍ୟାୟ କ୍ରମେ ଏହାର ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲା ଜଜ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ । ଏମିତିକି ରାଜ୍ୟ ଉଚ୍ଚ ନ୍ୟାୟଳୟ ମଧ୍ୟ ବାଲେଶ୍ୱରର ଆଇନଜୀବୀଙ୍କ ଦାବିର ଗୁରୁତ୍ୱକୁ ଗ୍ରହଣ କରି ରେଜିଷ୍ଟ୍ରାର ଦେଇଥିବା ପ୍ରତିଶ୍ରୁତି ଭିତ୍ତିକ ଚିଠି ସମ୍ପର୍କରେ ଜିଲା ଜଜ ଆସୋସିଏସନ କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ । ବାଲେଶ୍ୱରରେ ଖାଲି ପଡ଼ିଥିବା ଜଜ ପଦବୀ ପୂରଣ ପାଇଁ ନିକଟ ଭବିଷ୍ୟତରେ ୬ ଜଣ ଜଜ ନିଯୁକ୍ତ ହେବାକୁ ଯାଉଥିବା ଜିଲା ଜଜ ସୂଚନା ଦେଇଥିଲେ । ତୁରନ୍ତ ଏହି ଆନ୍ଦୋଳନରୁ ନିବୃତ ହେବା ପାଇଁ ଆସୋସିଏସନର କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ । ତେବେ ସଂଗଠନର ସାଧାରଣ ପରଷଦ ବୈଠକର ନିଷ୍ପତ୍ତି କ୍ରମେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଅପରାହ୍ନରେ ପୁନଃ ବୈଠକ ଆୟୋଜନ ସହ ଏଥିରେ ଆଲୋଚନାନ୍ତେ ଆନ୍ଦୋଳନ ସ୍ଥଗିତ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଆସୋସିଏସନ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । ଜିଲା ଜଜଙ୍କ ପରାମର୍ଶ ପରେ ଓକିଲ ସଂଘର ଆନ୍ଦୋଳନ ଆପାତତଃ ବନ୍ଦ ହୋଇଯାଇଥିବା ଲକ୍ଷ୍ୟ କରାଯାଇଥିଲା । ଅପରାହ୍ନରେ ହୋଇଥିବା ବୈଠକରେ ଆନ୍ଦୋଳନ ସ୍ଥଗିତ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

# ଗୋଟିଏ ଦିନରେ ୬୫୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୯୫୨୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୩୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୪୫୨୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୭୯୮ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୮୧ ଜଣ ସଂଗରୋଧରୁ ଓ ୨୭୧ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୨, ବାଲେଶ୍ୱର ଜିଲ୍ଲାରେ ୬, ବରଗଡ ଜିଲ୍ଲାରେ ୪୬, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗୀର ଜିଲ୍ଲାରେ ୪୭ ବୌଦ୍ଧ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୧୪, ଦେବଗଡ, ଜିଲ୍ଲାରେ ୭, ଗଜପତି ଜିଲ୍ଲାରେ ୬ , ଗଂଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୮, ଝାରସୁଗୁଡା ଜିଲ୍ଲାରେ ୯ . କଳାହାଣ୍ଡି ଜିଲ୍ଲାରେ ୩୬, କନ୍ଧମାଳ ଜିଲ୍ଲାରେ ୧୩, କେନ୍ଦ୍ରାପଡା ଜିଲ୍ଲାରେ ୨, କେନ୍ଦୁଝର ଜିଲ୍ଲାରେ ୧ , ଖୋର୍ଦ୍ଧା ଜିଲ୍ଲାରେ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୯, ମାଲକାନଗିରି ଜିଲ୍ଲାରେ ୨, ମୟୁରଭଂଜ ଜିଲ୍ଲାରେ ୪୩ , ନବରଙ୍ଗପୁର ଜିଲ୍ଲାରେ ୩୪, ନୟାଗଡ ଜିଲ୍ଲାରେ ୧୮, ନୂଆପଡା ଜିଲ୍ଲାରେ ୧୬, ପୁରୀ ଜିଲ୍ଲାରେ ୭, ରାୟଗଡା ଜିଲ୍ଲାରେ ୧୫, ସମ୍ବଲପୁର ଜିଲ୍ଲାରେ ୫୮, ସୋନପୁର ଜିଲ୍ଲାରେ ୨୧, ସୁନ୍ଦରଗଡ ଜିଲ୍ଲାରେ ୧୩୭ ଓ ଷ୍ଟେଟ ପୁଲରେ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଏସ୍. ଆଶ୍ୱଥୀ

ଭୁବନେଶ୍ୱର,୦୮/୦୮ (ନି.ପ୍ର):ଅଆଜି ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଏସ୍. ଆଶ୍ୱଥୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ନେବା ପରେ ଶାସନ ସଚିବ ଏସ୍. ଆଶ୍ୱଥୀ ବିଭାଗୀୟ ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶଙ୍କୁ ତାଙ୍କ ଲୋକସେବା ଭବନସ୍ଥିତ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଶ୍ରୀ ଉପେନ୍ଦ୍ର ତ୍ରିପାଠୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ଦାଶଙ୍କ ସହ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଆଦି ବାବଦରେ ସେ ଆଲୋଚନା କରିଥିଲେ । ବିଭାଗକୁ ଅଧିକ କ୍ରିୟାଶୀଳ କରି ଶିକ୍ଷା କ୍ଷେତ୍ରରେ ରାଜ୍ୟକୁ ଏକ ଉଚ୍ଚତର ସୋପାନକୁ ନେବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ । ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ ସମୟରେ ବିଭାଗରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରମୁଖ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ଦୀନକୃଷ୍ଣ କଲେଜର +୨ କଳାରେ କୃତିତ୍ୱ

ଜଳେଶ୍ୱର, ୦୮/୦୮ (ନି.ପ୍ର): ସମଗ୍ର ଉତ୍ତର ବାଲେଶ୍ୱରରେ ସର୍ବପୁରାତନ ଦୀନକୃଷ୍ଣ ମହାବିଦ୍ୟାଳୟର +୨ କଳା ଶ୍ରେଣୀରେ ୧୬୧ଜଣ ଛାତ୍ରଛାତ୍ରୀ କୃତିତ୍ୱ ସହିତ ପାସ୍ କରିଛନ୍ତି । ଏଥିରେ ସତ୍ୟଶ୍ରୀ ପରିଡା ୫୪୧ ନଂ ରଖି ମହାବିଦ୍ୟାଳୟ ଶ୍ରୀ ବୃଦ୍ଧି କରିଛନ୍ତି । ଦୀନକୃଷ୍ଣ ମହାବିଦ୍ୟାଳୟରେ ୬୩ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାର ଅଧ୍ୟକ୍ଷ ରାଧାରଂଜନ ସେନାପତି କହିଛନ୍ତି । ୨ୟ ଶ୍ରେଣୀରେ ୩୦ ଜଣ ଓ ୩ୟ ଶ୍ରେଣୀରେ ୬୮ଜଣ ପାସ୍ କରିଛନ୍ତି ।

# ସିକନ୍ଦର ଆଲାମ୍‌ଙ୍କ କଣ୍ଠର ଯାଦୁ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଆସୁଛି

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଓଡ଼ିଶା ଦ୍ୱିତୀୟ ସାଲବେଗ କୁହାଯାଉଥିବା ଲୋକପ୍ରିୟ କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲାମଙ୍କ ଦ୍ୱାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବୀନ୍ଦ୍ରମଣ୍ଡପ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେଲିନ୍ ମହାନ୍ତି, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସ୍ୱର୍ଗତ ଆଲାମଙ୍କ ଧର୍ମପତ୍ନୀ ନୈମା ଆଲାମ୍, କନ୍ୟା ସୋଫିଆ ଆଲାମ୍, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୟଲକ୍ଷ୍ମୀ ମହାପାତ୍ର, ଉଇ ଫର ଭୁବନେଶ୍ୱରର କର୍ମକର୍ତା, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ସିକନ୍ଦର ଆଲାମ୍ ପ୍ରଥମେ ଲକ୍ଷ୍ମୀ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିବା ବେଳେ ପରବର୍ତୀ ଅବସ୍ଥାରେ ଚଳଚ୍ଚିତ୍ର ସହିତ ଭଜନ ଗାୟନ କରି ଲୋକପ୍ରିୟତାର ଶୀର୍ଷରେ ପହଂଚିଥିଲେ । ତାଙ୍କ କଣ୍ଠରେ 'ଆରତ ସୁରେବାରେ କରେ ମୀନତିରେ' ଏବେବି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଆସୁଅଛି । ତାଙ୍କର ଉଚ୍ଚକୋଟୀର ଗାୟନ ଯୁଗେଯୁଗେ ନୂତନ ଗାୟକମାନଙ୍କୁ ଅନୁପ୍ରାଣିତ କରିବ ବୋଲି ମତଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ




ବାଲେଶ୍ୱର,୦୮/୦୮ (ନି.ପ୍ର): ଏସଆରବି ସ୍ୱସ୍ତିକ ପୋଭାର୍ଟି ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ବାହାନଗା ବ୍ଲକର ସାଉଡ଼ ପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସାଉଡ଼ ଶିବ ପ୍ରସାଦ ଜଗନ୍ନାଥ ତ୍ରିଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଜଣା ଲାଲ ମୋହନ ହାଇସ୍କୁଲ ଓ ଥାଲଛଡ଼ା ଦାମୋଦର ହାଇସ୍କୁଲ ପରିସରରେ ବୃକ୍ଷଚାରା ରୋପଣ ଆୟୋଜିତ ହୋଇଥିଲା । ବାଲେଶ୍ୱର ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ପରିବେଷ ପ୍ରଦୂଷଣ ବୃଦ୍ଧି ପାଇ ଚାଲିଥିବା ବେଳେ ସ୍ୱସ୍ତିକ ଫାଉଣ୍ଡେସନର ଏହି ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ । ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଏଥିରେ ଉପସ୍ଥିତ ରହି ଫାଉଣ୍ଡେସନର କାର୍ଯ୍ୟକର୍ତ୍ତାଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ । ଏସଆରବି ଫାଉଣ୍ଡେସନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେବା ସହିତ ଆଗାମୀ ଦିନରେ ଏହିଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ । ୩ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ । ବିଜୟ ବାରିକ, ସୁଶାନ୍ତ ପରିଡ଼ା, ସବିତା ମହାନ୍ତି, ଜ୍ୟୋତିପ୍ରକାଶ ସେଠୀ ପ୍ରମୁଖ ସଂଗଠନର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦିନ ଦ୍ୱିପ୍ରହରରେ ଥାନା ନିକଟରୁ ପୁଣି ଛିନ୍‌ତାଇ : ପଲସରରେ ଝାମ୍ପିନେଲେ ୭୦ ହଜାର

ଜଳେଶ୍ୱର, ୦୮/୮(ନି.ପ୍ର): ମାସକ ମଧ୍ୟରେ ଜଳେଶ୍ୱର ଥାନା ଇଲାକାରୁ ଦୁଇ ଦୁଇଥର ଦୁର୍ବୃତ୍ତମାନେ ଟଙ୍କା ଛିନ୍‌ତାଇ କରି ପୁଲିସ୍‌କୁ ଦେଇଛନ୍ତି ଚାଲେଞ୍ଜ । ଆଜି ଦ୍ୱିପ୍ରହରରେ ଜଣେ ଅଧ୍ୟାପିକା ଜଳେଶ୍ୱର ହାଟମୁହଁ ନିକଟରେ ଥିବା ୟୁକୋ ବ୍ୟାଙ୍କରୁ ନଗଦ ଉଠାଣ କରି ଏସ୍‌ବିଆଇ ଅଭିମୁଖେ ଯାଉଥିଲେ । ଥାନା ନିକଟ ଅଭିନନ୍ଦନ ଲୁଗା ଦୋକାନ ସମ୍ମୁଖରେ ୨ଜଣ ଯୁବକ ଏକ ପଲସରରେ ଆସି ମହିଳାଙ୍କ ଠାରୁ ୭୦ ହଜାର ଟଙ୍କା ଥିବା ବ୍ୟାଗ୍ ଝାମ୍ପି ନେଇଥିଲେ । ଏହି ଟଙ୍କା ଥଳିରେ ୟୁକୋ ବ୍ୟାଙ୍କର ଚେକ୍, ଷ୍ଟେଟବ୍ୟାଙ୍କ ଏକାଉଣ୍ଟ ଇତ୍ୟାଦି ରହିଥିବା ସଂପର୍କରେ ରାଇବଣିଆ ଥାନା ସରଡିହା ନିବାସୀ ତଥା ନିଳଗିରି କଲେଜର ଅଧ୍ୟାପିକା ଶିବାନୀ ଡଗର କହିଛନ୍ତି । ସେ ସଂଗେ ସଂଗେ ଚିତ୍କାର କରିଥିଲେ ମଧ୍ୟ ସ୍ଥାନୀୟ ଲୋକେ ବୁଝିପାରିନଥିଲେ । ପରେ ମହିଳା ଜଣକ ନିଜ ଭାଇଙ୍କ ସହିତ ଥାନାକୁ ଯାଇ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶଯୋଗ୍ୟ ଜଳେଶ୍ୱର ଅଂଚଳରୁ ପ୍ରାୟ ସୋମବାରରେ ବାରମ୍ବାର ଛିନ୍‌ତାଇ ହୋଇ ଆସୁଛି । ୬୦ନଂ ଜାତୀୟ ରାଜପଥ, ୫୭ ରାଜ୍ୟ ରାଜପଥ ଓ ଜଳେଶ୍ୱର ସହରରେ ଏପରି ଛିନ୍‌ତାଇ, ଲୁଟ, ଅପହରଣ, ଗାଡି ଚୋରଇ ନେବା ଇତ୍ୟାଦି ଘଟିଆସୁଥିବା ବେଳେ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଜଳେଶ୍ୱର ଏକ ଉପାନ୍ତ ଅଂଚଳ ହୋଇଥିବାରୁ ଏବଂ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ଚାନ୍ଦା ଆଦାୟର ପେଣ୍ଠସ୍ଥଳୀ ପାଲଟିଥିବାରୁ ପୁଲିସ୍ ପ୍ରଶାସନର ଉଦାସୀନତା ଯୋଗୁଁ ଏପରି କାର୍ଯ୍ୟ ବଢିଚାଲିଥିବା ସାଧାରଣରେ ଆଲୋଚନା ହେଉଛି ।

# ଜଳାଭିଷେକ କଲେ ୫୦୦ଶହ କାଉଁଡିଆ



ବସ୍ତା, ୦୮/୦୮ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଶାନ୍ତି କମିଟି ପକ୍ଷରୁ ସମୋବାର ଶୈବ ପିଠ ସିଦ୍ଧେଶ୍ୱର ବଟେଶ୍ୱର ମହାଦେବ ମନ୍ଦିର ପରିକ୍ରମାକରି ଜଳାଭିଷେକ କଲେ ୫୦୦ଶହରୁ ଉର୍ଦ୍ଧ କାଉଡିଆମାନେ । ଏହି କାର୍ଯ୍ୟକ୍ରମକୁ ଅଶୋକ କୁମାରଦାସ ଙ୍କ ତତ୍ୱାବ ଧାନରେ ମଥାନୀ ସମିତିସଭ୍ୟ ସୁନାରାମ ସରେନ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ଜଳକା ପ୍ରଜେକ୍ଟ ସ୍ଥିତ ଭାଇଭାଇ ଦୋକାନର ପ୍ରପାଇଟର ଅଜୟ ସିଂହ ସୁଜୟ ସିଂହ ଓ ତପନକୁମାର ସିଂହ କାଉଁଡିଆ ମାନଙ୍କୁ ବିସ୍କୁଟ ପକେଟ ଯୋଗାଇଥିଲେ । ରାସ୍ତାରେ ଯିବା ସମୟରେ କାଉଡିଆଙ୍କୁ ବିଭିନ୍ନ ସେଚ୍ଛାସେବୀ ପକ୍ଷରୁ ଗୁଲକୋଚ ପାଣି, ବୁଟସିଜା ସେଓ ବୁନ୍ଦିଆ ଦେଉଥିବାର ଦେଖିବାକୁ ମିଳିଛି । ତେବେ ୨ବର୍ଷରୁ ୧୮ବର୍ଷ ପୁଅ ଝିଅ ସମେତ ମହିଳା ମାନେ ଯୋଗ ଦେଇଥିଲେ । ପ୍ରତ୍ୟେକ ବର୍ଷଭଳି ଚଳିତ ବର୍ଷ ମଧ୍ୟ ବସ୍ତା ଥାନା ପକ୍ଷରୁ ସୁରକ୍ଷାପାଇଁ ପୁଲିସ ମୁତୟନ ହୋଇଥିଲେ । ଅରୁଣ ଓଝା, କାହ୍ନୁଦାସ, ଗାନ୍ଧି ସାହୁ, ସମ୍ଭୁନାଥ ଆଇଚ, ଅଗଣା ସାହୁ, ତାପସ ରାୟ, ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତରହି ମଥାନୀ ମେଳନ ପଡିଆ ପାଖ ଜଳକାନଦୀରୁ ପାଣିଧରି ବଡଖୁଡି ଓ ପୁଡାପୋଡା ଶୈବ ପିଠରେ ପହଞ୍ଚି ଜଳାଭିଷେକ କରିଥିଲେ ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା ଅନୁଷ୍ଠାନ ତରଫରୁ ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ ପାଇଁ ତୃଣମୂଳ ସ୍ତରରେ ବିଜେଡିର ପ୍ରସ୍ତୁତି



ବାରିପଦା, ୦୮/୦୮ (ନି.ପ୍ର): ଆଗାମୀ ଅଗଷ୍ଟ ୧୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସରକାରୀ ଗସ୍ତରେ ମୟୁରଭଂଜ ଜିଲ୍ଲା ଗସ୍ତରେ ଆସି ଦୁଇଟି ଜଳସେଚନ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ତେବେ ସରକାରୀ ସ୍ତରରେ ଜିଲ୍ଲା ପ୍ରସାଶନ ପକ୍ଷରୁ ପ୍ରସ୍ତୁତି ଚୁଡାନ୍ତ ହୋଇଥିବା ବେଳେ, ଏହାକୁ ନେଇ ବିଜୁ ଜନତା ଦଳର ନେତା କର୍ମୀ ମାନେ ମଧ ଖୁବ ତତ୍ପରତା ସହିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ତୃଣମୂଳ ସ୍ତରରେ ସ୍ଥାନୀୟ ମରୋଡା ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ବ୍ୟାପକ ପ୍ରସ୍ତୁତି ଚାଲିଥିବାର ଦେଖା ଯାଇଛି । ମୁଖ୍ୟମନ୍ତ୍ରୀ ପ୍ରଥମେ ୧୨ ତାରିଖ ଦିନ ସକାଳ ସାଢେ ଦଶଟା ସମୟରେ କରଂଜିଆ ର ଦେଓ ଜଳସେଚନ ପ୍ରକଳ୍ପର ମୁଖ୍ୟ ସୁଇସ ଗେଟରେ ପାଣି ଛାଡି ଉଦଘାଟନ କରିବାର କାର୍ଯ୍ୟକ୍ରମ ସାରିବା ପରେ ରାସଗୋବିନ୍ଦପୁର ଟିକପଦା ଠାରେ ଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଏକ ଅତିରିକ୍ତ ପ୍ରକଳ୍ପକୁ ଉଦଘାଟନ କରିବେ ବୋଲି ଜଣା ଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସୂଚୀକୁ ନେଇ ଆଜି ରାସଗୋବିନ୍ଦପୁର ବ୍ଲକ ଝାଟିଅଡା ଠାରେ ମୋରଡା ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ପ୍ରମୁଖ ପ୍ରସ୍ତୁତି ପର୍ବର ତଦାରଖ କରିଥିଲେ । ଏହି ବୈଠକରେ ଝାଟିଅଡା ପଂଚାୟତର ସରପଂଚ ବୁଧିଆ ମୁର୍ମୁ, ପଂଚାୟତ ସମିତି ସଭ୍ୟ ହିରାମଣି ସୋରେନ ପ୍ରମୁଖଙ୍କ ସହ ସ୍ଥାନୀୟ ଅଂଚଳର ବହୁ ବିଜେଡି କର୍ମକର୍ତା ମାନେ ଯୋଗ ଦେଇଥିଲେ । ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ରାଜନୈତିକ ଦୃଷ୍ଟିକୋଣରୁ ବିଜେଡି ପାଇଁ ବେଶ ଗୁରୁତ୍ୱ ବହନ କରୁଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କୁ ରାସଗୋବିନ୍ଦ ପୁର ଟିକପଦା ଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସ୍ୱାଗତ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଥିବାର ଜଣା ଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo